ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୮ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 December 2025
Vol.No. 36 ■ No.323 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ...


ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ସେନାକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ବଡ଼ ଭେଟି: ଲଦାଖରେ ଉଦ୍‌ଘାଟିତ ହେଲା ବହୁ ପ୍ରତୀକ୍ଷିତ 'ଶ୍ୟୋକ୍ ଟନେଲ୍'







ନୂଆଦିଲ୍ଲୀ,୦୭/୧୨ : ଦେଶର ସୀମା ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ଲଦାଖ ଗସ୍ତ ସମୟରେ ସେ ଭାରତୀୟ ସେନାକୁ ଏକ ବଡ଼ ଭେଟି ପ୍ରଦାନ କରି ବହୁ ପ୍ରତୀକ୍ଷିତ 'ଶ୍ୟୋକ୍ ଟନେଲ୍'ର ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ସୀମା ସଡ଼କ ସଂଗଠନ ଦ୍ୱାରା ନିର୍ମିତ ମୋଟ ୧୨୫ଟି ରଣନୈତିକ ଭିତ୍ତିଭୂମି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ରାଜନାଥ ସିଂହ ଉଦଘାଟନ କରିଥିବା ଏହି ଶ୍ୟୋକ୍ ଟନେଲର ଲମ୍ବ ୯୮୨ ମିଟର । ଏହା ଦରବୁକ୍-ଶ୍ୟୋକ୍-ଦୌଲତ୍ ବେଗ୍ ଓଲ୍ଡି ରୋଡ୍‌ରେ ଅବସ୍ଥିତ । ଏହି ଟନେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ରଣନୈତିକ ଗୋପନୀୟତା । ଏହି ଟନେଲକୁ ଉପଗ୍ରହ ବା ସାଟେଲାଇଟ୍ ଦ୍ୱାରା ମଧ୍ୟ ଠାବ କରାଯାଇପାରିବ ନାହିଁ, ଯାହା ଶତ୍ରୁପକ୍ଷର ନଜରରୁ ସେନାର ଗତିବିଧିକୁ ଲୁଚାଇ ରଖିବାରେ ସହାୟକ ହେବ । କେବଳ ସୁରକ୍ଷା ବାହିନୀ ନୁହେଁ, ସାଧାରଣ ଲୋକଙ୍କ ଯାତାୟାତ ପାଇଁ ମଧ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ । ଏହି ଗସ୍ତ ସମୟରେ ପ୍ରତିରକ୍ଷା ମନ୍ତ୍ରୀ ମୋଟ ୧୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଏଥିମଧ୍ୟରେ ୨୮ଟି ରାସ୍ତା ଏବଂ ଅନ୍ୟାନ୍ୟ ୯୩ଟି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ସଂଯୋଗକାରୀ ପଥ ସାମିଲ ରହିଛି । ଏହି ସମସ୍ତ ପ୍ରକଳ୍ପ ସୀମାନ୍ତ ଅଞ୍ଚଳରେ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ସହ ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ମଜଭୁତ କରିବ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଏସବୁର ଉଦଘାଟନ କରିବାର ଥିଲା । କିନ୍ତୁ ଖରାପ ପାଗ ଯୋଗୁଁ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମ ସ୍ଥଳ ପରିବର୍ତ୍ତନ କରାଯାଇଥିଲା । ଫଳରେ ଲେହର ରିଞ୍ଚେନ ଅଡିଟୋରିୟମରୁ ହିଁ ରାଜନାଥ ସିଂହ ଏହି ସମସ୍ତ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଭାରତର ସୀମା ସୁରକ୍ଷା ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ବୋଲି ବିବେଚନା କରାଯାଉଛି ।

# ପ୍ରବଳ ଶୀତରେ ଥରୁଛି ଓଡ଼ିଶା: ସକାଳୁ ଓ ସନ୍ଧ୍ୟା ପରେ ଘରୁ ବାହାରିବା ମୁସ୍କିଲ



ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଡିସେମ୍ବର ମାସର ସପ୍ତାହ ପୁରିଲାଣି । ଫଳରେ ଧୀରେ ଧୀରେ ରାଜ୍ୟରେ ଶୀତର ତାଉ ବଢିବାରେ ଲାଗିଛି । କାଲୁଆ ପବନ ଜନଜୀବନ କୁ କଲବଲ କରିଦଉଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୬ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଆସିଛି । ରାଉରକେଲାର ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରି ରେକର୍ଡ ହୋଇଛି । ଦାରିଙ୍ଗବାଡ଼ିର ୭.୫ ଡିଗ୍ରି ଥିବାବେଳେ ଝାରସୁଗୁଡ଼ା ୭.୬ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି । ଏଭଳି ସ୍ଥିତିରେ ଶୀତ ଲହରୀ ଆଜିଠୁ ଆହୁରି ବୃଦ୍ଧି ପାଇବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଆହୁରି ସପ୍ତାହେ ପ୍ରବଳ ଥଣ୍ଡା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ରାଜ୍ୟର ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଅଞ୍ଚଳ, ସବୁଠି ପାରଦ ଖସିବା ଯୋଗୁଁ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଆଗାମୀ ୭ ଦିନ ଯାଏଁ ରାଜ୍ୟରେ ପାଗରେ କୌଣସି ପରିବର୍ତ୍ତନ ସମ୍ଭାବନା ନାହିଁ । ଘନ କୁହୁଡ଼ି ନେଇ ୩ ଜିଲ୍ଲା ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟକୁ ୟଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏସବୁ ଜିଲ୍ଲାରେ କିଛି ସ୍ଥାନରେ ସର୍ବନିମ୍ନ ଦୃଶ୍ୟମାନ ଦୂରତା ୫୦ ମିଟର ରହିବ ଅନୁମାନ କରାଯାଇଛି । ସେହିପରି ପ୍ରବଳ ଥଣ୍ଡା ନେଇ ୪ ଜିଲ୍ଲା ଅନୁଗୁଳ, ଝାରସୁଗୁଡ଼ା, ଖୋର୍ଦ୍ଧା ଓ ଜଗତସିଂହପୁରକୁ ୱାର୍ଣ୍ଣିଂ ଜାରି ହୋଇଛି । ତେବେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା, ଦକ୍ଷିଣ ଉପକୂଳ ଓଡ଼ିଶା ତାପମାତ୍ରା ସ୍ୱାଭାବିକ୍ ଠୁ ପ୍ରାୟ ୪ରୁ ୬ ଡିଗ୍ରୀ ସେଲସିୟସ୍ କମ ରହିଛି। କିନ୍ତୁ ଉତ୍ତର ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ରହିଛି ।

# ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ବିହାରରୁ ଜଣେ ଗିରଫ





ଭୁବନେଶ୍ୱର, ୦୭/୧୨ (ନି.ପ୍ର): ବହୁଚର୍ଚ୍ଚିତ ରାଜ୍ୟ ପୁଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଆଉ ଏକ ସଫଳତା ମିଳିଛି। ସିବିଆଇ ଟିମ୍ ପରୀକ୍ଷା କେଲେଙ୍କାରୀ ମାମଲାରେ ଜରେ ଅଭିଯୁକ୍ତକୁ ବିହାରର ଗିରଫ କରିଛନ୍ତି। ଏହି ମାମଲା ସହିତ ଜଡ଼ିତ ଅଭିଯୁକ୍ତ ଧରାପଡ଼ିବା ଭୟରେ ବିହାରରେ ଯାଇ ଲୁଚିଥିଲା। କିନ୍ତୁ ସିବିଆଇ ନଜରରୁ ଖସିଯାଇ ପାରି ନଥିଲା। ଅଭିଯୁକ୍ତକୁ ବିହାରରୁ ଗିରଫ କରିଛି। ପୁଲିସ ଏସ୍‌ଆଇ ଦୁର୍ନୀତି ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ଜଣାପଡ଼ିଛି। ରାଜ୍ୟର ପ୍ରମୁଖ ଦଲାଲଙ୍କ ସମେତ ଅନ୍ୟ ରାଜ୍ୟର ଲୋକ ମଧ୍ୟ ଏହି କଲେଙ୍କାରୀରେ ସଂପୃକ୍ତ ଅଛନ୍ତି। ସିବିଆଇ ଗିରଫ ଅଭିଯୁକ୍ତକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣୁଛି। ପଚରାଉଚୁରା ସମୟରେ ଅଧିକ ତଥ୍ୟ ମିଳିବ ବୋଲି ଜଣାପଡ଼ିଛି।

▶▶ପୃଷ୍ଠା ୭

# ଘଟଗାଁ 'ମା' ତାରିଣୀ ପୀଠ ସମନ୍ୱିତ ବିକାଶ ପ୍ରକଳ୍ପ'ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ





କେନ୍ଦୁଝର, ୦୭/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା' ତାରିଣୀ ପୀଠର ବିକାଶ ପାଇଁ ୩୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବହୁ ପ୍ରତୀକ୍ଷିତ ସୌନ୍ଦର୍ଯ୍ୟୀକରଣ ଓ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ପାଖାପାଖି ୬୦ ଏକର ଅଞ୍ଚଳର ବିକାଶ କରାଯିବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଏକ ବିଶାଳ ରୋଡ୍ ସୋ' ଆସି ଘଟଗାଁ ତାରିଣୀ ପୀଠରେ ପହଞ୍ଚିଥିଲେ। ଏହାପରେ ମିନି ଷ୍ଟାଡିୟମରେ ସାଧାରଣ ସଭାକୁ ଉଦବୋଧନ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପ୍ରକଳ୍ପର ଶୁଭାରମ୍ଭ ତଥା ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ମା'ଙ୍କ ପୀଠ ସମେତ ପୂରା ଘଟଗାଁ ବଜାରକୁ ସୁସଜ୍ଜିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଆକାଶ ଦାସ ନାୟକ, ହିମାଂଶୁ ଶେଖର ସାହୁ, ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ୟମରେ ଘଟଗାଁ ହେବ ଓଡ଼ିଶାର ଏକ ପ୍ରମୁଖ ଆକର୍ଷଣୀୟ ଆଧାତ୍ମିକ ଓ ସାଂସ୍କୃତିକ ଶକ୍ତି କେନ୍ଦ୍ର। ଯାତ୍ରୀ ସୁବିଧା, ରାସ୍ତା ଓ ଯୋଗାଯୋଗ, ପୁଷ୍କରିଣୀ ସମୂହର ବିକାଶ, ସୁଦୃଶ୍ୟ ବ୍ୟାଖ୍ୟାନ କେନ୍ଦ୍ର, ଯାତ୍ରୀନିବାସ, ପ୍ରାଚୀର ସହ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା, ମନ୍ଦିର ଆଭ୍ୟନ୍ତରୀଣ ଓ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ବଡ଼ ବିକାଶ ଯୋଜନା ଏଥିରେ ଅନ୍ତର୍ଭୁକ୍ତ। ୨୧୬ ଶଯ୍ୟାବିଶିଷ୍ଟ ଯାତ୍ରୀନିବାସ, ୫୦୦ ଲୋକଙ୍କ ଏକସଙ୍ଗେ ପ୍ରସାଦସେବନ ବ୍ୟବସ୍ଥା, ନଡ଼ିଆ ଗୋଦାମ ସହିତ ମା' ତାରିଣୀ ମନ୍ଦିର ସମ୍ବନ୍ଧିତ ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ହେବ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ଏହି ବିକାଶ ଯୋଜନା ପ୍ରସ୍ତୁତ ହୋଇଛି।

▶▶ପୃଷ୍ଠା ୭

# ମଣିପୁରରେ ବିଭିନ୍ନ ଉଗ୍ରବାଦୀ ସଂଗଠନର ୧୧ ଉଗ୍ରବାଦୀ ଗିରଫ

ନୂଆଦିଲ୍ଲୀ,୦୭/୧୨ : ମଣିପୁରରେ ଦାଦାବଟି ଆଦାୟ ଏବଂ ଉଗ୍ରବାଦୀ କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ସୁରକ୍ଷା ବାହିନୀ ଏବଂ ରାଜ୍ୟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ଏକ ବିଶାଳ ମିଳିତ ଅଭିଯାନ ଚଳାଇ ବିଭିନ୍ନ ଉଗ୍ରବାଦୀ ସଂଗଠନର ୧୧ ଜଣ କ୍ୟାଡରଙ୍କୁ ଗିରଫ କରିଛି। ଇମ୍ଫାଲ ପଶ୍ଚିମ, ଥୌବାଲ, ବିଷ୍ଣୁପୁର ଏବଂ କାକଚିଙ୍ଗ୍ ଜିଲ୍ଲାରେ କରାଯାଇଥିବା ଏହି ଅପରେସନ୍ ଉପତ୍ୟକା ଅଂଚଳରେ ସକ୍ରିୟ ନେଟୱାର୍କଗୁଡ଼ିକୁ ଦୁର୍ବଳ କରିବାର ରଣନୀତିକୁ ଆହୁରି ତ୍ୱରାନ୍ୱିତ କରୁଛି।

# ୬ ଦିନ ପରେ ବି ସ୍ୱାଭାବିକ ହେଉନି ବିମାନ ସେବା: ଷଷ୍ଠ ଦିନରେ ୬୫୦ରୁ ଅଧିକ ବିମାନ ବାତିଲ





ନୂଆଦିଲ୍ଲୀ,୦୭/୧୨ : କ୍ରମାଗତ ଭାବେ ଷଷ୍ଠ ଦିନରେ ଜାରି ରହିଛି ବିମାନ ଯାତ୍ରା ସଂକଟ । ଆଜି ବି ସ୍ୱାଭାବିକ ହୋଇ ପାରିନି ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବା । ଦିଲ୍ଲୀରେ ୧୦୮, ବେଙ୍ଗାଲୁରୁରେ ୧୫୦, ହାଇଦ୍ରାବାଦରେ ୧୩୮ ସହ ଦେଶର ବିଭିନ୍ନ ବିମାନବନ୍ଦରରେ ୬୫୦ରୁ ଅଧିକ ବିମାନ ବାତିଲ କରାଯାଇଛି । ଏତେ ସଂଖ୍ୟାରେ ବିମାନ ବାତିଲ ଯୋଗୁଁ ହନ୍ତସନ୍ତ ହୋଇଛନ୍ତି ଯାତ୍ରୀ । ଭୁବନେଶ୍ୱର ବିମାନବନ୍ଦରରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ଦିଲ୍ଲୀ ଯିବାକୁ ଟିକେଟ୍ କରିଥିବା ଯାତ୍ରୀ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଛନ୍ତି । ବିମାନ ଯାତ୍ରା ସଂକଟକୁ ନେଇ ବେସାମରୀକ ବିମାନ ଚଳାଚଳ ମନ୍ତ୍ରାଳୟ କଡା ଆଭିମୁଖ୍ୟ ଆପଣାଇଛି । ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଛି । ବାତିଲ ହୋଇଥିବା ବିମାନ ଭଡ଼ା ଟଙ୍କା ୨୪ ଘଣ୍ଟା ଭିତରେ ଫେରାଇବାକୁ ନିର୍ଦ୍ଦେଶ ଦେଇଛି । ଅନ୍ୟ କମ୍ପାନୀଙ୍କୁ ବିମାନ ଭଡ଼ା ନବଢ଼ାଇବାକୁ ନିର୍ଦ୍ଦେଶ ସହ ଦର ଧାର୍ଯ୍ୟ କରିଛି ଡିଜିସିଏ । ପୁଣି ଥରେ କ୍ଷମା ମାଗିଛନ୍ତି ଇଣ୍ଡିଗୋ କର୍ତ୍ତୃପକ୍ଷ । ଏଥିସହ ୧୬୫୦ ବିମାନ ବିଭିନ୍ନ ରୁଟରେ ଉଡ଼ାଣ ଭରିଥିବା ଇଣ୍ଡିଗୋ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପଟେ ଏହି ପ୍ରସଙ୍ଗକୁ ନେଇ ତେଜିଛି ରାଜନୈତିକ ବୟାନବାଜି । ରାଜନୈତିକ ବୟାନବାଜି ଜାରି ରହିଥିବାବେଳେ, ୧୦ରୁ ୧୫ ତାରିଖ ଭିତରେ ବିମାନ ଚଳାଚଳ ସ୍ୱାଭାବିକ ହୋଇପାରେ ବୋଲି କହିଛି ଡିଜିସିଏ ।

# ନାଇଟ୍ କ୍ଲବ୍ ପାଲଟିଗଲା ନିଆଁ ପିଣ୍ଡୁଳା: ୨୫ ମୃତ



ନୂଆଦିଲ୍ଲୀ,୦୭/୧୨ : ଗୋଆର ରାଜଧାନୀ ପଣଜୀଠାରୁ ପ୍ରାୟ ୨୫ କିମି ଦୂର ଅରପୋରା ଗାଁରେ ଥିବା ନାଇଟ କ୍ଲବ୍‌ରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୪ ଜଣ ନାଇଟକ୍ଲବର କର୍ମଚାରୀ ଥିବା ବେଳେ ୪ ଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି। ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ଏହି ଘଟଣା ଘଟିଥିଲା। ନାଇଟ୍ କ୍ଲବ୍ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ସେଠାରେ ପ୍ରାୟ ୧୦୦ ଜଣ ଲୋକ ଉପସ୍ଥିତ ଥିଲେ। ନାଚଗୀତ ଚାଲିଥିବା ବେଳେ ହଠାତ୍ ନାଇଟକ୍ଲବରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ପରେ ନାଇଟ୍ କ୍ଲବରେ ଥିବା ଲୋକେ ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଅନେକ ସେଠାରୁ ବାହାରି ଯିବାରେ ସକ୍ଷମ ହୋଇଥିଲେ। ଆଉ କେତେକ ନାଇଟ୍ କ୍ଲବ୍‌ର ତଳ ମହଲାରେ ଥିବା ରୋଷେଇ ଘର ଆଡ଼କୁ ଦୌଡ଼ି ପଳାଇଥିଲେ। ଦେଖୁ ଦେଖୁ କିଛି ସମୟ ମଧ୍ୟରେ ନାଇଟ୍‌କ୍ଲବଟି ଏକ ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ପରେ ପାଉଁଶ ହୋଇଯାଇଥିବା ନାଇଟ୍ କ୍ଲବ୍‌ରୁ ୨୫ଟି ମୃତ ଦେହ ମିଳିଥିଲା। ୧୮ଟି ମୃତଦେହକୁ ଚିହ୍ନଟ କରାଯାଇଥିବା ବେଳେ ଆହୁରି ୭ ଜଣଙ୍କୁ ଚିହ୍ନଟ କରାଯାଇପାରିନାହିଁ। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ତା' ସହିତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ତା' ସହିତ ସେ ଗୋଆ ମୁଖ୍ୟମନ୍ତ୍ରୀଙ୍କ ସହିତ ଏହି ଘଟଣା ସଂପର୍କରେ ଆଲୋଚନା କରିଛନ୍ତି ଓ ପୀଡ଼ିତମାନଙ୍କୁ ଯଥା ସମ୍ଭବ ସମସ୍ତ ପ୍ରକାର ସହାୟତା କରିବାକୁ କହିଛନ୍ତି। ଅଗ୍ନିକାଣ୍ଡ ଘଟିବା ବେଳେ ନାଇଟ୍ କ୍ଲବ୍‌ରେ ଉପସ୍ଥିତ ଥିବା ହାଇଦ୍ରାବାଦର ଫାତିମା ଶେଖ କହିଛନ୍ତି ଯେ ନିଆଁ ଲାଗିବା ମାତ୍ରେ ଲୋକେ ଭୟଭୀତ ହୋଇ ଚିତ୍କାର

▶▶ପୃଷ୍ଠା ୭

# ସହୀଦ ଜୟୀ ରାଜଗୁରୁଙ୍କ ୨୨୦ତମ ମହାପ୍ରୟାଣ ଦିବସ ପାଳିତ

ପୁରୀ,୦୭/୧୨ (ନି.ପ୍ର): ସହୀଦ ଜୟୀ ରାଜଗୁରୁ ସ୍ୱାଧୀନତା ଆନ୍ଦୋଳନର ଏକ ସ୍ୱର୍ଣ୍ଣିତ ନାମ। ସାହସ, ଶୌର୍ଯ୍ୟ ଓ ଅଦମ୍ୟ ବୀରତ୍ୱର ପ୍ରତୀକ ଥିଲେ ସେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଚିର ଅମର ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ୨୨୦ ତମ ମହାପ୍ରୟାଣ ତିଥିରେ ସହୀଦଙ୍କ ମହାପ୍ରୟାଣ ଦିବସ ଅବସରରେ ପୂର୍ବାହ୍ନରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନିକଟସ୍ଥ ପୁଷ୍କରିଣୀରେ ସହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା।

ସହୀଦଙ୍କ ଜନ୍ମସ୍ଥାନ ବୀର ହରେକୃଷ୍ଣ ପୁର ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଗୋପୀନାଥ ଦେବସ୍ଥାନ ସମିତି ଓ ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓଡିଶାଙ୍କ ମିଳିତ ସହଯୋଗରେ ଆୟୋଜିତ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓ ସଦର ବିଡ଼ିଓ ସମ୍ବିତ ଶତପଥୀ ଜୟୀ ରାଜଗୁରୁଙ୍କ ସ୍ମୃତି ଚାରଣ କରି ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୟୀ ରାଜଗୁରୁ ଜଣେ ଦୃଢ଼ମନା, ଅଦମ୍ୟ ଦେଶପ୍ରେମୀ ଓ ସାହସୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆଜିର ଯୁବ ପିଢ଼ି ତାଙ୍କ ବିଷୟରେ ପଢିବା, ତାଙ୍କ ଚରିତ୍ର ଓ ଆଦର୍ଶକୁ ଅନୁସରଣ କଲେ ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଜୟୀ ରାଜଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ସହୀଦଙ୍କ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ମୃତି ପରିଷଦର ସହଯୋଗରେ ଜୟୀ ରାଜଗୁରୁଙ୍କ ଉପରେ ପୁସ୍ତକ ପ୍ରକାଶିତ ହୋଇଛି ବୋଲି ସୂଚନା ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧକ୍ଷତା କରିବା ସହ ଜୟୀ ରାଜଗୁରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବୀର ହରେକୃଷ୍ଣପୁର ଗ୍ରାମ କମିଟି ସଭାପତି ଭାସ୍କର ନାରାୟଣ ରଥ, ଉପ ସଭାପତି ପ୍ରକାଶ ଚନ୍ଦ୍ର ରଥ, ସମିତି ସଭ୍ୟ ଅଜୟ କୁମାର ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଗ୍ରାମ୍ୟ କମିଟି ସଦସ୍ୟ ହରି ଶଙ୍କର ମିଶ୍ର, ଦେବୀ ପ୍ରସାଦ ମହାପାତ୍ର, ରାଜେଶ କୁମାର ରଥ, ରବି ନାରାୟଣ ମିଶ୍ର, ଆଶୁତୋଷ ମିଶ୍ର, ହିମାଂଶୁ ମିଶ୍ର, ସତ୍ୟଜିତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ କରିଥିଲେ। ପୂର୍ବରୁ ପୁରୀ ରେଲୱେ ଷ୍ଟେସନ ଠାରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଉପ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ଅନ୍ୟମାନେ ମାଲ୍ୟାର୍ପଣ କରିଥିଲେ ।

# ସହଯୋଗ ଫାଉଣ୍ଡେସନ୍ ବଲାଙ୍ଗୀର ପକ୍ଷରୁ ପଶୁଙ୍କ ପାଇଁ ଖାଦ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ

ବଲାଙ୍ଗିର,୦୭/୧୨ (ନି.ପ୍ର): ବଲାଙ୍ଗୀରର ପ୍ରମୁଖ ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ୍ ୦୬.୧୨.୨୫ ଠାରୁ ପୃଥ୍ୱୀରାଜ ଗୋଶାଳାରେ ସହାନୁଭୂତି ପୂର୍ଣ୍ଣ ନୂଆ ପରିକଳ୍ପନା ପଶୁଙ୍କ ପାଇଁ ଖାଦ୍ୟ ରୋଟି, କଂଚା ତରକାରୀ ଏବଂ ବିସ୍କୁଟ ବିତରଣ କାର୍ଯ୍ୟକ୍ରମ”ର ଶୁଭାରମ୍ଭ କରିଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ଗାଇ ଏବଂ କୁକୁର ମାନଙ୍କୁ ରୋଟି, କଂଚା ତରକାରୀ ଏବଂ ବିସ୍କୁଟ ଖୁଆଇ ସୁସ୍ଥ ଓ ପୋଷଣ ଯୋଗାଇବା। ମାନବମାତ୍ରକୁ ସେବା କରିବା ସହିତ ସହିତ ନିର୍ବଳ, ନିର୍ବାକ ପଶୁମାନଙ୍କ ପ୍ରତି ଦାୟିତ୍ୱବୋଧ ପ୍ରଦର୍ଶିତ କରି ସଂସ୍ଥା ପୁଣିଥରେ ନୂଆ ଦିଗରେ ପଦକ୍ଷେପ ନେଲା। ପୃଥ୍ୱିରାଜ ଗୋଶାଳାରେ ଆୟୋଜିତ ଉଦ୍ଘାଟନ କାର୍ଯ୍ୟକ୍ରମରେ ସି ଏ ନରେନ୍ଦ୍ର ଜେନ୍, ବିଷ୍ଣୁ ପ୍ରସାଦ କେଡିଆ, ଡଃ ସୁରେଶ ଷଡ଼ଙ୍ଗୀ , ଲାୟନ୍ ଲୋକନାଥ ମିଶ୍ର, ସୁଦୀପ୍ତ ତ୍ରିପାଠୀ ଏବଂ ପବନ ଅଗ୍ରୱାଲଙ୍କ ଉପସ୍ଥିତି ରହିଥିଲା। ତାଙ୍କର ଉପସ୍ଥିତି ଏହି ପୂଣ୍ୟ କାର୍ଯ୍ୟକୁ ଅଧିକ ପ୍ରେରଣା ପ୍ରଦାନ ସହିତ ଶକ୍ତି ଦେଇଥିଲା। କାର୍ଯ୍ୟକ୍ରମ ସମନ୍ୱୟକାରୀ ଡଃ. ପଂଚାନନ ପ୍ରଧାନ କହିଥିଲେ ଯେ, ସହଯୋଗ ଫାଉଣ୍ଡେସନ୍ ପ୍ରତି ଶନିବାର ସକାଳେ ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ଏହି ପଶୁ ଖାଦ୍ୟ ବିତରଣ କାର୍ଯ୍ୟକ୍ରମକୁ ନିୟମିତ ଭାବେ କରିବ। ସେ କହିଥିଲେ ଯେ, ପଶୁମାନଙ୍କ ଦେଖାରେଖା କରିବା ସମାଜର ମୌଳିକ ଦାୟିତ୍ୱ ଏବଂ ଏପରି ନିୟମିତ ପ୍ରୟାସ ସମାଜରେ କରୁଣାର ସୁଦୃଢ଼ ବାର୍ତ୍ତା ପ୍ରସାର କରେ। ସଂସ୍ଥାର ସାଧାରଣ ସମ୍ପାଦିକା ଶ୍ରୀମତୀ ପିଙ୍କି ମୋଦୀ କହିଛନ୍ତି ଯେ, ସହଯୋଗ ଫାଉଣ୍ଡେସନ୍ ବିଗତ ତିନି ବର୍ଷ ଧରି ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ମାଗଣାରେ ଖାଦ୍ୟ ବିତରଣ କାର୍ଯ୍ୟକ୍ରମ ସଫଳତାର ସହ ଜାରି ରଖିଛି ଏବଂ ହଜାର ହଜାର ଜଣଙ୍କୁ ସେବା ଦେଇ ଆସୁଅଛି। ସେ କହିଛନ୍ତି ଯେ, ମାନବମାନଙ୍କ ପରି ପଶୁମାନେ ମଧ ସ୍ନେହ, ସୁରକ୍ଷା ଏବଂ ପୋଷଣର ଆବଶ୍ୟକ ରଖନ୍ତି। ଏହି ନୂତନ ପଦକ୍ଷେପର ମାଧ୍ୟମରେ ସଂସ୍ଥା ମାନବ ସେବା ସହିତ ପଶୁ ସେବାକୁ ମଧ ସମାନଭାବେ ପ୍ରାଧାନ୍ୟ ଦେବାକୁ ଚାହୁଁଛି।

ସହଯୋଗ ଫାଉଣ୍ଡେସନ୍ ସମସ୍ତ ସେବକ, ଦାତା ଓ ସମର୍ଥକ ମାନଙ୍କୁ ତାଙ୍କ ଅମୂଲ୍ୟ ସହଯୋଗ ପାଇଁ ହୃଦୟ ଗଭୀର ପ୍ରଦେଶରୁ ଧନ୍ୟବାଦ ଜଣାଇଛି। ସଂସ୍ଥାର ବିଶ୍ୱାସ, ପଶୁ ସେବା, ମାନବ ସେବାର ଏକ ପବିତ୍ର ରୂପ” ଏବଂ ଏହି ପ୍ରୟାସ ଆଉ ଅନେକଙ୍କୁ ପଶୁ କଲ୍ୟାଣରେ ସହଯୋଗୀ ହେବାକୁ ପ୍ରେରଣା ଦେବ ବୋଲି ଆଶା ରହିଛି।

## ଟ୍ରଲର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବଣେଇ,୦୭/୧୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡ ଅନ୍ତର୍ଗତ ରମଲେଇ ଛକ ନିକଟରେ ଆଜି ସକାଳେ ଟ୍ରଲର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଦୁଇ ଯୁବକଙ୍କ ପରିଚୟ ମିଳି ପାରିନାହିଁ । ସୂଚନା ଅନୁଯାୟୀ, ବଣେଇ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ରମଲେଇ ଛକ ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଇକ୍ ଯୋଗେ ଦୁଇ ଜଣ ଯୁବକ ନରେନ୍ଦ୍ର ପଟୁ ଆସୁଥିବା ବେଳେ ପଛପଟୁ ଏକ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଂଚି ମୃତ ଦୁଇ ଯୁବକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି। ଟ୍ରଲର ଚାଳକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏଠାରେ ଉଲ୍ଲେଖଯୋଗ୍ୟ, ଦୁଇ ଥାକିଆ ରାସ୍ତା ସହ ଟ୍ରାଫିକ୍ ସମସ୍ୟା ନଥିବା ସତ୍ୱେ ବି ଏ ଅଂଚଳରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି । କାରଣ ଏହି ରାସ୍ତାରେ ଗାଡି ଚାଳକ ମାନେ ବେପରୁଆ ଗାଡି ଚାଳନା କରୁଛନ୍ତି ଏବଂ କାହାର ଏମାନଙ୍କ ଉପରେ ନିୟନ୍ତ୍ରଣ ରହୁନାହିଁ ।

## ଏନ୍.ସି.ସି. ଅଫିସର୍ ବିଜୟ କୁମାର ବେହେରା ୩୦ ଦିନିଆ ରିଫ୍ରେସର କୋର୍ସ ସଫଳତାର ସହ ସମାପ୍ତ କଲେ

କେନ୍ଦୁଝର,୦୭/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଏନ୍.ଏସ୍ ପୋଲିସ୍ ହାଇସ୍କୁଲର ସୁନାମଧନ୍ୟ ଏନ୍.ସି.ସି. ଅଫିସର୍ ବିଜୟ କୁମାର ବେହେରା ମହାରାଷ୍ଟ୍ର ରାଜ୍ୟରେ ଅବସ୍ଥିତ ଅଫିସର୍ସ ଟ୍ରେନିଂ ଏକାଡେମୀ କାମ୍ପ୍ଟି ରେ ୩୦ ଦିନିଆ ରିଫ୍ରେସର କୋର୍ସ ସଫଳତାର ସହ ସମାପ୍ତ କରିଛନ୍ତି।୬ ନଭେମ୍ବରରୁ ୫ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଟ୍ରେନିଂରେ ରାଣା ପ୍ରତାପ କମ୍ପାନୀ ତରଫରୁ ଶାରୀରିକ ଦକ୍ଷତା, ଫାୟାରିଂ ପ୍ରତିଯୋଗିତା, ଲିଖିତ ପରୀକ୍ଷା, ଦଳଗତ ଆଲୋଚନା, ପ୍ରବନ୍ଧ ପ୍ରତିଯୋଗିତା, କ୍ରୀଡା ପ୍ରତିଯୋଗିତାରେ ଉତ୍କର୍ଷତା ପ୍ରଦର୍ଶନ କରି ବିଦ୍ୟାଳୟ,୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. ତଥା କେନ୍ଦୁଝର ଜିଲ୍ଲାର ସୁନାମ ରଖିଛନ୍ତି। ଶ୍ରୀ ବେହେରାଙ୍କ ଏହି ସଫଳତା ପାଇଁ ୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. କେନ୍ଦୁଝରର କମାଣ୍ଡିଂ ଅଫିସର୍ କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ, ପ୍ରଶାସନିକ ଅଧିକାରୀ ଲେଫ୍ଟନାଂଟ କର୍ଣ୍ଣେଲ ମୟୂର ଘାର୍ଗେ, ଏନ୍.ଏସ୍ ପୋଲିସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଲା ରାଉତ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ର ଛାତ୍ରୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଜୁନିଅର ରେଡକ୍ରସ କାଉନସେଲର ଓରିଏଂଟେସନ୍ କାର୍ଯ୍ୟକ୍ରମ

ବଲାଙ୍ଗିର,୦୭/୧୨ (ନି.ପ୍ର): ଆର୍ ଆର୍ କଲୋନୀ ଉଚ୍ଚ ବିଦ୍ୟାଳୟରେ ଏକ ଦିବସାତ୍ମକ ବଲାଙ୍ଗିର ଓ ପୁଇଁତଲା କୁ ନେଇ ଜୁନିଅର ରେଡକ୍ରସ କାଉନସେଲର ଓରିଏଂଟେସନ୍ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକିଶୋର ହନୁମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲ୍ଲା ରେଡ଼କ୍ରସ ଅଧିକାରୀ ବିକାଶ ସାହୁ ଯୋଗଦାନ କରି ରେଡକ୍ରସ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଆର୍ ପି ଭାବରେ ଯୋଗଦାନ କରିଥିଲେ ବଲାଙ୍ଗୀର ବ୍ଲକ ରେଡକ୍ରସ ସଂଯୋଜକ ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶୀ ରବୀନ୍ଦ୍ର ଠେଠୁଆଲ୍ ଓ ଜୟକୃଷ୍ଣ ନାଏକ ଓ ରଶ୍ମିରାଣୀ ଦାଶ ମହୋଦୟା ପ୍ରମୁଖ ପ୍ରାଥମିକ ଉପଚାର ବିଷୟରେ ବିବିଧ ଆଲୋଚନା କରିଥିଲେ।

# ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଦିବସ ପାଳିତ

କେନ୍ଦୁଝର,୦୭/୧୨ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳ କେନ୍ଦୁଝର ଜିଲା ପକ୍ଷରୁ ଶନିବାର ଶୌର୍ଯ୍ୟ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି। ଏହି ଉପଲକ୍ଷେ କେନ୍ଦୁଝର ମାଇନିଙ୍ଗ ରୋଡ଼ ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ପରେ ଶତାଧିକ ବଜରଙ୍ଗ ଦଳ କର୍ମୀଙ୍କ ପକ୍ଷରୁ ଏକ ବାଇକ ରାଲି କେନ୍ଦୁଝର ସହର ପରିକ୍ରମା କରିଥିଲେ। ଏହି ବାଇକ ରାଲି ଶୋଭାଯାତ୍ରା ମାଇନିଙ୍ଗ ରୋଡ଼ ରାମମନ୍ଦିର ନିକଟରେ ବାହାରି ନିଉକଲୋନୀ, ପ୍ରିତ୍ରଡ଼ିହା, ଧୋବାଡ଼ିହା, ସିରାଜୁଦ୍ଦିନ ଛକ, ଗାନ୍ଧୀ ଛକ, ଜେଲରୋଡ଼ ଛକ, ଚର୍ଚ୍ଚ ଛକ, ଟେଲିଫୋନ ଏକ୍ସଚେଞ୍ଜ ଛକ, ଥାନା ଛକ, କଲେକ୍ଟରେଟ ଛକ ଲାବଣ୍ୟ ଛକ କୋର୍ଟ ଛକ ହୋଇ ରାମମନ୍ଦିର ନିକଟରେ ପରିକ୍ରମା ଶେଷ କରିଥିଲା। ଏହି ବାଇକ ରାଲିରେ ପାଂଚଶହରୁ ଉର୍ଦ୍ଧ୍ୱ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପ୍ରମୁଖ କର୍ମୀ ମାନେ ଜୟଶ୍ରୀରାମ ନାରା ଦେଇ ସହର ପରିକ୍ରମା କରି ଶୌର୍ଯ୍ୟଦିବସ ପାଳନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ।

ସୂଚନାଯୋଗ୍ୟ ଯେ, ୧୯୯୨ ମସିହା ଡିସେମ୍ବର ମାସ ୬ ତାରିଖରେ ହଜାର ହଜାର ରାଷ୍ଟ୍ରୀୟ ସ୍ୱୟଂ ସେବକ, ବିଶ୍ୱହିନ୍ଦୁ ପରିଷଦର ଭାଇମାନେ ଏକତ୍ରିତ ହୋଇ ଅଯୋଧାର ଐତିହାସିକ ଶ୍ରୀରାମ ଜନ୍ମଭୂମି ଉପରୁ ପାଂଚ ଶହ ବର୍ଷ ଧରି ବାବରୀ ମସଜିଦ ଢାଂଚାକୁ ଧରାଶାୟୀ କରି ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ ବିଜୟ ପ୍ରାପ୍ତ କରିଥିଲେ। ଏହି ବିଜୟ, ଏହି ବୀରତ୍ୱ, ଏହି ପୁନର୍ଜାଗରଣକୁ ମନେପକାଇ ସେହି ଦିନକୁ ଶୌର୍ଯ୍ୟ ଦିବସ ଭାବେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପାଳନ କରାଯାଉଛି । ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ତୁଷାର ସାମନ୍ତ, ସମ୍ପାଦକ ସ୍ୱପନେଶ୍ୱର ସାହୁ, ପୂର୍ବପ୍ରାନ୍ତୀୟ ମହିଳା ମୋର୍ଚ୍ଚା ସେବା ପ୍ରମୁଖ ମାମିନା ରାଜୁସଙ୍କ ସହିତ ଜିଲା ସଭାପତି ତୁଷାରକାନ୍ତ ସାମନ୍ତ, ଜିଲା ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ,ଜିଲା ସହ ସମ୍ପାଦକ କେଦାରନାଥ ଦାଶ, ନଗର ସମ୍ପାଦକ ସୁବ୍ରତ ମହାନ୍ତି, ସହ ସମ୍ପାଦକ ରଞ୍ଜନ ସାହୁ, ସୁପାଇ ମୁର୍ମୁ, ଗୋରକ୍ଷା ପ୍ରମୁଖ ଦୁର୍ଯ୍ୟୋଧନ ମହାନ୍ତ, କାର୍ଯ୍ୟାଳୟ ପ୍ରମୁଖ କାର୍ତ୍ତିକ ମହାନ୍ତି, ଦେବାଶିଷ ପତି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପ୍ରତାପ ଝରା, ନୀଳମଣି ସାହୁ, ମହେନ୍ଦ୍ର ସାହୁ, ପ୍ରଫୁଲ୍ଲ ଓଝା, ବିଶ୍ୱହିନ୍ଦୁ ପରିଷଦ ଜିଲା ପ୍ରଚାର ପ୍ରସାର ପ୍ରମୁଖ ସତ୍ୟଜିତ ସାମନ୍ତରାୟ, ସତ୍ୟବ୍ରତ ରାଉଳ, ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ସାହୁ, ରଞ୍ଜିତ ସାହୁ, ବିଜେପି ପୂର୍ବତନ ସଭାପତି ରାଧାକାନ୍ତ ମାହାନ୍ତ, ପ୍ରକାଶ ମଲ୍ଲିକ, ଯେନେଶ ଭାଇ, ରଙ୍ଗାଧର ନାଥ ପ୍ରମୁଖ ଜିଲାରେ ନିଶାମୁକ୍ତି ଅଭିଯାନ ବିଷୟରେ ସମସ୍ତଙ୍କୁ ଶୌର୍ଯ୍ୟ ଦିବସଠାରୁ ବିଶେଷ ଅଭିଯାନ ଆରମ୍ଭ କରି ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ସଂଘ କାର୍ଯ୍ୟକର୍ତ୍ତା ମାନଙ୍କୁ ମିଳିତ ସହଯୋଗରେ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ମିଟର ଚେକିଂ ନାଁରେ ଟାଟା ପାୱାରର ଦାଦାଗିରି: ମହିଳାଙ୍କୁ ମାଡ, ଥାନାରେ ଏତଲା

ଭୁବନ,୦୭/୧୨ (ନି.ପ୍ର): ଭୁବନ ଅଂଚଳର ବିଦ୍ୟୁତ ବିଭାଗ ( ଟାଟା ପାୱାର) ର ଦାଦାଗିରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସ୍ମାର୍ଟ୍ ମିଟରକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଥିବା ବେଳେ ଏନେଇ ଓକିଲ ସଂଘ ପକ୍ଷରୁ ଢ଼େଙ୍କାନାଳ ବନ୍ଦ କରାଯାଇଥିଲା । ତୀବ୍ର ବିରୋଧ ସତ୍ୱେ ଟାଟା କମ୍ପାନୀ ପ୍ରତ୍ୟେକ ବିଦ୍ୟୁତ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲଗାଇବାକୁ ଚେଷ୍ଟା ଚଳାଇଛି । ନୂଆ ସଂଯୋଗ ନେଉଥିବା ଗ୍ରାହକଙ୍କ ଘରେ ବଳ ପୂର୍ବକ ସ୍ମାର୍ଟ ମିଟର ଲଗାଉଛି । ପ୍ରତିଦିନ ବିଦ୍ୟୁତ ଚୋରି ଓ ମିଟର ଚେକିଙ୍ଗ ଆଳରେ ପୁରୁଣା ମିଟର ବଦଳାଇ ସ୍ମାର୍ଟ ମିଟର ଲଗାଇବାକୁ ଯୋଜନା କରି ମିଟର ତ୍ରୁଟି ଦର୍ଶାଇ ମୋଟା ଅଙ୍କର ଫାଇନ କରୁଛି । ବିରୋଧ କରୁଥିବା ଗ୍ରାହକ / ଉପଭୋକ୍ତାଙ୍କୁ ବିଦ୍ୟୁତ୍ କର୍ମଚାରୀ ମାନେ ମାଡ ମଧ ମାରୁଥିବା ଅଭିଯୋଗ ହେଉଛି । ଗତ ବୁଧବାର ଦିନ ବିଦ୍ୟୁତ କର୍ମଚାରୀ ମାନେ ଭୂଷଳ ପଂଚାୟତର କିଙ୍ଗୋଳ, ଅସୁରବନ୍ଧ, ଚଣ୍ଡିପାଳ ଗ୍ରାମରେ ଚଢ଼ଉ କରି ଅନେକ ଗ୍ରାହକଙ୍କ ନାମରେ ଫାଇନ କରିବା ସହ ମହିଳା ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏଥିପାଇଁ ମହିଳା ମାନେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଧାରଣା ଦେଇଥିଲେ । ଶନିବାର ଦିନ ଏକତାଳି ପଂଚାୟତର ଚନ୍ଦାର ଗ୍ରାମରେ ଅନୁରୂପ ଘଟଣା ଘଟିଛି । ଦିନ ୧୧ଟା ସମୟରେ ଓଡ଼ି ୦୫ ଏ ଟି ୯୮୩୯ ବିଶିଷ୍ଟ ବୋଲେରୋ ଗାଡ଼ିରେ ଦୁଇ ଜଣ ଯୁବକ ଓ ଜଣେ ଯୁବତୀ ନିଜକୁ ବିଦ୍ୟୁତ୍ ବିଭାଗ ସ୍କ୍ୱାର୍ଡ ପରିଚୟ ଦେଇ ଚନ୍ଦାର ଗ୍ରାମର ମୁକେଶ ରାଉତଙ୍କ ଘରେ ପହଂଚି ପ୍ରଥମେ ମିଟର ଚେକ୍ କରିଥିଲେ ଓ ପରେ ଘରେ ଭିତରେ ପଶିବାକୁ ଉଦ୍ୟମ କରିବାରୁ ମୁକେଶଙ୍କ ପତ୍ନୀ ରୋଜାଲିନ ରାଉତ ବିରୋଧ କରିଥିଲେ । ବିଦ୍ୟୁତ୍ କର୍ମଚାରୀ ମାନେ ତାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଡାହାଣ ହାତ ଆଙ୍ଗୁଠିରେ ଗଭୀର ଆଘାତ ହୋଇଥିଲା । ପାଟିତୁଣ୍ଡ ଶୁଣି ଘର ଭିତରେ ଥିବା ରୋଜାଲିନଙ୍କ ଶାଶୁ ବାହାରକୁ ଆସି ବିଦ୍ୟୁତ୍ କର୍ମଚାରୀଙ୍କୁ ମଧ ବିରୋଧ କରିଥିଲେ। ସ୍ଥାନୀୟ ଲୋକ ମାନେ ହୋ ହାଲ୍ଲା କରିବାରୁ ବିଦ୍ୟୁତ୍ କର୍ମଚାରୀ ମାନେ ପଳାଇ ଆସିଥିଲେ। ବିଦ୍ୟୁତ୍ କର୍ମଚାରୀଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ମହିଳା ଭୁବନ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ନଳିନୀ ଶଙ୍କର ରଥ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି । ଟାଟା କମ୍ପାନୀ ର ଏତାଦୃଶ କାର୍ଯ୍ୟ/ ଦାଦାଗିରିକୁ ନେଇ ସମଗ୍ର ଭୁବନ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ନୂଆପଡ଼ା,୦୭/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କୋଟିପଦର କ୍ଲଷ୍ଟରର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ସିଆରସିସି ଜଗଦୀପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସହିତ ଅଧ୍ୟକ୍ଷତାରେ ଚନାବେଡା ସେବାଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସଭାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ମୁଖ୍ୟବକ୍ତା ଭାବେ ଡବ୍ଲୁଇଓ ରଜତ କୁମାର ସାହୁ,ସମ୍ମାନିତ ଅତିଥି ଭାବରେ ଲାଞ୍ଜି ସିଆରସିସି ଖଗେଶ୍ୱର ବାଗ, ଭାଲୁଡୁଙ୍ଗୁରି ସିଆରସିସି ବିରଂଚି ମେହେର, ଚନାବେଡା ସେବାଶ୍ରମର ପ୍ରଧାନ ଶିକ୍ଷକ ପୀତବାସ ଜଗତ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସଭାରେ ଲଖନାର ସିଆରସିସି ସହଦେବ ନନ୍ଦ ମଂଚ ପରିଚାଳନା କରିଥିବା ବେଳେ ସେବାଶ୍ରମ ପ୍ରଧାନ ଶିକ୍ଷକ ଶ୍ରୀ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା, ଗୀତ, ଚିତ୍ରାଙ୍କନ, ହସ୍ତାକ୍ଷର, ପ୍ରବନ୍ଧ ଲିଖନ, କୁଇଜ ପ୍ରତିଯୋଗିତା ସହ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ଗୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ସୂଚନା ଥାଉକି ଉକ୍ତ ସୁରଭି କାର୍ଯ୍ୟକ୍ରମ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କୁ ମଧ୍ୟ ଉତ୍ସାହିତ କରିବା ବିଶେଷ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ତିନି ଗୋଟି ସ୍କୁଲ ଯଥା ଚନାବେଡା ସେବାଶ୍ରମ କୁ ଉତ୍ତମ ବିଦ୍ୟାଳୟ ପୁରସ୍କାର, ବରପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ନଳିନୀ ଚାନ୍ଦଙ୍କୁ ଉତ୍ତମ ପ୍ରଧାନ ଶିକ୍ଷୟିତ୍ରୀ ପୁରସ୍କାର ଓ ଉତ୍ତମ ଏଫଏଲଏନ ଶିକ୍ଷୟିତ୍ରୀ ଭାବେ ଲୋହରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ଲିପିକା ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା।ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅର୍ଚ୍ଚନା ମିଶ୍ର, ସୁଶ୍ରୀ ବାରିକ, ରୀନା ସିଂ,କୈଳାଶ ବାଗ, ଶୋଭାକର ମାଝୀ, ସୁଦର୍ଶନ ପ୍ରଧାନ, ପଦ୍ମା ଜଗତ, ଅସ୍ମିତା ପଟ୍ଟନାୟକ, ସମୀକ୍ଷା ମୟୀ କଲେଟ, ବନ୍ଦନା ଦୁବେ, ଗୋଲାପ ପାତ୍ର, ସମୀର ମେହେର, ଶ୍ରଦ୍ଧାଞ୍ଜଳି ହୋତା, ଦିନେଶ ପଟେଲ, ନବକୃଷ୍ଣ ବେହେରା, ଚତୁର୍ଭୁଜ ସିଂ ଦେଓ, ଟିକେରାମ ମେହେର, ସନ୍ଧ୍ୟା ରାଣୀ ଆଡବେଙ୍ଗ, ରଞ୍ଜିତା ପଣ୍ଡା, ପ୍ରତିମା ଜଗତ ସମେତ ଅନ୍ୟାନ୍ୟ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସାନଘାଗରା ମହିଳା ଉତ୍ପାଦକ କମ୍ପାନୀ ତରଫରୁ ଏକ ବୈଠକ ଅନୁଷ୍ଠିତ

କେନ୍ଦୁଝର,୦୭/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଖଜୁରୀମୁଣ୍ଡି ଠାରେ ସାନଘାଗରା ମହିଳା ଉତ୍ପାଦକ କମ୍ପାନୀ ଲିମିଟେଡ଼ର କାର୍ଯ୍ୟାଳୟରେ ଚାଷୀ ମାନଙ୍କୁ ନେଇ ଏକ ବୈଠକ ପ୍ରସ୍ତୁତି କରାଯାଇଥିଲା। ବୈଠକରେ ଉପସ୍ଥିତ ଥିଲେ ନାବାର୍ଡ଼ ଡିଡିଏମ୍ କୁରେଶ କୁମାର ନାୟକ, ସେବକ ସଂସ୍ଥାର ପୋଗ୍ରାମ ମ୍ୟାନେଜର ରଞ୍ଜନ କୁମାର ଭୁକ୍ତା ଏବଂ ସରୋଜ ପ୍ରସାଦ ସିଂ ଉପସ୍ଥିତ ରହିବା ସହ ସାନଘାଗରା ସିଇଓ ସୁମିତ୍ରା ରାଣୀ ପାତ୍ର, ବିଓଡ଼ି, ପ୍ରମୋଟରେ ଉପସ୍ଥିତ ରହି ଚାଷୀ ମାନଙ୍କୁ ଛତୁ ଚାଷ ଓ ବିଭିନ୍ନ ପନିପରିବା ଚାଷ କରିବାକୁ ଉତ୍ସାହିତ କରିବା ସହ କିପରି ଚାଷୀ ମାନେ ନିଜେ ନିଜେ ଆତ୍ମନିର୍ଭରଶୀଳ ହୋଇ କିପରି ଆଉ ଦୁଇ ପାଦ ଆଗେଇ ଯିବେ ସେ ବିଷୟରେ ଆଲୋଚନା କରିବା ସହ ଆଗକୁ ହେବାକୁ ଯାଉଥିବା ବୈଶାଖ ମାସରେ କିପରି ବୋରୱାଲ ଖନନ କରି ପାଣି ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ମଧ ଆଲୋଚନା କରାଯାଇଥିଲା। ଅନ୍ୟପଟେ ବାଂଶପାଳ କୃଷି ବିଭାଗ ସହଯୋଗରେ ଆଗାମୀ ୨୦୨୫,୨୦୨୬ ବର୍ଷରେ କିପରି ଖରିଫ ଚାଷ ପାଇଁ ଧାନ ବିହନ ସାର ପନିପରିବା ବିହନ ଯୋଗାଇ ଦିଆ ଯାଇଯିବ ଏବଂ ତରମାକାନ୍ତ ପଞ୍ଚାୟତର ବିରକଳା, ଚମ୍ପାଝର, ଜଳଡିହ ଏହି ସବୁ ଗ୍ରାମଗୁଡିକୁ ନେଇ ବରଗୁଡା ଗ୍ରାମରେ ଶାଳପତ୍ରରେ ପ୍ରସ୍ତୁତ କରାଯାଇଥିବା ଖଲିକୁ କିପରି ବଜାର ସଂଯୋଗୀକରଣ କରାଯାଇପାରିବ ନାବାର୍ଡ଼ ପରିଚାଳକ କୁରେଶ କୁମାର ନାୟକ ପରିଦର୍ଶନ କରି ମା’ ମାନଙ୍କ ସହ ଆଲୋଚନା କରିଥିଲେ।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଜୟପୁର,୦୭/୧୨ (ନି.ପ୍ର): ବିକ୍ରମଦେବ କଳା ଓ ଚାରୁକଳା ବିଦ୍ୟାଳୟ ସୀମାଦ୍ରି ମହାରଣା କଳା ଭବନ ଜୟପୁର ପରିସରରେ ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଲୋକମହୋତ୍ସବ ପରବ ଉପଲକ୍ଷେ ଆୟୋଜିତ ଏହି ପ୍ରଦର୍ଶନୀକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଉଦଘାଟନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ୬୫ ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। କନିଷ୍ଠ ବିଭାଗ, ବରିଷ୍ଠ ବିଭାଗ ଓ ସର୍ବକନିଷ୍ଠ ବିଭାଗ ଏହିପରି ୩ଟି ବିଭାଗରେ ଆଜି ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲମତାପୁଟ, ବୈପାରିଗୁଡା, ବୋରିଗୁମ୍ମା, ନନ୍ଦପୁର, ସିମିଳିଗୁଡା, ଦଶମନ୍ତପୁର,ଜୟପୁର, କୋଟପାଡ ବ୍ଲକର ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ପି. ଶ୍ରୀନିବାସ, ନରସିଂହ ପ୍ରସାଦ ଷଡଙ୍ଗୀ, ପଦ୍ମଚରଣ ଚୌଧୁରୀ, ଦୀପକ କୁମାର ଦାସ ତଥା କଳା ବିଦ୍ୟାଳୟର ପ୍ରଶିକ୍ଷକ କ୍ରୀଷ୍ଣା ପଙ୍ଗୀ ଓ ସୌଭାଗ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କର୍ମଚାରୀ କେ. ସୁନିଲ କୁମାର ପରିଚାଳନା କରିଥିଲେ। ଆଜିର ପ୍ରତିଯୋଗୀତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଆସନ୍ତା ୮ତାରିଖ କଳା ବିଦ୍ୟାଳୟ ପ୍ରଦର୍ଶନୀ ରେ ପୁରସ୍କୃତ କରାଯିବ।

# ମ୍ୟୁନିସିପାଲଟିର ସେପଟିଟାଙ୍କି ଗାଡି ମାଡ଼ି ଯାଇ ଫଳ ଦୋକାନ କ୍ଷତିଗ୍ରସ୍ତ

ବଲାଙ୍ଗିର,୦୭/୧୨ (ନି.ପ୍ର): ବଲାଙ୍ଗିରରେ ରାସ୍ତା କଡକୁ ଥିବା ଫଳ ଦୋକାନ ଉପରକୁ ଶନିବାର ସକାଳେ ବଲାଙ୍ଗୀର ମ୍ୟୁନିସିପାଲଟିର ଏକ ସେପଟି ଟାଙ୍କି ଗାଡି ବଲାଙ୍ଗୀର ବସ୍ ଟର୍ମିନାଲ ସମ୍ମୁଖରେ ମାଡ଼ି ଯାଇଥିଲା। ଡ୍ରାଇଭର ଜଣକ ମୋବାଇଲ ଫୋନରେ କଥା ହୋଇ ବେପରୁଆ ଗାଡି ଚାଳନାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ଅନ୍ୟପଟେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ପୋଲିସକୁ ତୁରନ୍ତ ଅଭିଯୋଗ କରିଛନ୍ତି । ଡ୍ରାଇଭର ଜଣକ ମୋବାଇଲରେ ଗେମ୍ ଖେଳି ଖେଳି ଗାଡି ସ୍ପିଡରେ ଚଳାଉଥିଲେ ବୋଲି ଅଭିଯୋଗ । ଏହି ଦୁର୍ଘଟଣାରେ ଫଳ ଦୋକାନୀଙ୍କ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଫଳ, ଦୁଇଟି ବାଇକ, ସାଇକେଲ ଏବଂ ଅନ୍ୟ ସାମଗ୍ରୀ ନଷ୍ଟ ହୋଇଛି। ଫଳ ଦୋକାନୀ, ବାଇକ ଆରୋହୀ ଓ ଫଳକ୍ରେତା ମାନେ ଅଳ୍ପକେ ବର୍ତ୍ତିଛନ୍ତି। ସେଠାରେ ଥିବା ଲୋକେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ କାବୁ କରି ଗୋଟାଏ ଘରେ ରଖିଥିଲେ । ଦୁର୍ଘଟଣା ପରେ ସେଠାରେ ଉତେଜନା ଦେଖା ଦେଇଥିଲା। ଟାଉନ ପୋଲିସ ପହଂଚିବା ପରେ କ୍ଷତି ହୋଇଥିବା ଫଳ ବେପାରୀ ଓ ବାଇକ ଗାଡି, ସାଇକେଲର କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

# ଟିଟିଲାଗଡରେ ରେଳ ମହାପ୍ରବନ୍ଧକଙ୍କ ଗସ୍ତ କାଳରେ ବଣିକ ସଂଘ ଦେଖାକରି ଦାବି ଜଣାଇଲା

ବଲାଙ୍ଗିର,୦୭/୧୨ (ନି.ପ୍ର): ରେଳବାଇ ଡିଭିଜନାଲ ରେଳ ପ୍ରବନ୍ଧଙ୍କ ଗସ୍ତ ସମୟରେ ଏକ ଶୁକ୍ରବାର ସନ୍ଧ୍ୟାରେ ରେଳବାଇ ଡିଭିଜନାଲ ରେଳ ପ୍ରବନ୍ଧଙ୍କ ଗସ୍ତ ସମୟରେ ଏକ ଦଶ ଦଫା ଦାବିପତ୍ର ଟିଟିଲାଗଡ ବଣିକ ସଂଘର ସଭାପତି ଶମ୍ଭୁ ପ୍ରସାଦ ଗୋଏଲଙ୍କ ଅଧ୍ୟକ୍ଷତାରେ ତଥା ସଂଘର ସଦସ୍ୟଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି । ଯେଉଁଥିରେ କି ସାଧାରଣ ଲୋକଙ୍କ ହିତରେ ଯଥା ଶୀଘ୍ର ସାର୍ବଜନୀନ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛି ଟିଟିଲାଗଡ ବଣିକ ସଂଘ । ସମାଜର ବୃହତର ହିତ ଦୃଷ୍ଟିରୁ କିଛି ଅସୁବିଧା ଉପସ୍ଥାପନ କରାଯାଇଛି ଯେପରିକି ୧- ଏଲ ସି ନ. ଆର ଭି -୧୬୪ ରେ ଏଲ୍ ଆଇ ଏଚ୍ ଏସ୍/ ଆର ୟୁ ବି/ଆର ଓ ବି ର ତତ୍କାଳ ଆବଶ୍ୟକ ତା ରହିଛି ଯେଉଁଠାରେ ସଦା ଆପାତ୍କାଳୀନ ସେବା– ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ, ପୋଲିସ ଗାଡ଼ି ଆଦି ବାରମ୍ବାର ଅବରୋଧିତ ହେଉଛି, ସେଠାରେ ଏହା ସାର୍ବଜନୀନ ସୁରକ୍ଷାର ପ୍ରଶ୍ନ । ବର୍ତ୍ତମାନ ଥିବା ମାନବ–ଚାଳିତ ବାରିୟାର ( ଏମ ଏଚ ବି ) ସମ୍ପୂର୍ଣ୍ଣ ଭାବରେ ଅପର୍ଯ୍ୟାପ୍ତ ଓ ପୁରୁଣା ହୋଇଛି । ତେଣୁ ଏଲ୍ ଆଇ ଏଚ୍ ଏସ/ଆର ୟୁ ବି/ଆର ଓ ବି ସ୍ଥାପନା, ୨- ଟିଟିଲାଗଡ଼ ବ୍ଲକ୍ ଅଫିସ ନିକଟରେ ଅପଗ୍ରେଡେସନ୍ କାମ ସମ୍ପୂର୍ଣ୍ଣ କରାଯାଉ : ଏହି ସ୍ଥାନରେ ଅସମ ଓ ଝୁଲା ରାସ୍ତା କାରଣରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି, ସେଥିପାଇଁ ତୁରନ୍ତ ମରାମତି କିମ୍ବା ପୁନର୍ବିକାଶ କାର୍ଯ୍ୟ ଅତ୍ୟାବଶ୍ୟକ ହୋଇପଡିଛି । ୩- ଟିଟିଲାଗଡ ୟାର୍ଡରେ ଥିବା ବର୍ତ୍ତମାନ ରହିଥିବା ଏଲଆଇଏଚଏସର ବିକାଶ ଏବଂ ଚଉଡ଼ାକରଣ, ଏହା ଅତ୍ୟନ୍ତ ସଙ୍କୀର୍ଣ୍ଣ ଓ ବିପଦଜନକ । ବାହନ ଚଳାଚଳ ବଢ଼ିବା ସହ ଦୁର୍ଘଟଣା ସମ୍ଭାବନା ବଢ଼ିଛି, ପ୍ରାଣବନ୍ତ ବାହନ ଚଳାଚଳ ସୁଚାରୁ କରିବା ପାଇଁ ଅତ୍ୟାବଶ୍ୟକତା ରହିଛି । ୪. ଟିଟିଲାଗଡ଼ ଷ୍ଟେସନରେ ୧୨ ମିଟର ଲମ୍ବା ଫୁଟ ଓଭର ବ୍ରିଜ ପାଇଁ ରାମ୍ପ ନିର୍ମାଣ : ସାଂସଦଙ୍କ ଦ୍ୱାରା ଏହା ଅନୁମୋଦିତ । ବର୍ତ୍ତମାନ ଠିକ୍ ଠାକ୍ ଟେଣ୍ଡର କାମ ଚାଲିଛି, ତେଣୁ ରାମ୍ପ ନିର୍ମାଣକୁ ତତ୍କାଳ ସମ୍ମିଳିତ କରି ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ । ବୃଦ୍ଧ, ଅସମର୍ଥ, ରୋଗୀ ଓ ଯାତ୍ରୀଙ୍କ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ । ୫. ଟିଟିଲାଗଡ଼ ଷ୍ଟେସନର ଦ୍ୱିତୀୟ ପ୍ରବେଶରେ ରହିଥିବା ସୁବିଧାଗୁଡ଼ିକ ଯଥା : ବାଗେଜ୍ ରୁମ୍, ଟିକେଟ୍ କାଉଂଟର, ଫ୍ରେସ୍ ରୁମ୍, ଯାତ୍ରୀ ସୁବିଧା ସମ୍ପୂର୍ଣ୍ଣ ଅପର୍ଯ୍ୟାପ୍ତ ଅଛି । ଯାତ୍ରୀ ଭିଡ଼ ବଢୁଥିବାରୁ ତୁରନ୍ତ ବିକାଶ ଆବଶ୍ୟକ । ୬- ଟିଟିଲାଗଡ ସହର ଯେହେତୁ ଗୋଟିଏ ଉତପ୍ତ ସହର ଅଟେ ସେଥିପାଇଁ ପ୍ଲାଟଫର୍ମରେ ପାଣି ଛିଟା / ସ୍ପ୍ରିଙ୍କଲର୍ ବ୍ୟବସ୍ଥା ସ୍ଥାପନ କରାଗଲେ ଭଲ ହୁଅନ୍ତା ନଚେତ ଖରା ଦିନେ ଯାତ୍ରୀମାନେ ଅତ୍ୟନ୍ତ ଅସୁବିଧାରେ ପଡ଼ନ୍ତି । ଏହା ହେଲେ ଯାତ୍ରୀ ସୁବିଧା ବଢ଼ିବ । ୭ – ଇସ୍ପାତ ଏକ୍ସପ୍ରେସର ଚଳାଚଳରେ ବ୍ୟାପକ ବିଳମ୍ବ ଯୋଗୁଁ ଯାତ୍ରୀମାନେ ଗୁରୁତର ସମସ୍ୟାରେ ପଡୁଛନ୍ତି । ସମୟାନୁବର୍ତ୍ତିତା ପାଳନ ପାଇଁ ବିଶେଷ ବ୍ୟବସ୍ଥା ଆବଶ୍ୟକ କରାଯାଉ । ୮- ବଲାଙ୍ଗିର ଭୁବନେଶ୍ୱର ଇଂଟର ସିଟି ଏକ୍ସପ୍ରେସର ଟିଟିଲାଗଡ଼ କିମ୍ବା ରାୟଗଡା ପର୍ଯ୍ୟନ୍ତ ସମ୍ପ୍ରସାରଣ, କେବିକେ ଅଂଚଳର ଲୋକମାନେ ଦୀର୍ଘ ଦିନ ଧରି ଏହା ପାଇଁ ଆବେଦନ କରୁଛନ୍ତି । ଏହା ଯାତାୟାତ ସୁବିଧା, ବଣିଜ୍ୟ ଓ ଜନସଂଖ୍ୟା ଲାଭକୁ ଉନ୍ନତ କରିବ । ୯ – ଟିଟିଲାଗଡ଼ ରେଲୱେ ଷ୍ଟେସନ ପରିସରର ପରିଶୁଦ୍ଧତା ଓ ସୁନ୍ଦରୀକରଣ : ରେଲୱେ ଲାଇନ୍ ସହର ମଧ୍ୟରୁ ଗଲାରୁ ଏଠାରେ ଅନେକଯାଏ ଅବ୍ୟବସ୍ଥା, ଅପରିଚ୍ଛନ୍ନତା ଓ ଅନୁଦାନର ଅଭାବ ଦେଖାଯାଉଛି ।

# ମଦ ଛାଡ଼ିଲେ ରୋଗ କମେ



ସିନେମା ହଲ୍‌ଠାରୁ ଆରମ୍ଭ କରି ମଦବୋତଲରେ ମଧ୍ୟ ଆମେ 'ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି ଏକ ସତର୍କତାମୂଳକ ବାର୍ତ୍ତା ପଢ଼ିଥାଉ। ତଥାପି ମଦ ଅନ୍ୟତମ ସର୍ବାଧିକ ବ୍ୟବହୃତ ପାନୀୟର ମାନ୍ୟତା ବହନ କରୁଛି। ମଦ୍ୟପାନ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେବା ସହ ହୃଦ୍‌ଘାତ ଓ କର୍କଟ ପରି ସଂଖ୍ୟାଧିକ ରୋଗର କାରଣ ସାଜିଥାଏ। ତେବେ ଜଣେ ମଦ୍ୟପକୁ ସେଥିରୁ ହଠାତ୍ ବିରତ କରାଇବା ଦ୍ୱାରା ବେଳେବେଳେ ତାକୁ ନିଷ୍ଫଳ ହେଲା ପରି ଅନୁଭବ ଆଣିବା ସହ ଏପରିକି ମୃତ୍ୟୁମୁଖରେ ମଧ୍ୟ ପକାଇଥାଏ। ତେଣୁ ମଦ୍ୟପାନ ତ୍ୟାଗ କରିବା ସହଜ ନୁହେଁ। ତଥାପି ମଦ ଛାଡୁଥିବା ବ୍ୟକ୍ତି ତାହାର ମାସକ ପରେ ଅନେକ ସ୍ୱାସ୍ଥ୍ୟାନୁକୂଳ ଅବସ୍ଥା ଲାଭ କରିଥାଏ। ତେଣୁ ଆଜି ମଦ୍ୟପାନ ତ୍ୟାଗ କରିବାର କିଛି ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଉପକାର ବାବଦରେ ଜାଣିବା।

ମଦ୍ୟପାନ ଯକୃତ ରୋଗର ଏକ ମୁଖ୍ୟ କାରଣ। ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାତ୍ର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଯାଇଥାଏ। ମଦ୍ୟପାନ ଦ୍ୱାରା ନିଦ୍ରାରେ ବିଶୃଙ୍ଖଳା ଦେଖାଦେଇ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ପରି ରୋଗର ଶିକାର ହେବାକୁ ପଡ଼ିଥାଏ। ତେଣୁ ମଦ ତ୍ୟାଗ କରିବା ଭଲ ନିଦ ଆସିବାରେ ସାହାଯ୍ୟ କରିଥାଏ, ଯାହା ସମଗ୍ର ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେହିପରି ମଦରେ ଉଚ୍ଚମାନର କ୍ୟାଲୋରି ରହିଥିବାରୁ ତାହା ଓଜନ ବଢ଼ାଇଥାଏ। ସୁତରାଂ ମଦ୍ୟପାନରୁ ବିରତ ରହିଲେ ଜଣେ



ଅନାବଶ୍ୟକ ଓଜନ ହରାଇ ଶାରୀରିକ ସୁସ୍ଥତା ବଜାୟ ରଖିପାରିବ। ମଦ୍ୟପାନ ସହିତ ହୃଦ୍‌ରୋଗ ଓ କର୍କଟ ପରି ରୋଗର ସମ୍ପର୍କ ରହିଛି। ତେଣୁ ମଦ ଛାଡ଼ିଲେ ସେସବୁ ରୋଗ ଆଶଙ୍କା ଉଲ୍ଲେଖନୀୟ ଭାବେ କମିଥାଏ। ସେହିପରି ମଦ୍ୟପାନ ଦ୍ୱାରା ଯକୃତର ଜୀବକୋଷଗୁଡ଼ିକ ପ୍ରଭାବିତ ହୋଇ ଯକୃତ ଜନିତ ରୋଗର କାରଣ ସାଜିଥାଏ। ତେଣୁ ମଦ୍ୟପାନକୁ ଦୂରେଇଦେଲେ ନଷ୍ଟ ହୋଇଯାଇଥିବା ଯକୃତର ମରାମତି ହୋଇପାରିବା ସହ ତାହାର କ୍ରିୟାରେ ମଧ୍ୟ ଉନ୍ନତି ଆସିଥାଏ।

ଏପରିକି ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଥାଏ ବୋଲି ଜଣାଯାଇଛି। ମଦ ଛାଡ଼ିବା ମସ୍ତିଷ୍କ କ୍ରିୟାକୁ ଉନ୍ନତ କରି ଜଣକର ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ମାତ୍ରାଧିକ ମଦ ପିଇବା ଦ୍ୱାରା ଶରୀରର ବିଭିନ୍ନ ତନ୍ତୁ ଗଠନ କରୁଥିବା କୋଲାଜେନ୍ ଓ ଇଲାଷ୍ଟିନ୍ ପରି ପୁଷ୍ଟିସାର ନଷ୍ଟ ହୋଇ ଅକାଳ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେଣୁ ସେଥିରୁ ବିରତ ରହିଲେ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧିମେଇଯିବା ସହ ଚର୍ମର କୋମଳତା ମଧ୍ୟ ଫେରିଆସିପାରିବ। ମଦକୁ ପରିହାର କରିବା ଦ୍ୱାରା ଶରୀରରେ ଗଚ୍ଛିତ ଅତ୍ୟଧିକ ଚର୍ବି ତରଳିଯାଇ ଫୁଲିଥିବା ଯକୃତ ସଂକୁଚିତ ହୋଇଆସେ ଏବଂ ପାକସ୍ଥଳୀର ହଜମକ୍ରିୟା ମଧ୍ୟ ଉନ୍ନତ ହୋଇଥାଏ। ସର୍ବୋପରି ଏହା ଚର୍ମକୁ ସୁସ୍ଥ ରଖି ଜଣକୁ ଯୁବସୁଲଭ ଓ ସକ୍ରିୟ ରଖିଥାଏ।

# ଶରୀରରୁ କମିଯାଉଛି ଏହି ସବୁ ଉପାଦାନ: ଜାଣନ୍ତୁ କିପରି କରିବେ ଭରଣ

**ସମ୍ପ୍ରତି ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଭାରତରେ ରହୁଥିବା ଲୋକଙ୍କ ଶରୀରରେ ଲୌହ ବା ଆଇରନ, କ୍ୟାଲସିୟମ ଏବଂ ଫୋଲେଟର ଅଭାବ ଦେଖାଯାଉଛି। ଏହି ଅଧ୍ୟୟନର ଫଳାଫଳ ଦି ଲାନସେଟରେ ପ୍ରକାଶ ପାଇଥିଲା। ଏହି ତିନି ଉପାଦନ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ଏସବୁର ଅଭାବକୁ ରୋକିବା ପାଇଁ କେଉଁ କେଉଁ ଖାଦ୍ୟ ଗ୍ରହଣ କରିବେ, ଜାଣନ୍ତୁ...**

ଲୌହ ଅଭାବକୁ କିପରି ରୋକିବେ:
ଲୌହ ଅଭାବକୁ ଦୂର କରିବା ପାଇଁ, ଖାଦ୍ୟରେ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ। ଏଥିପାଇଁ ବିନ୍ସ, ଡାଲି, ଛୋଲେ, ସାଇଟ୍ରସ୍ ଫଳ, ପାଳଙ୍ଗ ଭଳି ଖାଦ୍ୟ ଗ୍ରହଣ କରନ୍ତୁ। ଏହା ବ୍ୟତୀତ ଲୌହ ଅଭାବକୁ ଦୂର କରିବା ପାଇଁ କଖାରୁ ମଞ୍ଜି ଏବଂ କାଜୁ ବାଦାମ ଖାଇବାକୁ ମଧ୍ୟ ପରାମର୍ଶ ଦିଆଯାଏ। ଯଦି ଶାକାହାରୀ ନୁହଁନ୍ତି, ତେବେ ରେଡ୍ ମିଟ୍, ସାମୁଦ୍ରିକ ଖାଦ୍ୟ ଏବଂ ମାଂସ ଖାଇପାରିବେ। କିନ୍ତୁ ରେଡ୍ ମିଟ୍ ଖାଇବାକୁ ଚାହୁଁଥିଲେ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।
କ୍ୟାଲସିୟମ ଅଭାବ ଅସ୍ଥି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। କ୍ୟାଲସିୟମ ଅଭାବରୁ ମୁକ୍ତି ପାଇବା ପାଇଁ ଦୁଗ୍ଧ, ଛେନା, ଦହି, ଘିଅ ଆଦି ଖାଇବା ଆବଶ୍ୟକ। ଏହା ବ୍ୟତୀତ ଟୋଫୁ (ସୋୟା ପନିର)ରେ ଉତ୍ତମ ପରିମାଣର କ୍ୟାଲସିୟମ୍ ମଧ୍ୟ ମିଳିଥାଏ। କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ବାଦାମ ଖାଇବାକୁ ପରାମର୍ଶ ଦିଅନ୍ତି।




ଫୋଲେଟ୍ ଅଭାବକୁ କିପରି ଦୂର କରିବେ:
ଶରୀରରେ ଫୋଲେଟର ଅଭାବ କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଉପୁଜିପାରେ। ଯଦି ଫୋଲେଟ୍ ଅଭାବରୁ ମୁକ୍ତି ପାଇବାକୁ ଚାହାଁନ୍ତି, ତେବେ ଡାଏଟରେ ପାଳଙ୍ଗ, ବ୍ରୋକୋଲି ଏବଂ ଉଲକୋବି ଖାଇବା ଉଚିତ୍। କମଳା, ଲେମ୍ବୁ, ଅଙ୍ଗୁର ଏବଂ ଆଭୋକାଡୋରେ ମଧ୍ୟ ଉତ୍ତମ ପରିମାଣର ଫୋଲେଟ୍ ମିଳିଥାଏ।

# ଗାଜର ଜୁସ୍ ପିଇଲେ ମିଳେ ଏହି ସବୁ ଫାଇଦା

ଶୀତଋତୁରେ ଅନେକ ପନିପରିବା ମିଳେ। ଏସବୁ ପନିପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସେଥିମଧ୍ୟରୁ ଗାଜର ଅନ୍ୟତମ। ଗାଜରରୁ ଭିଟାମିନ୍ ଏ, ଫାଇବର, ଭିଟାମିନ୍ କେ୧, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ଅନେକ ସୁଫଳ ମିଳିଥାଏ। ଖଣ୍ଡ ଗାଜର ଖାଇବା ଅପେକ୍ଷା ଏହାକୁ ଜୁସ୍ କରି ପିଇବା ଅତ୍ୟନ୍ତ ଲାଭଦାୟକ। ଗାଜର ଜୁସ୍ ପିଇବା ଦ୍ୱାରା କି କି ଉପକାରିତା ମିଳେ, ଜାଣନ୍ତୁ କଣ ଫାଇଦା ମିଳିଥାଏ। ପ୍ରତିରକ୍ଷା ପ୍ରଣାଳୀ ବା ଇମ୍ୟୁନିଟି ବୁଷ୍ଟ କରିବାକୁ ଚାହୁଁଥିଲେ ଗାଜର ଜୁସ୍ ଅତ୍ୟନ୍ତ ପ୍ରଭାବଶାଳୀ। ଶୀତଦିନେ ଦୁର୍ବଳ ପ୍ରତିରୋଧକ ଶକ୍ତିକୁ ଦୃଢ କରିବାରେ ଗାଜର ସର୍ବୋତ୍ତମ ହୋଇପାରେ। ନିୟମିତ ଗାଜର ଜୁସ୍ ପିଇବା ଦ୍ୱାରା ଇମ୍ୟୁନିଟି ବୁଷ୍ଟ ହୋଇଥାଏ, ଫଳରେ ସଂକ୍ରମଣ ଏବଂ ଋତୁକାଳୀନ ରୋଗ ଆଶଙ୍କା ଦୂର ହୁଏ। ଏହା ବ୍ୟତୀତ ଗାଜର ଜୁସ୍ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦୟ ସ୍ୱାସ୍ଥ୍ୟକୁ ମଜବୁତ କରିବାରେ ମଧ୍ୟ ପ୍ରଭାବଶାଳୀ ହୋଇପାରେ। ଗାଜରରେ ଫାଇବର ଥିବାରୁ ଏହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ବେଶ୍ ପ୍ରଭାବଶାଳୀ। କୋଷ୍ଠକାଠିନ୍ୟ ପରି ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଗାଜର ଜୁସ୍ ପିଇପାରିବେ। ଗାଜର ଜୁସ୍ ପିଇବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ନୁହେଁ ବରଂ ତ୍ୱଚା ପାଇଁ ମଧ୍ୟ ଖୁବ୍ ଲାଭଦାୟକ ବୋଲି ବିବେଚନା କରାଯାଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ କମ୍ ବୟସରୁ ଚର୍ମ କୁଞ୍ଚନ ହୋଇନଥାଏ। ତ୍ୱଚାରେ ଚମକ ରହିଥାଏ। ଏହା ବ୍ୟତୀତ ଗାଜର ଜୁସ୍ ଆଖି ସ୍ୱାସ୍ଥ୍ୟ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇପାରେ।



# ଯେତେ ଔଷଧ ଦେଲେ ବି ପିଲାର ଥଣ୍ଡା ଭଲ ହେଉନି କି... କରନ୍ତୁ ଏହି ଘରୋଇ ଚିକିତ୍ସା

ସାଧାରଣତଃ ଛୋଟ ପିଲାମାନଙ୍କୁ ଖାଇବାକୁ ଦେବା ସହଜ ନୁହେଁ। ଯେକୌଣସି ଜିନିଷ ହେଉ ପଛେ ସେମାନଙ୍କୁ ଖୁଆଇବା କଷ୍ଟକର। ପିଲାମାନେ ଏତେ ଶୀଘ୍ର କିଛି ଖାଇବାକୁ ପ୍ରସ୍ତୁତ ନୁହଁନ୍ତି। ଏହାସହିତ ବର୍ତ୍ତମାନର ପାଗ ମଧ୍ୟ ଏପରି ଯେ ପିଲାମାନେ ଶୀଘ୍ର ଅସୁସ୍ଥ ହୋଇପାରନ୍ତି। ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଅତି ସାଧାରଣ କଥା। ଥରେ ପିଲାମାନଙ୍କୁ କାଶ ହେଲେ ଏହା ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ। ମୁଣ୍ଡରେ କିଛି ପଶେନି, ବୁଝାପଡେନି କେଉଁ ଔଷଧ ଦେଲେ ଶିଘ୍ର ଆରାମ ମିଳିବ। ଏଭଳି ପରିସ୍ଥିତିରେ ଅଧିକ ଔଷଧ ଏବଂ କଫ ସିରପ ଦେବା ପରିବର୍ତ୍ତେ, ଆପଣ ଘରୋଇ ଉପଚାର ସହିତ ପିଲାମାନଙ୍କର କାଶ ଏବଂ ଥଣ୍ଡାକୁ ଭଲ କରିପାରିବେ। ଘରୋଇ ଚିକିତ୍ସାରେ ଆପଣ ଜାଇଫଳକୁ ନେଇପାରିବେ। ଏଥିରେ ଏକ ମସଲା ଅଛି, ଯାହା ସେମାନଙ୍କର କାଶକୁ ଭଲ କରିପାରେ।



ଜାଇଫଳର ଉପକାର: ଜାଇଫଳ ଖାଲି ଖାଦ୍ୟର ସ୍ୱାଦ ବଢାଇ ନ ଥାଏ, ଏହା ଶରୀର ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହାକୁ ଔଷଧ ତିଆରି ପାଇଁ ମଧ୍ୟ ବହୁଳ ଭାବରେ ବ୍ୟବହୃତ ହୁଏ। ଆପଣ ଜାଣନ୍ତି କି ଜାଇଫଳ ମଧ୍ୟ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ତେବେ ପିଲାକୁ ଯଦି କାଶ ହେଉଥାଏ ଏକ ଚାମଚ ଜାଇଫଳ ଖାଇବାକୁ ଦିଅନ୍ତୁ। ଏହାପରେ ସେମାନେ ଯଥା ଶିଘ୍ର କାଶ ଏବଂ ଥଣ୍ଡାରୁ ମୁକ୍ତି ପାଇଯିବେ। ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢାଇଥାଏ। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୁଏ, ସେତେବେଳେ ଅନେକ ରୋଗ ଏବଂ ସଂକ୍ରମଣର ଆଶଙ୍କା ବଢିଯାଏ। ଏଭଳି ପରିସ୍ଥିତିରେ, ପିଲାମାନଙ୍କୁ ଏକ ଚାମଚ ଜାଇଫଳକୁ ଚଟେଇଦେଲେ ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରେ। ଏହି ମସଲାରେ ହଜମକାରୀ ଏନ୍‌ଜାଇମ୍ ଥାଏ, ଯାହା ଶିଶୁର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ। ପିଲାମାନେ ଅନେକ ସମୟରେ ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରେ ପୀଡିତ ହୋଇଥାନ୍ତି। ଏକ ଚାମଚ ଜାଇଫଳ ପାଉଡରକୁ ମହୁରେ ମିଶାଇ ଏହାକୁ ଚାଟିବା ଦ୍ୱାରା ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ବର୍ଷା ଏବଂ ଶୀତ ଋତୁରେ ମଧ୍ୟ ଆପଣ ପିଲାମାନଙ୍କୁ ଜାଇଫଳ ଦେଇପାରିବେ। ଯଦି ଏହି ଋତୁରେ ଥଣ୍ଡା ଏବଂ କାଶ ଅଛି, ତେବେ କିଛି ସୋରିଷ ତେଲରେ ଜାଇଫଳ ପାଉଡର ମିଶାନ୍ତୁ। ଏହାକୁ ସାମାନ୍ୟ ଗରମ କରନ୍ତୁ ଏବଂ ପିଲାମାନଙ୍କର ଛାତିରେ ମାଲିସ୍ କରନ୍ତୁ। ଥଣ୍ଡା ଏବଂ କାଶରୁ ଆରାମ ମିଳିବ। ଜାଇଫଳ ତେଲରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଶିଶୁର ଦାନ୍ତ ଉଠିବାରେ ବିଳମ୍ବ ହୁଏ ଜାଇଫଳ ଏବଂ ମିଶ୍ରୀକୁ ଗ୍ରାଇଣ୍ଡ କରି ଏକ ପାଉଡର ତିଆରି କରନ୍ତୁ। ଏହାକୁ କ୍ଷୀର କିମ୍ବା ପାଣିରେ ମିଶାଇ ପିଲାକୁ ଦିଅନ୍ତୁ। ଏହି କାରଣରୁ, ଦାନ୍ତ ଶୀଘ୍ର ଉଠିପାରେ। ଜାଇଫଳ ତେଲ ଦାନ୍ତ ଉଠିବା ସମୟର ଯନ୍ତ୍ରଣାକୁ ମଧ୍ୟ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣ ଏହି ତେଲକୁ ଶିଶୁର ଚର୍ମରେ ମଧ୍ୟ ଲଗାଇ ପାରିବେ, ଏହା ଚର୍ମକୁ କୋମଳ ଏବଂ ଚିକ୍କଣ କରିପାରେ। ଜାଇଫଳରେ ଥିବା ଔଷଧୀୟ ଗୁଣ ମେଟାବୋଲିଜିମ୍‌କୁ ବଢାଇଥାଏ। ଏହାକୁ ଗ୍ରାଇଣ୍ଡ୍ କରି କ୍ଷୀରରେ ମିଶାଇ ପିଲାକୁ ଖାଇବାକୁ ଦିଅନ୍ତୁ, ହଜମ ଭଲ ହେବ। ଯେଉଁ ପିଲାମାନେ ଠିକ୍‌ରେ ଖାଦ୍ୟ ନ ଖାଉଥିବେ ସେମାନଙ୍କୁ ମଧ୍ୟ କ୍ଷୀରରେ ମିଶାଇ ଖାଇବାକୁ ଦେଇପାରିବେ। ଏହା ସେମାନଙ୍କର ଭୋକକୁ ବଢାଇଥାଏ।

# କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ ?

ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ।
ସୁସ୍ୱାସ୍ଥ୍ୟ ବଜାୟ ରହିବା ପାଇଁ ଭିଟାମିନ୍, ପ୍ରୋଟିନ ଓ ମିନେରାଲ୍ସ ନିହାତି ଆବଶ୍ୟକ। ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ। କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ, ଜାଣନ୍ତୁ...




ଗାଢ ଚର୍ମ ଥିବା ବ୍ୟକ୍ତି - ଯେଉଁମାନଙ୍କର ଚର୍ମ ରଙ୍ଗ ଗାଢ଼, ସେମାନଙ୍କ ଶରୀରରେ ଭିଟାମିନ୍-ଡିର ଅଭାବ ଦେଖାଯାଏ। ଏହାର କାରଣ ହେଉଛି ସେମାନଙ୍କ ଚର୍ମର ପ୍ରଥମ ସ୍ତରରେ ମେଲାନିନ ଥାଏ, ଯେଉଁଥିପାଇଁ ସେମାନେ ଅଧିକ ଭିଟାମିନ-ଡି ଆବଶ୍ୟକ କରନ୍ତି।
ନନଭେଜ୍ ଖାଉଥିବା ବ୍ୟକ୍ତି - ଯେଉଁମାନେ ଅଧିକ ନନଭେଜ୍ ଖାଆନ୍ତି, ସେମାନଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦିଏ। ଶରୀରକୁ ନନଭେଜରୁ ପ୍ରଚୁର ପ୍ରୋଟିନ୍ ମିଳିଥାଏ କିନ୍ତୁ ଭିଟାମିନ-ଡିର ଅଭାବ ରହିଯାଏ। ଭିଟାମିନ-ଡି ପାଇଁ ଯଥାସମ୍ଭବ ପନିପରିବା, ଫଳ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଉଚିତ୍।
ଡେସ୍କରେ ବସି କାମ କରୁଥିବା ଲୋକ - ଆଜିକାଲି, ବନ୍ଦ ଏସି ଅଫିସରେ ୯ ଘଣ୍ଟା କାମ କରୁଥିବା ଲୋକଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦେଉଛି। ଯେଉଁମାନେ ସକାଳ ଶିଫ୍ଟରେ କାମ କରନ୍ତି ଏବଂ ଯେଉଁମାନେ ବିଳମ୍ବିତ ରାତିରେ କିମ୍ବା ସନ୍ଧ୍ୟା ଶିଫ୍ଟରେ କାମ କରି ସକାଳେ ଶୀଘ୍ର ଉଠିପାରନ୍ତି ନାହିଁ, ସେମାନେ ମଧ୍ୟ ସକାଳର ସୂର୍ଯ୍ୟ କିରଣ ପାଇପାରନ୍ତି ନାହିଁ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ-ଡି ହ୍ରାସ ପାଇବା ଆରମ୍ଭ କରେ।
୫୦ ବର୍ଷରୁ ଅଧିକ ଲୋକ - ବୟସ ବଢିଲେ ଅନେକ ପ୍ରକାର ରୋଗ ମାଡ଼ିବସେ। ବୟସ ବଢିବା ସହିତ ଶରୀରରେ ଭିଟାମିନ୍, ପ୍ରୋଟିନ୍ ଏବଂ କ୍ୟାଲସିୟମ୍ କମିବା ଆରମ୍ଭ କରେ। ୫୦ ବର୍ଷରୁ ଉର୍ଦ୍ଧ୍ୱ ଲୋକେ ଏଥିରେ ଶିକାର ହୁଅନ୍ତି।




# ସକାଳୁ ଫୋନ୍ ଛୁଇଁବା ମନା



ସକାଳୁ ଶଯ୍ୟା ଛାଡ଼ିବା ମାତ୍ରେ ପ୍ରଥମେ ଫୋନ୍ ଖେଳାଇବାଟା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଛି। ପୁଣି କେହି କେହି ସକାଳୁ ଉଠିବା ଲାଗି ଆଲାର୍ମ ଖଞ୍ଜିଥିବାରୁ ଏଭଳି ଅଭ୍ୟାସ ସୃଷ୍ଟି ହୋଇଛି। ଆଲାର୍ମକୁ ବନ୍ଦ କରିବା ସହ ଆମେ ଫୋନ୍ ଖୋଲି ସାମାଜିକ ଗଣମାଧ୍ୟମର ଘଟଣାବଳି ଜାଣିବା ଆଶାରେ ଫୋନ୍‌ରେ ମନୋନିବେଶ କରୁ। ମାତ୍ର ସକାଳେ ଫୋନ୍ ବ୍ୟବହାର କରିବାର କୁପରିଣତି ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହା ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରିବା ସହ ଚାପ, ଉଦ୍‌ବେଗ ଓ ଅବସାଦ ଆଦିର କାରଣ ସାଜି ଥାଏ।ଏହା ମଧ୍ୟ ଦୈନିକ ନିଦ୍ରାଚକ୍ରକୁ ପ୍ରଭାବିତ କରିଥାଏ। ଫୋନ୍ ପରଦାରୁ ନିର୍ଗତ ନୀଳ ଆଲୋକରଶ୍ମି ନିଦ୍ରାସୃଷ୍ଟିକାରୀ 'ମେଲା ଟୋନିନ୍' ହରମୋନ୍ କ୍ଷରଣରେ ବାଧା ଉପୁଜାଇଥାଏ। ଫଳରେ ନିଦ ଆସିବାରେ ଅସୁବିଧା ହୋଇଥାଏ ଏବଂ ବେଳେ ବେଳେ ନିଦ୍ରାହୀନ ରାତି କାଟିବାକୁ ପଡ଼ିଥାଏ, ଯାହା ପରୋକ୍ଷରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ।

## ଆକାଶରେ ଅନିଶ୍ଚିତତା

ଭାରତୀୟ ବିମାନ ଚଳାଚଳ କ୍ଷେତ୍ର ଗତ ଦୁଇ ଦଶନ୍ଧି ମଧ୍ୟରେ ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିଛି, ଯାହା ବିଶ୍ୱସ୍ତରରେ ଭାରତକୁ ତୃତୀୟ ବୃହତ୍ତମ ଘରୋଇ ବିମାନ ବଜାରରେ ପରିଣତ କରିବାରେ ସହାୟକ ହୋଇଛି । ତେବେ ଏହି ବିକାଶର ଚକଚକିଆ ଆବରଣ ତଳେ ଏକ ଗମ୍ଭୀର ତଥା ସଂରଚନାଗତ ସଙ୍କଟ ଦାନା ବାନ୍ଧୁଛି, ଯାହା ସମ୍ପ୍ରତି ଦେଶର ସର୍ବବୃହତ ବିମାନ ସେବା ପ୍ରଦାନକାରୀ ସଂସ୍ଥା 'ଇଣ୍ଡିଗୋ'ର ବ୍ୟାପକ ବିମାନ ବାତିଲ ଏବଂ ପରିଚାଳନାଗତ ବିଭ୍ରାଟ ଘଟଣାବଳୀରୁ ସ୍ପଷ୍ଟ ହୋଇଛି । ଯେତେବେଳେ ଗୋଟିଏ ସଂସ୍ଥା ଦେଶର ଘରୋଇ ବଜାରର ପ୍ରାୟ ୬୨ ଶତକଡାରୁ ଊର୍ଦ୍ଧ୍ୱ ଅଂଶ ନିୟନ୍ତ୍ରଣ କରେ, ସେତେବେଳେ ସେହି ସଂସ୍ଥାର ପରିଚାଳନାଗତ ତ୍ରୁଟି କେବଳ ଏକ କର୍ପୋରେଟ୍ ସମସ୍ୟା ହୋଇ ରହେନାହିଁ, ବରଂ ଏହା ଏକ ଜାତୀୟ ପରିବହନ ସଙ୍କଟର ରୂପ ନେଇଥାଏ । ସମ୍ପ୍ରତି ଇଣ୍ଡିଗୋ ଦ୍ୱାରା ହଜାର ହଜାର ବିମାନ ବାତିଲ, ଅହେତୁକ ବିଳମ୍ବ ଏବଂ ବିମାନବନ୍ଦରରେ ଯାତ୍ରୀମାନଙ୍କ ଦୁର୍ଦ୍ଦଶା କେବଳ ଶୀତକାଳୀନ ପାଣିପାଗର ଖିଆଲିପଣ ନୁହେଁ, ବରଂ ଏହା ପଛରେ ରହିଛି ଗଭୀର ସାଂଗଠନିକ, ବୈଷୟିକ ଏବଂ ନିୟାମକ ବିଫଳତା, ଯାହାର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ଏହି ସଙ୍କଟର ମୂଳ କାରଣ ଖୋଜିବାକୁ ଗଲେ ଆମକୁ କେବଳ କୁହୁଡ଼ି କିମ୍ବା ଖରାପ ପାଣିପାଗ ଉପରେ ଦୋଷ ଲଦିଦେଲେ ଚଳିବ ନାହିଁ । ବାସ୍ତବରେ ଏହା ଏକ ତ୍ରିମୁଖୀ ସଙ୍କଟ ଯାହା ମାନବ ସମ୍ବଳ, ଯାନ୍ତ୍ରିକ ତ୍ରୁଟି ଏବଂ ବଜାର ଏକାଧିପତ୍ୟର ସମ୍ମିଶ୍ରଣରୁ ସୃଷ୍ଟି ହୋଇଛି । ପ୍ରଥମତଃ, ପାଇଲଟ୍ କାର୍ଯ୍ୟ ସମୟ ନିୟମାବଳୀ (FDTL) ଏବଂ ରୋଷ୍ଟରିଂ ବ୍ୟବସ୍ଥାରେ ଥିବା ଅବ୍ୟବସ୍ଥା ଏହି ସମସ୍ୟାର ଏକ ପ୍ରମୁଖ କାରଣ । ସମ୍ପ୍ରତି ଲାଗୁ ହୋଇଥିବା ନୂତନ ନିୟମାବଳୀ ଅନୁଯାୟୀ ପାଇଲଟମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ଦେବା ଏବଂ କ୍ଳାନ୍ତି ଦୂର କରିବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି । କିନ୍ତୁ ଇଣ୍ଡିଗୋ ଭଳି ବୃହତ ସଂସ୍ଥା ନିଜର ବିମାନ ସଂଖ୍ୟା ତୁଳନାରେ ପର୍ଯ୍ୟାପ୍ତ ପରିମାଣର ଅଭିଜ୍ଞ ପାଇଲଟ୍ ନିଯୁକ୍ତି କରିବାରେ ବିଫଳ ହୋଇଥିବା ପରି ମନେହୁଏ । ଫଳସ୍ୱରୂପ, ଯେତେବେଳେ ଖରାପ ପାଣିପାଗ ଯୋଗୁଁ ବିମାନ ବିଳମ୍ବିତ ହୁଏ, ସେତେବେଳେ ପାଇଲଟମାନଙ୍କ ଡ୍ୟୁଟି ସମୟ ସରିଯାଏ ଏବଂ ବିକଳ୍ପ ପାଇଲଟ୍ ନଥିବା କାରଣରୁ ଶେଷ ମୁହୂର୍ତ୍ତରେ ବିମାନ ବାତିଲ କରିବାକୁ ପଡ଼େ । ଏହା କେବଳ ପରିଚାଳନାଗତ ଅପାରଗତା ନୁହେଁ, ବରଂ ଦୀର୍ଘଦିନ ଧରି ମାନବ ସମ୍ବଳ ନିୟୋଜନରେ ରହିଥିବା ଅବହେଳା ଏବଂ ମୁନାଫାଖୋର ମନୋବୃତ୍ତିର ପରିଣାମ ଅଟେ ।

ଦ୍ୱିତୀୟତଃ, ଇଣ୍ଡିଗୋର ଯାନ୍ତ୍ରିକ ଯୋଗାଣ ଶୃଙ୍ଖଳାରେ ଥିବା ଗୁରୁତର ବିଭ୍ରାଟ ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଇଛି । ତଥ୍ୟ ଅନୁଯାୟୀ, ଇଣ୍ଡିଗୋର ଏୟାରବସ୍ ଏ-୩୨୦ ନିଓ (A320neo) ବିମାନଗୁଡ଼ିକରେ ବ୍ୟବହୃତ ହେଉଥିବା 'ପ୍ରାଟ୍ ଆଣ୍ଡ ହ୍ୱିଟନି' (Pratt & Whitney) ଇଞ୍ଜିନରେ ଦେଖାଦେଇଥିବା ବୈଷୟିକ ତ୍ରୁଟି ଯୋଗୁଁ ସଂସ୍ଥାକୁ ଏକ ବଡ଼ ଧରଣର ଝଟକା ଲାଗିଛି । ଇଞ୍ଜିନର ପାଉଡର ମେଟାଲ ସମସ୍ୟା କାରଣରୁ ଇଣ୍ଡିଗୋକୁ ଏହାର ମୋଟ ବିମାନ ବହରର ଏକ ବଡ଼ ଅଂଶ, ପ୍ରାୟ ୭୦ରୁ ୮୦ଟି ବିମାନକୁ ଦୀର୍ଘ ସମୟ ଧରି ଭୂମିରେ ବସାଇ ରଖିବାକୁ (Grounding) ପଡ଼ିଛି । ଯେତେବେଳେ ଏକ ବିମାନ ସେବା ସଂସ୍ଥାର ଏତେ ସଂଖ୍ୟକ ବିମାନ ଅଚଳ ହୋଇପଡ଼େ, ସେତେବେଳେ ଏହାର ସିଧାସଳଖ ପ୍ରଭାବ ଦୈନନ୍ଦିନ ଉଡ଼ାଣ କାର୍ଯ୍ୟସୂଚୀ ଉପରେ ପଡ଼ିବା ସ୍ୱାଭାବିକ । ଗୋଟିଏ ପଟେ ଯାତ୍ରୀଙ୍କ ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଅନ୍ୟ ପଟେ ଯାନ୍ତ୍ରିକ କାରଣରୁ ବିମାନ ସଂଖ୍ୟା ହ୍ରାସ ପାଇବା ଯୋଗୁଁ ଯେଉଁ ଅସନ୍ତୁଳନ ସୃଷ୍ଟି ହୋଇଛି, ତାହା ହିଁ ବର୍ତ୍ତମାନର ବିଶୃଙ୍ଖଳାର ଅନ୍ୟତମ ମୁଖ୍ୟ କାରଣ । ଏହି ପରିସ୍ଥିତିରେ ସାମାନ୍ୟ ପାଣିପାଗ ଖରାପ ହେଲେ କିମ୍ବା ଅନ୍ୟ କୌଣସି ସମସ୍ୟା ଦେଖାଦେଲେ, ବିକଳ୍ପ ବିମାନର ଅଭାବ ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ।

ତୃତୀୟତଃ, ନିୟାମକ ସଂସ୍ଥା ଡିଜିସିଏ (DGCA) ଦ୍ୱାରା ବିଭିନ୍ନ ସମୟରେ ଇଣ୍ଡିଗୋ ଉପରେ ଲଗାଯାଇଥିବା ଜରିମାନା ସଂସ୍ଥାର ସୁରକ୍ଷା ଓ ତାଲିମ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷକରି କୁହୁଡ଼ି ସମୟରେ ବିମାନ ଅବତରଣ ପାଇଁ ଆବଶ୍ୟକୀୟ 'କ୍ୟାଟ୍-ଥ୍ରୀ' (CAT-III) ତାଲିମପ୍ରାପ୍ତ ପାଇଲଟମାନଙ୍କୁ ଉପଯୁକ୍ତ ସମୟରେ ନିୟୋଜିତ ନକରିବା ଏକ ଗୁରୁତର ତ୍ରୁଟି । ଅତୀତରେ ମୁମ୍ବାଇ ବିମାନବନ୍ଦରରେ ଯାତ୍ରୀମାନେ ଟାର୍ମାକ୍ (Tarmac) ଉପରେ ବସି ଖାଇବା ଘଟଣା ସମଗ୍ର ବିଶ୍ୱରେ ଭାରତୀୟ ବିମାନ ଚଳାଚଳ ବ୍ୟବସ୍ଥାର ଛବି ମଳିନ କରିଥିଲା । ଏଭଳି ଘଟଣାଗୁଡ଼ିକ ସୂଚାଏ ଯେ ସଂସ୍ଥାଟି ଯାତ୍ରୀ ସୁରକ୍ଷା, ସମ୍ମାନ ଓ ସେବା ଅପେକ୍ଷା ବ୍ୟବସାୟିକ ଲାଭକୁ ଅଧିକ ଗୁରୁତ୍ୱ ଦେଉଛି । ଯେତେବେଳେ ନିୟାମକ ସଂସ୍ଥାଗୁଡ଼ିକ କେବଳ ଆର୍ଥିକ ଦଣ୍ଡ ବିଧାନ କରି ଚୁପ୍ ରୁହନ୍ତି, ସେତେବେଳେ ବୃହତ କର୍ପୋରେଟ୍ ସଂସ୍ଥାମାନେ ଏହାକୁ 'ବ୍ୟବସାୟ କରିବାର ଖର୍ଚ୍ଚ' (Cost of doing business) ଭାବେ ଗ୍ରହଣ କରିନିଅନ୍ତି, କିନ୍ତୁ ମୂଳ ସମସ୍ୟାର ସମାଧାନ ପାଇଁ ଆନ୍ତରିକତା ଦେଖାନ୍ତି ନାହିଁ ।

ଏହି ସମଗ୍ର ଘଟଣାବଳୀର ଆର୍ଥିକ ଓ ସାମାଜିକ ଦିଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ । ଭାରତୀୟ ବିମାନ ବଜାରରେ ଇଣ୍ଡିଗୋର ଏକଚାଟିଆ ଆଧିପତ୍ୟ (Monopoly) ରହିଛି । ଗୋ-ଫାଷ୍ଟ (Go First) ଦେବାଳିଆ ହେବା ଏବଂ ସ୍ପାଇସଜେଟ୍ (SpiceJet) କ୍ରମାଗତ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ, ଇଣ୍ଡିଗୋ ପାଖରେ ପ୍ରତିଯୋଗିତାର ଘୋର ଅଭାବ ରହିଛି । ଅର୍ଥନୀତିର ନିୟମ ଅନୁଯାୟୀ, ଯେତେବେଳେ ବଜାରରେ ପ୍ରତିଯୋଗିତା କମିଯାଏ, ସେତେବେଳେ ସେବା ପ୍ରଦାନକାରୀ ସଂସ୍ଥାମାନେ ଗ୍ରାହକଙ୍କ ପ୍ରତି କମ୍ ଉତ୍ତରଦାୟୀ ହୋଇପଡନ୍ତି । ସମ୍ପ୍ରତି ଇଣ୍ଡିଗୋ କ୍ଷେତ୍ରରେ ତାହା ହିଁ ଦେଖିବାକୁ ମିଳୁଛି । ଶେଷ ମୁହୂର୍ତ୍ତରେ ବିମାନ ବାତିଲ ହେଲେ ଯାତ୍ରୀମାନଙ୍କୁ ବିକଳ୍ପ ବ୍ୟବସ୍ଥା ଯୋଗାଇବାରେ ବିଫଳତା, ଟିକେଟ ମୂଲ୍ୟ ଫେରସ୍ତରେ ବିଳମ୍ବ ଏବଂ ବିମାନ ବନ୍ଦରରେ ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇବା ଭଳି ଘଟଣା ଏହି ଏକଚାଟିଆ ମନୋଭାବର ପରିଣାମ । ଏପରିକି, ବିମାନ ବାତିଲ ହେବା ଫଳରେ ଯେତେବେଳେ ଚାହିଦା ବଢିଯାଏ, ସେତେବେଳେ 'ସ୍ପଟ୍ ଫେୟାର' (Spot Fares) ବା ତତ୍କାଳ ଟିକେଟ ମୂଲ୍ୟ ଆକାଶଛୁଆଁ ହୋଇଯାଏ, ଯାହା ପରୋକ୍ଷରେ ସାଧାରଣ ଯାତ୍ରୀଙ୍କ ପକେଟ ଉପରେ ବୋଝ ସୃଷ୍ଟି କରେ । ଅର୍ଥାତ, ନିଜର ଅପାରଗତା ସତ୍ତ୍ୱେ ବଜାରରେ ବିକଳ୍ପ ନଥିବାରୁ ସଂସ୍ଥାଟି ଲାଭବାନ ହେବାର ସୁଯୋଗ ପାଉଛି, ଯାହା ଏକ ସୁସ୍ଥ ବଜାର ବ୍ୟବସ୍ଥା ପାଇଁ ଆଦୌ ଶୁଭଙ୍କର ନୁହେଁ ।

ଏହି ପରିପ୍ରେକ୍ଷୀରେ ସରକାର ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେବଳ ବିମାନବନ୍ଦରର ସଂଖ୍ୟା ବୃଦ୍ଧି କରିବା ଯଥେଷ୍ଟ ନୁହେଁ, ବରଂ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଉତ୍ତରଦାୟିତ୍ୱ ନିଶ୍ଚିତ କରିବା ମଧ୍ୟ ସରକାରଙ୍କ ଦାୟିତ୍ୱ । ଯାତ୍ରୀମାନଙ୍କ ଅଧିକାର ସୁରକ୍ଷା ପାଇଁ ଏକ କଠୋର 'ଯାତ୍ରୀ ଅଧିକାର ସନନ୍ଦ' (Passenger Bill of Rights) ଲାଗୁ କରିବାର ସମୟ ଆସିଛି, ଯେଉଁଥିରେ ବିମାନ ବାତିଲ କିମ୍ବା ଅତ୍ୟଧିକ ବିଳମ୍ବ କ୍ଷେତ୍ରରେ ଯାତ୍ରୀଙ୍କୁ ତୁରନ୍ତ କ୍ଷତିପୂରଣ ଏବଂ ସୁବିଧା ଯୋଗାଇଦେବା ବାଧ୍ୟତାମୂଳକ ହେବ । ବର୍ତ୍ତମାନର ନିୟମାବଳୀରେ ଥିବା ଛିଦ୍ରଗୁଡ଼ିକୁ ବ୍ୟବହାର କରି ବିମାନ କମ୍ପାନୀଗୁଡ଼ିକ ଖସିଯାଉଛନ୍ତି, ଯାହାକୁ ରୋକିବା ପାଇଁ ସରକାରଙ୍କୁ ଦୃଢ଼ ହସ୍ତକ୍ଷେପ କରିବାକୁ ପଡ଼ିବ । ଏହା ସହିତ ବଜାରରେ ପ୍ରତିଯୋଗିତା ବୃଦ୍ଧି କରିବା ପାଇଁ ନୂତନ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ଏକଚାଟିଆ ବଜାର ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ ନୀତି ନିର୍ଦ୍ଧାରଣ କରିବା ଜରୁରୀ ।

ଇଣ୍ଡିଗୋର ସାମ୍ପ୍ରତିକ ବିପର୍ଯ୍ୟୟ ଆମକୁ ଶିକ୍ଷା ଦେଉଛି ଯେ କେବଳ ଶସ୍ତା ଦରରେ ବିମାନ ସେବା ଯୋଗାଇଦେବା (Low-cost carrier model) ଯଥେଷ୍ଟ ନୁହେଁ, ବିଶ୍ୱସନୀୟତା ଏବଂ ସେବାର ମାନ ବଜାୟ ରଖିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଭାରତ ଯେତେବେଳେ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖୁଛି, ସେତେବେଳେ ଏହାର ପରିବହନ ଭିତ୍ତିଭୂମି ସୁଦୃଢ଼ ଓ ନିର୍ଭରଯୋଗ୍ୟ ହେବା ଏକାନ୍ତ ଆବଶ୍ୟକ । ଯଦି ଦେଶର ସବୁଠାରୁ ବଡ଼ ବିମାନ ସେବା ସଂସ୍ଥା ନିୟମିତ ଭାବେ ବିଫଳ ହୁଏ, ତେବେ ଏହା ବ୍ୟବସାୟିକ ଯାତ୍ରା, ପର୍ଯ୍ୟଟନ ଏବଂ ସାମଗ୍ରିକ ଅର୍ଥନୈତିକ ଗତିବିଧିକୁ ମନ୍ଥର କରିଦେବ । ତେଣୁ, ଇଣ୍ଡିଗୋ ପାଇଁ ଏହା ଆତ୍ମସମୀକ୍ଷାର ସମୟ । କେବଳ ବଜାର ଅଂଶ ବଢାଇବା ପରିବର୍ତ୍ତେ ନିଜର ଭିତ୍ତିଭୂମି, ଇଞ୍ଜିନ ସମସ୍ୟାର ସମାଧାନ ଏବଂ ଗ୍ରାହକ ସେବାରେ ଉନ୍ନତି ଆଣିବା ଉପରେ ସଂସ୍ଥା ଗୁରୁତ୍ୱ ଦେବା ଉଚିତ । ଯାତ୍ରୀଙ୍କ ସମୟ ଓ ଅର୍ଥର ମୂଲ୍ୟ ବୁଝିବା ହିଁ ଏକ ଦାୟିତ୍ୱବାନ ବିମାନ ସେବା ସଂସ୍ଥାର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ ।

## ୬୦ବର୍ଷ ପରେ ନେହେରୁଙ୍କ ଭୁଲ୍ ଖୋଜିବା ବନ୍ଦ ହେଉ



### ଗୋପାଳ ମହାପାତ୍ର

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମୃତ୍ୟୁର ୬୦ବର୍ଷରୁ ଅଧିକ ସମୟ ବିତିଗଲାଣି କିନ୍ତୁ ଏବେ ବି ତାଙ୍କର ଭୁଲତୃଟି ଖୋଜା ଚାଲିଛି। ଭାରତର ଅନେକ ସମସ୍ୟା ପାଇଁ ତାଙ୍କୁ ଦାୟୀ କରାଯାଇ ତାଙ୍କର ସମାଲୋଚନା କରାଯାଉଛି। ଅରବିନ୍ଦ ପନଗଡିଆଙ୍କ ଲିଖିତ ପୁସ୍ତକ 'ଦି ନେହେରୁ ଏରା ଇକୋନୋମିକ ହିଷ୍ଟ୍ରି ଆଣ୍ଡ ଥଟ ଆଣ୍ଡ ଦେୟାର ଲାଷ୍ଟିଙ୍ଗ ଇମ୍ପାକ୍ଟ' ପୁସ୍ତକ ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଲେଖକ ତାଙ୍କ ପୁସ୍ତକରେ ନେହେରୁଙ୍କ ଆର୍ଥୀକ ଭୁଲ ତୃଟି ବାବଦରେ ଉଲ୍ଲେଖ କରି କହିଛନ୍ତି ଯେ ନେହେରୁଙ୍କ ଭୁଲକୁ ପରବର୍ତ୍ତୀ ସମୟରେ ସୁଧାରିବା ମଧ୍ୟ କଷ୍ଟକର ହୋଇପଡିଛି। ନେହେରୁ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ କେତେକ ଭୁଲ କରିଥିବେ ନିଶ୍ଚୟ କିନ୍ତୁ ପୁସ୍ତକରେ ତାଙ୍କ ବାବଦରେ ସମାଲୋଚନା କିନ୍ତୁ ସୀମା ଠାରୁ ଅଧିକ ହୋଇଯାଇଛି। ୧୯୬୬ ମସିହାରେ ନେହେରୁ ଶାସନରୁ ଯିବା ପର୍ଯ୍ୟନ୍ତ ଭାରତର ଆର୍ଥୀକ ପ୍ରଦର୍ଶନ ଏସିଆର ପଡ଼ୋଶୀ ଦେଶ ମାନଙ୍କଠାରୁ ପଛରେ ନଥିଲା। ସେତେବେଳେ ଦେଶର ପ୍ରତି ବ୍ୟକ୍ତିର ଆୟ ଥାଇଲ୍ୟାଣ୍ଡ ଠାରୁ କିଛି କମ୍ ଥିଲେ ମଧ୍ୟ ଚୀନ ଓ କୋରିଆଠାରୁ ଅଧିକ ଥିଲା। ୧୯୭୦ ଦଶକ ପରେ ଚୀନ ଓ କୋରିଆ ଠାରୁ ଭାରତର ପ୍ରତିବ୍ୟକ୍ତିର ଆୟ ମଧ୍ୟ ଅଧିକଥିଲା। ଅନ୍ୟପକ୍ଷରେ ନେହେରୁ ରାଜ୍ୟ-ଆଧାରିତ ଆମଦାନୀ ପ୍ରତିସ୍ଥାପନ ମଡ୍ଡ଼େଲକୁ ସମର୍ଥନ କରୁଥିଲେ। ଉପନିବେଶବାଦର ଉନ୍ମୁଳନ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ବିକାଶଶୀଳ ଦୁନିଆକୁ ଅନେକ ଭାଗରେ ବିଭକ୍ତ କରାଯାଇଥିଲା। ଲାଟିନ ଆମେରିକା ଠାରୁ ଆଫ୍ରିକାର ଅଧିକାଂଶ ଅଂଶ (ଦେଶ) ଏବଂ ଚୀନ ଓ ପୂର୍ବ ଏସିଆରେ ନେହେରୁଙ୍କ ମଡ୍ଡ଼େଲ ଲୋକପ୍ରିୟଥିଲା। କିନ୍ତୁ ଭାରତରେ ଲାଇସେନ୍ସ ରାଜ ଥିଲା ଓ ଘରୋଇ କ୍ଷେତ୍ରକୁ ଉତ୍ପାଦନ କୋଟା ଦିଆଯାଉଥିଲା। ୧୯୪୭ ର ଔଦ୍ୟୋଗିକ ବିବାଦ ଅଧିନିୟମ ଅନୁସାରେ ୧୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଥିବା ସଂସ୍ଥାର କର୍ମଚାରୀଙ୍କୁ ଛଟେଇ କରିବା ମୁସ୍କିଲ ହୋଇ ଯାଉଥିଲା। ଲେଖକ ଡ଼ଃ ପନଗଡ଼ିଆଙ୍କ ଏ ପ୍ରସଙ୍ଗରେ ସୂଚନାରୁ ସ୍ପଷ୍ଟ ଯେ ନେହେରୁ ସମାଜବାଦୀ ବିଚାରକୁ ବିକଶିତ କରିଥିଲେ। ଏହି ବିଚାର ସେ ସମୟରେ ପ୍ରଚଳିତ ଥିଲା।

ବାସ୍ତବରେ ୧୯୪୪ ମସିହାରେ ବିରଳା ଏବଂ ଟାଟାଙ୍କ ନେତୃତ୍ୱରେ ପୁଞ୍ଜିପତିମାନଙ୍କର ଏକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା 'ବମ୍ବେଯୋଜନା' ମଧ୍ୟ ୧୯୫୬ରେ ନେହେରୁ ଏବଂ ମହାଲେନବିସଙ୍କ ଦ୍ୱାରା ଅଣାଯାଇଥିବା ସମାଜବାଦୀ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସହ ସମାନ ଥିଲା। ଡଃ ପନଗଡିଆ ଅନେକ ମନଗଢା କାହାଣୀର ବ୍ୟାଖ୍ୟା କରି ଲେଖିଛନ୍ତି ଯେ ଏହି ପୁଞ୍ଜିପତି ମାନଙ୍କୁ ନେହେରୁଙ୍କ ମାନସିକତା ବାବଦରେ ପୁର୍ବରୁ ଜଣା ଥିଲା। ଏଇଥିପାଇଁ ସେମାନେ 'ବମ୍ବେ ଯୋଜନା' ପ୍ରସ୍ତୁତ କରିଥିଲେ ଯାହାକୁ ବାଧହୋଇ ନେହେରୁ କାର୍ଯ୍ୟକାରୀ କରିଥିଲେ। ଡ଼ଃ ପନଗଡିଆ ଏକଥା ବୁଝିପାରି ନାହାଁନ୍ତି ଯେ ଗାନ୍ଧୀଙ୍କ ସମୟର ଏହି ଶକ୍ତିଶାଳୀ ଉଦ୍ୟୋଗପତି ମାନେ ୧୯୪୪ରେ ନେହେରୁଙ୍କୁ ଡ଼ରୁଥିଲେ କାହିଁକି ? ମେଘନାଦ ଦେଶାଇ ଏବଂ ସୟ ବାରୁଙ୍କ ଦ୍ୱାର ସମ୍ପାଦିତ 'ଦି ବମ୍ବେ ପ୍ଲାନ' ଉପରେ ଲିଖିତ ଏକ ପୁସ୍ତକରେ ଲେଖା ଯାଇଛି ଯେ ଭାରତୀ ଉଦ୍ୟୋଗ ଯେଉଁଥିରେ ଔଦ୍ୟୋଗୀକରଣ ପାଇଁ ସରକାରୀ ସମର୍ଥନ ମଗାଯାଇଥିଲା। ଏହା ପରିବର୍ତ୍ତେ ନେହେରୁ ଏଭଳି ଏକ ଯୋଜନା ପ୍ରସ୍ତୁତ କରିଥିଲେ ଯାହା ଫଳରେ ପ୍ରମୁଖ ଉଦ୍ୟୋଗ ରାଜ୍ୟ ଅଧିନରେ ରହିଲା କିନ୍ତୁ ଉପଭୋକ୍ତା ବସ୍ତୁକୁ ଘରୋଇ କ୍ଷେତ୍ର ପାଇଁ ଛାଡି ଦିଆଗଲା। ୧୯୯୧ର ଆର୍ଥୀକ ସଙ୍କଟ ପର୍ଯ୍ୟନ୍ତ ଭାରତର ନୀତି ବଦଳି ନଥିଲା ଏବଂ ସେ ପର୍ଯ୍ୟନ୍ତ ବିଶାଳ ଏବଂ ବିସ୍ତାରିତ ସାର୍ବଜନିକ କ୍ଷେତ୍ର ରହିଥିଲା।

ବାସ୍ତବରେ ନେହେରୁଙ୍କ ଉତ୍ତରାଧିକାରୀ ମାନେ ନେହେରୁଙ୍କ ଅନେକ ଅସଫଳ ମଡେଲକୁ କାର୍ଯ୍ୟକାରୀ କରିଥିଲେ। ଇନ୍ଦିରାଗାନ୍ଧୀ ବ୍ୟାଙ୍କିଙ୍ଗ ପ୍ରଣାଳୀର ରାଷ୍ଟ୍ରୀୟ କରଣ କରିଥିଲେ ଯାହା ନେହେରୁ କଳ୍ପନା କରିନଥିଲେ। ନେହେରୁଙ୍କ ସମୟରେ ୫ଟି ସାର୍ବଜନିକ କ୍ଷେତ୍ରର ସଂସ୍ଥା (ପିଏସ୍ୟୁ) ଆରମ୍ଭ ହୋଇଥିଲା। ନେହେରୁଙ୍କ ମୃତ୍ୟୁର ୧ବର୍ଷ ପରେ ୧୯୬୫ ବେଳକୁ ଏହାର ସଂଖ୍ୟା ୮୦ରେ ପହଞ୍ଚିଥିଲା। ୧୯୯୧ରେ ଯେତେବେଳେ ଆର୍ଥୀକ ସୁଧାର କଥା ଉଠିଲା ସେତେବେଳକୁ ପିଏସ୍ୟୁ ସଂଖ୍ୟା ୨୪୬ ହୋଇଯାଇଥିଲା ଓ ୨୦୧୪-୧୫ ବେଳକୁ ଏହି ସଂଖ୍ୟା ୨୯୮ରେ ପହଞ୍ଚିଥିଲା। ମୋଦୀ ସରକାର ସମୟରେ ଏହି ସଂଖ୍ୟା ମଧ୍ୟ ବଢିଛି। ମହାରତ୍ନ (ବୃହତ୍ ସାର୍ବଜନିକ ଉପକ୍ରମ) ସଂଖ୍ରା ୭ରୁ ୧୪ ହୋଇଛି ଓ ୨୦୧୮ରେ ଆମଦାନୀ ସଂରକ୍ଷଣ ନୀତିକୁ ପୁଣି ଲାଗୁ କରାଯାଇଛି। ମୋଦୀ ସରକାରଙ୍କ ଶ୍ରମ ନୀତି ଉତ୍ସାହଜନକ ନିଷ୍ପତ୍ତି। ୫ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିବା ଶ୍ରମ ନୀତି ଅନୁସାରେ ଶ୍ରମିକ ଛଟେଇ ପାଇଁ ଆବଶ୍ୟକ ପଡୁଥିବା ସଂଖ୍ୟା ୧୦୦କୁ ବୃଦ୍ଧି କରାଯାଇ ୩୦୦ କରାଯାଇଥିଲା ଓ ଅନ୍ୟ କେତେକ ତତ୍ତ୍ୱକୁ ସାମିଲ କରାଯାଇଥିଲା। ଏଣୁ ଏବେ ମୋଦୀ ସରକାର ଶ୍ରମ ନୀତି ବାବଦରେ ଯେଉଁ ଅଧିସୂଚନା ଜାରିକରିଛନ୍ତି ତାହା ଶ୍ରମିକଙ୍କୁ ଅତିରିକ୍ତ ଫାଇଦା ଦେଇପାରିବ ନାହିଁ ତଥାପି ଏହା ସ୍ୱାଗତ ଯୋଗ୍ୟ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ଏବଂ ମୁଦ୍ରାସ୍ଫିତି ସତ୍ତ୍ୱେ ଭାରତର ଅର୍ଥନୈତିକ ପ୍ରଦର୍ଶନ ଭଲ ରହିଛି। ଆଶା କରାଯାଉଛି ଆଗାମୀ ବଜେଟ ଏହାଉପରେ କେନ୍ଦ୍ରୀତ ହେବ।

ଏସବୁ ଲେଖିବାର ଉଦ୍ଦେଶ୍ୟ ନୁହେଁ ଯେ ନେହେରୁଙ୍କ ମଡ୍ଡ଼େଲକୁ ସମର୍ଥନ କରିବା। ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ ରାଜକୃଷ୍ଣ ନେହେରୁଙ୍କ ମଡ୍ଡ଼େଲର ପ୍ରଖର ସମାଲୋଚକ ଥିଲେ ଓ ରାଇସେନ୍ସ ରାଜର କଠୋର ସମାଲୋଚନା କରୁଥିଲେ। କିନ୍ତୁ କଥା ହେଉଛି ନେହେରୁ ଆମ ପାଇଁ ଯାହା ଛାଡି ଯାଇଥିଲେ ତାକୁ ସୁଧାରିବା ପାଇଁ ଆମ ପାଖରେ ୬୦ ବର୍ଷରୁ ଅଧିକ ସମୟ ଥିଲା କିନ୍ତୁ ତାଙ୍କ ଉତ୍ତରାଧିକାରୀ ମାନେ ଯଦି ସୁଧାରି ପାରିଲେ ନାହିଁ ତେବେ ଏଥିପାଇଁ ନେହେରୁଙ୍କୁ ଦାୟୀ କରାଯିବ କାହିଁକି ? ତାଙ୍କ ଆର୍ଥୀକ ନୀତିକୁ ଦେଖିଲେ କିଛି ତୃଟି ଥାଇପାରେ କିନ୍ତୁ ଭୁଲିଯିବା ଉଚିତ୍ ନୁହେଁ ଯେ ସ୍ୱାଧିନତା ପାଇଁ ତାଙ୍କର ଅବଦାନ ଅନେକ। ୬୦ବର୍ଷ ପରେ ତାଙ୍କ ଭୁଲ ଖୋଜିବା ଉତ୍ତମ ମାନସିକତାର ପରିଚୟ ନୁହେଁ।


+ରାମଚନ୍ଦ୍ରପୁର, ରଣପୁର

ମୋ - ୯୪୩୮୪୮୫୦୯୪


## ସାମାଜିକ ସୁରକ୍ଷା ଯୋଜନା : ସବା ଶେଷ ଲୋକ ନିକଟରେ ପହଞ୍ଚିବା ଜରୁରୀ



### ସୌଭାଗ୍ୟ ରଂଜନ ମହାନ୍ତି

ଦେଶର ଜନସାଧାରଣଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ଭାରତ ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲଓ)ର ମୂଲ୍ୟାୟନ ଅନୁଯାୟୀ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ଆଇଏଲଓର ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିବା ନିଶ୍ଚିତ ଭାବେ ଏକ ସୌଭାଗ୍ୟ ବୋଲି କୁହାଯାଇ ପାରିବ।। ଆଇଏଲଓର ରିପୋର୍ଟ ଅନୁଯାୟୀ ଭାରତ ପ୍ରାୟ ୯୪କୋଟି ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେଇଛି ଦେଶର ମୋଟ ଜନସଂଖ୍ୟାର ୬୪.୩ ପ୍ରତିଶତ ସାମାଜିକ ସୁରକ୍ଷାର ଅର୍ନ୍ତଭୁକ୍ତ ହୋଇଥିବାବେଳେ ୨୦୧୯ରେ ସେମାନଙ୍କ ସଂଖ୍ୟା ଥିଲା ୨୪.୪ ପ୍ରତିଶତ। ଏହି ପରିସଂଖ୍ୟାନ ନିଶ୍ଚିତ ଭାବେ ଉତ୍ସାହଜନକ କିନ୍ତୁ ଏହା କେତେଦୂର ସତ୍ୟ, ସେ ନେଇ ବିସ୍ତୃତ ରିପୋର୍ଟର ଆବଶ୍ୟକ ରହିଛି। ଉଦାହରଣ ସ୍ୱରୁପ ନିୟମିତ ବେତନ କିମ୍ବା ମଜୁରୀ ପାଉଥିବା ୫୩.୪ ପ୍ରତିଶତ ଯେକୌଣସି ଗୋଟିଏ ହେଲେ ସାମାଜିକ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ ହୋଇନଥିବା କିମ୍ବା କୌଣସି ସୁବିଧା ସୁଯୋଗ ପାଉନଥିବା ପିରିଅଡିକ୍ ଲେବର ଫୋର୍ସ ସର୍ଭେ ପକ୍ଷରୁ ପ୍ରକାଶିତ ସର୍ବଶେଷ ରିପୋର୍ଟରେ କୁହାଯାଇଛି। ସାମାଜିକ ସୁରକ୍ଷା ଯୋଜନାରୁ ବଂଚିତଙ୍କ ସଂଖ୍ୟା ୨୦୨୩-୨୪ ସୁଦ୍ଧା ୫୩.୪ ପ୍ରତିଶତ ଥିଲା। ଏମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ମଧ୍ୟ ରାଜ୍ୟସ୍ତରରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ଯୋଜନା ବା କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ ହୋଇନଥିବା କୁହାଯାଏ। ଏହାର ମୁଖ୍ୟ କାରଣ ହେଉଛି ଜନହିତକର ଯୋଜନାର ନୀତିନିୟମ ସେମାନଙ୍କ ବାର୍ଷିକ ଆୟ ମଧ୍ୟରେ ଆସୁନଥିବାରୁ ବଂଚିତ ହେବା ସାର ହେଉଛି। ଭାରତୀୟ ଜନସଂଖ୍ୟାର ୮୦ ପ୍ରତିଶତରୁ ଅଧିକ ଅଣ ଆନୁଷ୍ଠାନିକ ସେକ୍ଟରରେ କାର୍ଯ୍ୟ କରୁଥିବାବେଳେ ସେମାନେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପରି ସାମାଜିକ ସୁରକ୍ଷା ଯୋଜନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ମାତ୍ର ସର୍ଭେ କହେ ଯେ, ସେମାନଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଥିବାବେଳେ ଏହି ଯୋଜନାରେ ବଜେଟ ବ୍ୟୟ ବରାଦ ବୃଦ୍ଧି ପାଉନଥିବା ଯୋଗୁଁ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ବଢୁନାହିଁ। ଏହା ନିସନ୍ଦେହ ଯେ, ସାମାଜିକ ସୁରକ୍ଷା ଯୋଜନା କାଗଜ ପତ୍ରରେ ସୀମିତ ରହିଛି କିନ୍ତୁ ବାସ୍ତବରେ ଏହା ଆଶାୟୀ ହିତାଧିକାରୀଙ୍କ ନିକଟରେ ପହଁଚି ପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ସାମାଜିକ ସୁରକ୍ଷା କୋର୍ଡରେ ସାମାଜିକ ସୁରକ୍ଷା ପାଣ୍ଠି କେବଳ ଅସ୍ଥାୟୀ (ଗିଗ୍) ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଆସନ୍ତା ୨୦୩୦ସୁଦ୍ଧା ସେମାନଙ୍କ ସଂଖ୍ୟା ୨୩.୫ ମିଲିଅନରେ ପହଁଚିବ। ତେବେ ସର୍ବନିମ୍ନ କେତେ ସଂଖ୍ୟକ ଅସ୍ଥାୟୀ କର୍ମଚାରୀ ଏହି ଯୋଜନାରେ ସାମିଲ ହେବେ, ସେ ନେଇ କୌଣସି ସୀମା ନିର୍ଦ୍ଧାରଣ କରାଯାଇନାହିଁ। ସେହିପରି ଘରୋଇ ସହାୟକ ଓ କୃଷିକ୍ଷେତ୍ରରେ କାମ କରୁଥିବା ଅଣ ଆନୁଷ୍ଠାନିକ ଶ୍ରମିକଙ୍କ ପାଇଁ ମଧ୍ୟ କିଛି କୁହାଯାଇନାହିଁ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଦେଶର ପ୍ରତ୍ୟେକ ରାଜ୍ୟରେ ବେଶ ଆଦୃତ ହୋଇଥିବା ବାର୍ଦ୍ଧକ୍ୟ ଭତା ଯୋଜନା (ଓଲଡଏଡ୍ ପେନସନ)ରେ କେନ୍ଦ୍ର ସରକାରଙ୍କ ଅଂଶଧନ ମାସିକ ମାତ୍ର ୨୦୦ଟଙ୍କା ରହିଛି, ଯାହାକି ୨୦୦୬ ପର୍ଯ୍ୟନ୍ତ ଦୈନନ୍ଦିନ ମଂଜୁରୀ ଠାରୁ କମ୍। ଆଇଏଲଓର ତଥ୍ୟ ଅନୁଯାୟୀ ବ୍ରାଜିଲ ଦେଶବାସୀଙ୍କୁ ସାମାଜିକ ସୁରକ୍ଷା ଯୋଗାଇବାରେ ତାଲିକାର ପ୍ରଥମ ସ୍ଥାନରେ ରହିଥିବାବେଳେ ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ ସୁରକ୍ଷାର ଗ୍ୟାରେଂଟି ଦେଇଥିବା ବେଳେ ବେକାରୀ ଇନସ୍ୟୁରାନ୍ସକୁ ମଧ୍ୟ ବାଧ୍ୟତାମୂଳକ କରିଛି। କିନ୍ତୁ ଆମ ଦେଶରେ ବର୍ଦ୍ଧିତ ବେକାରୀ ଆହୁରି ଅସୁରକ୍ଷିତ କରିଦେଇଛି। ତେବେ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଥିବା ତୃଟିର ସଂଶୋଧନ କରି ଏହା ଯେପରି ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ।


+ସମ୍ମାନ ଭବନ,

ପ୍ଲଟ ନଂ-୫୮/୩୫୮୧,

ଗାଙ୍ଗୋତ୍ରୀ ନଗର,

ରୋଡ ନଂ-୩,

ଶିଶୁପାଳଗଡ,-୭୫୧୦୦୨

ମୋ: ୭୯୭୮୬୬୬୪୦୩


## ଜିଲ୍ଲାର ଜନପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ସରକାର ରଖି ପାରିବେ କି ?



### ସୁବ୍ରତ କର

ଦେଢ଼ ବର୍ଷର ସରକାରଙ୍କ ପାଖରୁ ବାଲେଶ୍ୱର ବାସି ବହୁତ କିଛି ଆଶା କରିଥିଲେ କିନ୍ତୁ ଏ ପର୍ଯ୍ୟନ୍ତ ଜିଲ୍ଲାକୁ ବିଶେଷ ସଫଳତା ମିଳି ପାରି ନାହିଁ । ଚାଲିଥିବା ଏସେମ୍ବଲି ସେସନସ୍‌ରେ ଆମ ଜିଲ୍ଲା ପ୍ରତିନିଧି ମାନେ ପ୍ରଚୁର ପ୍ରଶ୍ନ କରି ଚାଲିଛନ୍ତି କିନ୍ତୁ ସେପରି ଆଖି ଦୃଶିଆ ଉତ୍ତର ପାଇବାରେ ସଫଳ ହୋଇପାରୁ ନାହାନ୍ତି । ଆମର ସଦର ପ୍ରତିନିଧି ଗୋଡ଼ାଏ ପ୍ରଶ୍ନ କରିଛନ୍ତି କିନ୍ତୁ ବିଶେଷ ଆକର୍ଷଣ କରିଛି ଯେ ଅବକାରୀ ମନ୍ତ୍ରୀ ଜଣାଇଛନ୍ତି ଯେ ବାଲେଶ୍ୱର ଠାରେ ଆଉ ନୂତନ ମଦ ଦୋକାନ ଖୋଲିବନି। ଏହା ନିଶ୍ଚିତ ବାଲେଶ୍ୱର ବାସୀଙ୍କୁ ସନ୍ତୁଷ୍ଟ କରିଛି । ମୂଳ କାରଣ ହେଲା ଆମ ଜିଲ୍ଲା ମଦ ଏବଂ ଡ୍ରଗ୍ସର ହବ୍ । ସବୁଠୁ ବଡ଼ କଥା ହେଲା ମନ୍ତ୍ରୀ ମହୋଦୟ ଜଣାଇଛନ୍ତି ଯେ କୌଣସି ଜିଲ୍ଲାରେ ନୂତନ ଠିପି ବନ୍ଦ ଅଥବା ଦେଶୀ ମଦ ଦୋକାନ ଖୋଲିବା ନେଇ ସରକାରଙ୍କ ଠାରେ କୌଣସି ପ୍ରସ୍ତାବ ନାହିଁ । ଏହା ନିଶ୍ଚୟ ଓଡ଼ିଶାବାସୀଙ୍କ ପାଇଁ ଭଲ ଖବର କିନ୍ତୁ ଏପଟେ ସରକାର ଆଶା କରିଛନ୍ତି ଏ ବର୍ଷ ଶେଷରେ ରାଜ୍ୟ ପ୍ରାୟ ଅବକାରୀ ବିଭାଗ ମାଧ୍ୟମରୁ ପ୍ରାୟ ୧୧୦୦୦ କୋଟି ଟଙ୍କା ଆୟ କରିବ। ଏବେ ପ୍ରଶ୍ନ ଉଠୁଛି ଯଦି ନୂଆ ମଦ ଦୋକାନ ଖୋଲିବାର ନାହିଁ ତେବେ ମଦରୁ ରେଭିନିଉ ୬୦୦୦ କୋଟି ଟଙ୍କାରୁ ବଢ଼ି ୧୧୦୦୦ କୋଟି ଟଙ୍କା ହବ କେମିତି ? ସେହିପରି ମନ୍ତ୍ରୀ ମହୋଦୟ ମଦ ନୀତି ଦୁର୍ଗା ପୂଜା ପୂର୍ବରୁ ଆଣିବେ ବୋଲି କହିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ନୂଆ ମଦ ନୀତି କଣ ସରକାରଙ୍କ ପାଖରେ ଅଛି କେହି ଜାଣି ପାରିଲେ ନାହିଁ। ସରକାର ଏମିତି ଲୋକଙ୍କ ପାଖରୁ ଦୂରେଇ ରହିବାର କାରଣ କଣ ? ଏବେ ଆସିବା ସଦର ପ୍ରତିନିଧି ଖୋଲାଖୋଲି କହିଛନ୍ତି ଆମ ଜିଲ୍ଲାରେ ଥିବା ମେଡିକାଲ କଲେଜରେ ଏବେ ଅତି ଦରକାରୀ ହୃଦ ବିଭାଗ ଖୋଲୁ କିମ୍ବା ଜଣେ ଦୁଇଜଣ ଭଲ ଡାକ୍ତରଙ୍କୁ ରଖନ୍ତୁ । ଉତ୍ତର ଓଡ଼ିଶାରେ କେଉଁଠାରେ ଜଣେ ହେଲେ ହୃଦ ରୋଗ ବିଶେଷଜ୍ଞ ନାହାନ୍ତି କିନ୍ତୁ ଜନସଂଖ୍ୟା ଖୁବ୍ କମରେ ଏକ କୋଟିରୁ ଉର୍ଦ୍ଧ୍ୱ ହେବ। ହୃଦ୍ ରୋଗୀଙ୍କ ଭରସା କଟକ କିମ୍ବା ଭୁବନେଶ୍ୱର ଏବଂ ଖୁବ୍ ବେଶି ହେଲେ ଯଦି କୌଣସି ପ୍ରାଇଭେଟ ସଂସ୍ଥା କାଁ ଭାଁ ହୃଦ୍‌ରୋଗୀ ବିଶେଷଜ୍ଞଙ୍କୁ ସପ୍ତାହରେ ଥରେ ଆଣି ପାରିଲେ ଭଲ । ଏମିତି କେତେଦିନ ଉତ୍ତର ଓଡ଼ିଶାରେ ୩-୪ଟି ମେଡିକାଲ କଲେଜ ରହି ମଧ୍ୟ କଟକ, ଭୁବନେଶ୍ୱର ଉପରେ ନିର୍ଭର କରି ଚଳିବାକୁ ପଡ଼ିବ । ଏହାଛଡ଼ା ଆମ ପ୍ରତିନିଧି ସହରର ପୂର୍ବରୁ ପ୍ରସ୍ତାବ ଥିବା ରିଂଗ ବନ୍ଧ, ଇଡ଼କୋ ଟାୱାର କଥା ସବୁ ଏସେମବ୍ଲିରେ ଉଠାଇଛନ୍ତି । ଏହାଛଡ଼ା ଜିଲ୍ଲା ପାଇଁ ବହୁତ କିଛି ଦରକାର ଏବଂ ତନ୍ମଧ୍ୟରୁ ସହରକୁ କରପରେସନ୍ କରିବା, ବାଲେଶ୍ୱର ରେଲୱେ ଷ୍ଟେସନକୁ ଖୋର୍ଦ୍ଧା ଡିଭିଜନରେ ଅନ୍ତର୍ଭୁକ୍ତ କରିବା, ବାଲେଶ୍ୱରରୁ ସିଧା ସଳଖ ବମ୍ବେକୁ ଟ୍ରେନ୍ ଗଡ଼ିବା, ଏମସ୍‌ସେଟଲାଇଟ୍ ହସପିଟାଲକୁ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପରିଣତ କରିବା, କୋଷ୍ଟକେନାଲ ଖୋଲି ପାଣି ମାଧ୍ୟମରେ ଯାତାୟତରେ ସୁବିଧା କରିବା, ସୁବର୍ଣ୍ଣରେଖା ନଦୀର ବନ୍ୟାକୁ ଲୋକଙ୍କୁ ବଞ୍ଚାହେବା ଇତ୍ୟାଦି । ଦୟାକରି ସରକାର ଦେଢ଼ବର୍ଷ ପରେ ଟିକିଏ ହେଲେ ଆମ ଜନପ୍ରତିନିଧିଙ୍କ କଥାକୁ ଶୁଣନ୍ତୁ !






## ଶୀତ ଆସିଛି

### ସଦାଶିବ ବିଶ୍ୱାଳ

ହେମନ୍ତ ବିଦାୟେ ଆସିଅଛି ଶୀତ
ହସୁଛି ସୋରିଷ କ୍ଷେତ,
ମନ ଯାଏ ପୁରି ଲକ୍ଷ୍ମୀମାତା ସ୍ମରି
ଉଡୁଛି ସୁବର୍ଣ୍ଣ ନେତ

ସୁବର୍ଣ୍ଣ ବର୍ଣ୍ଣର ଏ ସୋରିଷ କ୍ଷେତ
ସାଥେ ସୂର୍ଯ୍ୟମୁଖି ଫୁଲ,
ଏ ଶୀତ ଋତୁରେ ସବୁ ସୁନା ଲାଗେ
ଦୃଶ୍ୟ ତ ଅମୁଲମୂଲ

ସୁନା ଧାନ କ୍ଷେତ ସବୁରି ଆଗରେ
ଚାଷୀ ଧାଏଁ ଦାଆ ଧରି,
ଫୁଙ୍ଗୁଳା ଦେହରେ ଗାଉଅଛି ଗୀତ
ଶୀତକୁ ତିଳେ ନ ଡରି

ସୁନା ଧାନ କ୍ଷେତେ ପାଣି ଅଳ୍ପ ଅଛି
ଚାଷୀର ଭୋକିଲା ପେଟ,
ଶୁଣାଏ ଗଳପ ଭୋକ ଚାଷୀ ପେଟେ
ତଥାପି ଦମ୍ଭ ଅତୁଟ

ଶୁଖିଲା ପେଟ ତା ହାତ ତା ଶିଥିଳ
ତଥାପି ଫଳାଏ ସୁନା,
ହାତ ନ ଚାଲିଲେ ଦୁନିଆ ଭୋକିଲା
ଅଚଳ ତା ବିନୁ ସିନା

ଶୀତ ଆସୁଥାଉ କ୍ଷେତ ହସୁଥାଉ
ଯୋଗାଉ ପେଟକୁ ଭାତ,
ଚାଷୀ ଦୁଃଖ ଦୂର ହେଉ ସର୍ବୋପରି
ସାହା ହୋ'ନ୍ତୁ ଜଗନ୍ନାଥ ।


+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର


## ନାରୀର ଅଧିକାର

### ଅସୀମା ପ୍ରଧାନ

ଶାରୀରିକ ଅବୟବ ଉହାଡ଼ିବ
ହିଁ ପରିଧାନ ର କାରଣ ତା ପାଇଁ
ରୂଚି ଆଗ୍ରହ ମନ ପସନ୍ଦ ବିନା
ପ୍ରସାଧନ ତାହାର ଆଉ କା ପାଇଁ।।
ବଞ୍ଚିବା ପାଇଁ ଖାଦ୍ୟ
ଲୋଡା ହେଲେ ବି
ପୋଷଣ ପ୍ରତିରୋଧକ ଶକ୍ତି ବିନା
ଜିହ୍ୱା ଲାଳସା ଖାଇବା ନିଶା ଆଶା
ସବୁ ଯାକ ଖାଲି ପ୍ରପଞ୍ଚନା ସିନା।।
କହିବ ଯେତିକି ସଂସାର ପାଇଁ ତ
ନ କହିବ ଯଦି ତାଠାରୁ ତ ଭଲ
ଚାପିରଖେ ସବୁ କଥା ଲଥା ବ୍ୟଥା
ତରଙ୍ଗ ଉଠୁ ଥାଉ ଯେତେ ଉତ୍ତାଳ।।
ଭାଷଣ, ବକ୍ତବ୍ୟ, ଉଚ୍ଚଭାଷୀ ଗୁଣ
ଶିକ୍ଷା ଦୀକ୍ଷା ତାର ଚୂଲି କୁ ତ ଯାଉ
କବୟିତ୍ରୀ ନିଶା, ଉଚ୍ଚ ଆଶା ସବୁ
ମରୁ ମରୀଚିକା ଭ୍ରମ ହେଉ ।।
ଆଶା ଆକାଂକ୍ଷା ତା ଧୂଳିସାତ ହେଉ
ରହୁ ପଛେ ଚିରକାଳ ସେ ମଉନ
ବାର୍ତ୍ତାଳାପ,ଚୁଗୁଲୀ ନ ହେଉ କେବେ
ପରିଚୟ ରହୁ ତାର ଗୋପନ ।।
ହସ ତା ପାଇଁ ତ ରୁଦ୍ଧ ଦ୍ୱାରେ ବନ୍ଧା
କାନ୍ଦିବା ତାର ସତେ ବିରକ୍ତକର
ହସ କାନ୍ଦ ବିନା ସ୍ଥିତପ୍ରଜ୍ଞ ହେବା
ସତରେ କେତେ ରୁଚିକର ।।
ଆର ଜନ୍ମରେ ନାରୀ ହେବା କାମନା
ହୋଇପାରେ ତା ପାଇଁ ସଜା
ଆଶା ପୂରଣ ହେଉ କି ନ ହେଉ
ଉଡୁଥାଉ ମାନବାଧିକାର ଧ୍ୱଜା ।।


+ବୀରମହାରାଜପୁର, ସୁବର୍ଣ୍ଣପୁର

ଗଳ୍ପ ମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୮ ଡିସେମ୍ବର ସୋମବାର, ୨୦୨୫

ପଦ୍ମାଳୟା ସାମଲ



# ଉପୁରି



ଚଟ ଉପରେ ଚକା ପକେଇ ବସିପଡିଲେ ସନାତନ ବାବୁ । ଶ୍ରୀମତୀ ଭାତ ସାଙ୍ଗରେ ଯେତେବେଳେ ଇଲିଶିମାଛ ତରକାରି ଥୋଇଦେଲେ ସାମ୍ନାରେ, ସେତେବେଳେ ସେ ଆଉ ନିଜକୁ ରୋକି ପାରିଲେ ନାହିଁ । ଗୁଣ୍ଡାଏ ଭାତ ସାଙ୍ଗରେ ଝୋଳରୁ ସୁଡୁକାଏ ମାରି ଶ୍ରୀମତୀଙ୍କ ମୁହଁକୁ ଚାହିଁ କହିଲେ, “ଆଜି ମାଛ ତରକାରିଟା ବଢିଆ ହେଇଛି । ଗୁନା ମାଛ ନେଇ ଆସିଛି କି ?

“ମୋ ଭାଇକୁ ବେଳ କାହିଁ ବା ? ତା’ଛଡା ନଈରେ କୋଉ ଆଉ ଇଲିଶି ପଡୁଛି ଯେ ସେ ନେଇକି ଆସିବ !”, ଶ୍ରୀମତୀ ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ।

“ତାହେଲେ କୋଉଠୁ ଆସିଲା ଏ ଇଲିଶି ମାଛ ? ମୁହଁ ବଙ୍କା କରି ସନାତନ ପଚାରିଲେ ।

ସନାତନଙ୍କର ମୁଁହର ଏ ଭାବ କିନ୍ତୁ ଶ୍ରୀମତୀଙ୍କ ପାଖରେ ଲୁଚି ରହି ପାରିଲା ନାହିଁ । ଓଲଟି ତମ ତମ ହୋଇ ସେ କହିଲେ, “ତମେ ତ ଚକୁଳି ଖାଇବା ଲୋକ, ବିନ୍ଧ ଗଣୁଛ କାହିଁକି ? ଏ ମାଛ କିଏ ଦେଲା ଜାଣିବାକୁ ଚାହୁଁଚ ତ ? ତେବେ ଶୁଣ ! ତମ ଅଫିସର ଜଣେ କର୍ମଚାରୀ, ଲେଙ୍କାବାବୁ ଆଣିକି ଆସିଥିଲେ ତମେ ଯେତେବେଳେ ମର୍ନିଙ୍ଗୱାକରେ ଯାଇଥିଲ । ତାଙ୍କୁ କହିଲି ଚା ପିଇ ବାଟଘରେ ବସିଥା ବାବୁ ଆସିଲେ ଯିବ, ସେ କିନ୍ତୁ କାମ ଅଛି କହି ଚାଲିଗଲେ।” ବାସ୍, ଚମକି ପଡିଲେ ସନାତନ ବାବୁ । ଭାତ ଗୁଣ୍ଡାଟା ଗିଳୁଗିଳୁ ଯେମିତି ତଣ୍ଟିରେ ଅଟକି ଗଲା । ପଚାରିଲେ, କଣ ହେଲା ଆମ ଅଫିସର ଜଣେ କର୍ମଚାରୀ ୟାକୁ ଆଣିକି ଆସିଥିଲା। ତମେ ମତେ ନପଚାରି ରଖିଲ କାହିଁକି ? ପାଣି ଗ୍ଲାସଟା ହାତକୁ ଦେଉଦେଉ ଶ୍ରୀମତୀ କହିଲେ, ‘କି ଅକଲ ତମର କିହୋ ! ଖୁସିରେ ଜଣେ ଆଣିକି ଆସିଛି ଘରକୁ, ତାକୁ ଫେରେଇଦେଇଥାଆନ୍ତି କେମିତି ?’

“ଆରେ ତମେ ବୁଝୁନ କଥାଟା। ସିଏ ଆମ ଅଫିସର କିରାଣୀ ଲେଙ୍କାବାବୁ । ଭାରି ଧୂର୍ତ୍ତ ଲୋକ ସେ । ତାଙ୍କର ପ୍ରମୋସନ ଫାଇଲଟା ଅଟକି ଯାଇଛି । ମତେ କାଲି ସେ ବିଷୟରେ ଚୁମ୍ଭକରେ କହୁଥିଲେ । କାଲି ସେକଥା କହୁ କହୁ ଆଜି ଘର ଖୋଜି ଆସି ପହଞ୍ଚିଯାଇଛନ୍ତି।

“ମଲା ! ଖୁସିରେ ଆସି ବୁଲିଗଲେ। ଖାଲି କଣ ଆସିବେ, ମାଛ କିଲେ ଧରି ଆସିଲେ । ମୁଁ ପାଖରେ ବସୁଛି, ଖାଇଦିଅ ସବୁତକ । ଆଉ ଘଣ୍ଟାଏ ପରେ ସେ ମାଛ ହଜମହେଇ ତମ ପେଟରେ ଆଉ ନଥିବ । ତାକୁ ନେଇ ଏତେ ଚିନ୍ତା କାହିଁକି ? ମୋ କଥା ଟିକିଏ ମନଦେଇ ଶୁଣ । ଅଫିସରେ ତମେ ଷ୍ଟାଫମାନଙ୍କ ସାଙ୍ଗରେ ଭଲରେ ଚଳୁଛଟି ? ତମେ ତ ସେମାନଙ୍କ ଅଫିସର । ସବୁ ସମୟରେ ନହେଲା ନାଇଁ, କେତେଟା କଥାରେ ସେମାନଙ୍କ ସହ ମିଳିମିଶି ଚଳିଲେ ସିନା ହେବ । ସେମାନଙ୍କ ବିନା ତମେ କଣ ଚଳି ପାରିବ ? ଯୁଗ କୁଆଡେ ଗଲାଣି, ତମେ ସେହି ପୁରୁଣାକାଳିଆ ଚିନ୍ତାଧାରାରେ ଅଛ। ସେଥିପାଇଁ ଦୁଇ ତିନିବର୍ଷରୁ ଅଧିକ କୋଉଠି ତିଷ୍ଠି ପାରୁନ । ଫଳ କ’ଣ ? ଖାଲି ମାସ ଶେଷକୁ ଦରମା ଗଣ୍ଡାକ । ଉପୁରି ନାହିଁ ବୋଲିତ ତଳେ ଆସନ ଉପରେ ବସି ଖାଉଛ, ଡାଇନିଂ ଟେବୁଲଟିଏ ନାହିଁ । ଭଲ ସୋଫା ସେଟ ଗୋଟେ ନାହିଁ । ବିରକ୍ତ ହେଲି ବୋଲି ଇନଷ୍ଟାଲମେଣ୍ଟରେ ଫ୍ରିଜଟେ ଏବେ କିଣିଛ । ମଟରସାଇକେଲ ଆଉ ଟିଭିଟା ତ ଆମଘରୁ ମିଳିଥିଲା । ବଡ଼ ଅଫିସର ହେଇ ଏପର୍ଯ୍ୟନ୍ତ ତମେ କଣ କରିପାରିଛ କହିଲ ?ଆମ ପଡିଶାଘର ଅବନୀ ବାବୁଙ୍କ ଘରକୁ ଥରେ ଯାଇ ବୁଲି ଆସିବ, ଦେଖିବ କୋଉ ଜିନିଷ ତାଙ୍କ ଘରେ ନାହିଁ । ସେ ବି ତୁମରି ଭଳି ଜଣେ ଅଫିସର । ହଇଟି ସଫା ସଫା କହିଦେଉଛି ! ଦେଶକୁ ସଜାଡ଼ିବା ଚିନ୍ତାଧାରା ଛାଡ଼, ନିଜକୁ ବଦଳାଅ। ନହେଲେ ତମାମ ଜୀବନ ସେମିତି ଦରିଦ୍ର ହୋଇ ରହିଯିବ ।

ଶ୍ରୀମତୀଙ୍କର ଏ ଜ୍ଞାନବାଣୀ ଶୁଣିବା ପରେ ଆଧା ଖାଇବାରୁ ଉଠିଗଲେ ସନାତନ । ମୁଣ୍ଡ ଭିତରଟା ତାଙ୍କର ଗୋଳମାଳ ହେଇଗଲା । ଖଟ ଉପରେ ଟିକେ ଗଡି ପଡ଼ିବାକୁ ଚାହିଁଲା ବେଳକୁ ଟିଭି ପରଦାରେ ସମ୍ବାଦ ପରିବେଷଣ ହେଉଥିଲା କୋଉ ଜଣେ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ତାଙ୍କର ଭୁବନେଶ୍ୱରରେ ଦୁଇ ଦୁଇଟି ଆଖିଝଲସା ଅଟ୍ଟାଳିକା ସାଙ୍ଗକୁ ପାଞ୍ଚଟା ପ୍ଲଟ, ଆଲମିରା ଭର୍ତ୍ତି ସୁନାଗହଣା ଏବଂ ତିନୋଟି ବିଦେଶୀ ଗାଡି ମଧ ଜବତ ହୋଇଛି । ଦୁଇମାସ ତଳେ ହୋଇଥିବା ଝିଅ ବାହାଘରରେ ପଚାଶ ଲକ୍ଷ ଯୌତୁକ ଦେଇଛନ୍ତି । କୋଟିଏ ଟଙ୍କା ଖର୍ଚ୍ଚ କରି ଡାକ୍ତରୀ ପାଠ ପଢ଼ାଇବା ପାଇଁ ପୁଅକୁ ବିଦେଶକୁ ପଠେଇଛନ୍ତି । ସ୍ତ୍ରୀ ତାଙ୍କର ଗଣମାଧ୍ୟମ ଆଗରେ ସଫେଇ ଦେଉଛନ୍ତି –‘ମୋ ସ୍ୱାମୀଙ୍କୁ ଚକ୍ରବ୍ୟୁହରେ ଫସେଇ ଦିଆଯାଇଛି । ଏ ଖବର ଦେଖି ଆହୁରି ବ୍ୟସ୍ତ ଲାଗିଲା ସନାତନ ବାବୁଙ୍କୁ। ଟିଭି ବନ୍ଦକରି ଅଫିସକୁ ବାହାରିବା ବେଳକୁ ଶ୍ରୀମତୀଙ୍କର କଥା ସବୁ କାନରେ ଫୋଡିହୋଇ ଯାଉଥିଲା। ରାସ୍ତାରେ ଗଲାବେଳକୁ ମନେପଡୁଥିଲା ଏଠାକୁ ବଦଳି ହୋଇ ଆସିବା ଦିନ କର୍ମଚାରୀମାନେ କେମିତି ହସ ହସ ମୁହଁରେ ଫୁଲତୋଡ଼ା ଦେଇ ତାଙ୍କୁ ସ୍ୱାଗତ ଜଣେଇଥିଲେ। ନିଜର ସ୍ୱାଗତ ଭାଷଣରେ ଲାଞ୍ଚ ବିରୁଦ୍ଧରେ କହି ସମସ୍ତଙ୍କୁ ଚକିତ କରିଦେଇଥିଲେ ସେଦିନ।

ଅନେକ ଭାବନା ଭିତରେ ଅଫିସରେ ଆସି ପହଞ୍ଚିଯାଇଥିଲେ ସନାତନବାବୁ । ପିଅନ ହାତରେ ଲେଙ୍କାବାବୁଙ୍କୁ ଡକେଇ ପଠେଇଲେ। ଅନୁମତି ନେଇ ଲେଙ୍କାବାବୁ ଭିତରକୁ ପ୍ରବେଶ କଲେ । ସନାତନବାବୁ ଗମ୍ଭୀର ସ୍ୱରରେ ପଚାରିଲେ, “କ’ଣ ପାଇଁ ଆମ ଘରକୁ ଆଜି ସକାଳେ ଯାଇଥିଲେ ତାହାବି ମତେ ନ ଜଣେଇ ?

ଉତ୍ତର ମିଳିଲା, “ସାର ! କାଲି ଗାଁକୁ ଯାଇଥିଲି । ପ୍ରବଳ ବର୍ଷା ହେବାରୁ ନଈରେ ଭଲ ଇଲିଶି ପଡିଲା । ଭାବିଲି ସୁଆଦିଆ ଇଲିଶିରୁ ଗୋଟେ ଆପଣଙ୍କ ପାଇଁ ଆଣି ଦେବି । ସେମିତି କିଛି ଉଦେଶ୍ୟ ରଖି ମାଛ ଦେଇନି ଆଜ୍ଞା । “ଏତକ କହି ତଳକୁ ମୁହଁ ପୋତିଲେ ଲେଙ୍କାବାବୁ।

ସନାତନବାବୁ ରୋକଠୋକ ଜଣେଇଦେଲେ, “ଏଣିକି କୌଣସି ଜିନିଷ ଆମ ଘରକୁ ନେଇ ଯିବନାହିଁ ।” ଲେଙ୍କାବାବୁ ନିରବରେ ବାହାରକୁ ଚାଲିଗଲେ । କେତେଜଣ ପରଦା ଆରପଟେ ଛପିରହି କଥାବାର୍ତ୍ତା ସବୁ କାନଦେଇ ଶୁଣୁଥିଲେ । ସେମାନଙ୍କ ମଧ୍ୟରୁ କେହିଜଣେ ଲେଙ୍କାବାବୁଙ୍କୁ କୋଠରୀ ଭିତରକୁ ଡ଼ାକିନେଲେ ।

ଅଫିସରେ ଚୌକି ଉପରେ ବସି ନିଜ ମନକୁ ଦୃଢକଲେ ସନାତନ ବାବୁ । ନିଜକୁ ଅନ୍ୟମାନଙ୍କ ଆଗରେ ସାବ୍ୟସ୍ତ କରିବାକୁ ପଡିବ ଯେ ସେ ଜଣେ ସଚ୍ଚୋଟ ଅଫିସର । ଅନ୍ୟମାନଙ୍କ ଠାରୁ ଭିନ୍ନ । ଏମିତି ଚିନ୍ତା କରୁକରୁ ସାମ୍ନାରେ ଥିବା ପରଦା ହଲିଲା ଭଳି ଜଣାପଡିଲା। ଏଥର ପରଦା ଆଢୁଆଳରୁ ମୁଣ୍ଡଟିଏ ଦିଶିଲା । ଭିତରକୁ ପଶିଆସିଲେ ବିଶ୍ୱାଳବାବୁ । ସେ ଗୋଟେ ସେକ୍ସନର ବଡ଼ବାବୁ। ସନାତନ ନିଶ୍ଚିତ ହୋଇଗଲେ ଯେ ଲେଙ୍କାବାବୁଙ୍କୁ ରୁମ ଭିତରକୁ ଟାଣି ନେଇଥିବା ବ୍ୟକ୍ତି ଜଣକ ବିଶ୍ୱାଳବାବୁ । ସେ ସଫେଇ ଦେଖାଇ କହିଲେ, ବୁଝିଲେ ସାର ! ଲେଙ୍କାବାବୁ ଭାରି ଉଦାର ହୃଦୟର ଲୋକ । ଚେହେରା ସିନା ଏମିତି ଦେଖୁଛନ୍ତି, ହେଲେ ଭାରି ପାରିବାର ଲୋକ । କେନ୍ଦୁଝରର ଖାସିଠାରୁ ଆରମ୍ଭ କରି ବାଲୁଗାଁ ଚିଙ୍ଗୁଡ଼ି କୁହନ୍ତୁ କିମ୍ବା ମୟୁରଭଞ୍ଜ ଦେଶୀକୁକୁଡ଼ା ପର୍ଯ୍ୟନ୍ତ ସବୁ ସେ ଯୋଗାଇଦେବେ। ଆପଣ ଖାଲି ତାଙ୍କୁ ଅନୁମତି ଦେଲେ ହେଲା । ନେତା ଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ତାଙ୍କର ପହଞ୍ଚ ଅଛି । “ତାଙ୍କ କଥାକୁ ରୋକ ଲଗେଇ ସନାତନବାବୁ ଚଢା ଗଳାରେ କହିଲେ, ଦେଖନ୍ତୁ ବିଶ୍ୱାଳବାବୁ ଆପଣଙ୍କର ଯଦି କିଛି ମୋ ପାଖରେ କାମ ଅଛି କୁହନ୍ତୁ, ନଚେତ୍ ଆପଣ ଏବେ ଆସି ପାରନ୍ତି।

ବିଶ୍ୱାଳବାବୁ ଚାଲିଯିବା ପରେ ସନାତନ ବାବୁଙ୍କର ଛାତିଟା ଦମଦମ ହେଲା । ନିଜକୁ ନିଜେ ପ୍ରଶ୍ନ କରିବା ଆରମ୍ଭ କରିଦେଲେ, ସତରେ କ’ଣ ସେ ଯାହା କଲେ ଠିକ କଲେ !

ସେଦିନ ଅଫିସରୁ ଫେରି ଜଲଦି ଖାଇ ଶୋଇପଡିଲେ ସନାତନବାବୁ । ସ୍ୱାମୀଙ୍କର ଉଦାସ ଭାବ ଦେଖି ମନ ଦୁଃଖରେ ବିଛଣାକୁ ଗଲେ ଶ୍ରୀମତୀ । ଶୋଇବା ସମୟରେ ସ୍ୱପ୍ନ ଦେଖିଲେ - ଅଫିସରେ ଥିବା ସମୟରେ ଲେଙ୍କାବାବୁଙ୍କ ସହିତ କେହି ଜଣେ ବ୍ୟକ୍ତି ଆସି ସ୍ୱାମୀଙ୍କ ହାତକୁ ଧରେଇ ଦେଉଛି ଆଟାଚିଟିଏ। ଆଟାଚି ଖୋଲି ଦେଖିଲେ, ଭିତର ବିଡା ବିଡା ଟଙ୍କାରେ ଭର୍ତ୍ତି । ସ୍ୱାମୀଙ୍କ ଓଠରେ ମୁଚୁକୁନ୍ଦିଆ ହସଟିଏ ଖେଳିଗଲା । ସେଇଟିକୁ ହାତରେ ଧରିଲା ବେଳକୁ କେହି ଜଣେ ତାଙ୍କ ହାତରୁ ଛଡାଇନେଲା । ଚମକିପଡି କିଏ ବୋଲି ଦେଖିଲା ବେଳକୁ ଚାରି ଜଣ ଡାଗଡା ଲୋକ ସ୍ୱାମୀଙ୍କ ସାମ୍ନାରେ ଠିଆ ହେଇଛନ୍ତି । “ରଘୁ, ରଘୁ”ବୋଲି ଚିତ୍କାର କଲେ । ପିଅନ ରଘୁ ଭିତରକୁ ପ୍ରବେଶ କଲା, କିନ୍ତୁ ତା’ର ଗୋଡ଼ହାତ ଥରୁଥାଏ । ଠିଆ ହୋଇଥିବା ଲୋକମାନଙ୍କ ଭିତରୁ ଜଣେ ପକେଟରୁ କାଗଜ ଖଣ୍ଡକ ବାହାରକରି ଦେଖେଇ କହିଲେ, “ଆମେ ଭିଜିଲାନ୍ସ ଅଫିସରୁ ଆସିଛୁ ।” ବଡ଼ ପାଟିରେ ଚିତ୍କାର ଛାଡି କହିଲେ ସନାତନ - “ନା. ...ମୋର କୌଣସି ଦୋଷ ନାହିଁ । ମତେ ଷଡଯନ୍ତ୍ର କରି ଏଥିରେ ଫସେଇ ଦିଆଯାଇଛି।”ସେମାନେ ସ୍ୱାମୀଙ୍କ କଥା କିଛି ଶୁଣିଲେ ନାହିଁ। ତାଙ୍କୁ ଗାଡ଼ିରେ ବସେଇ ସିଧା ଘରକୁ ଆଣିଲେ । ଏକାବେଳକେ ଏତେଗୁଡିଏ ଲୋକଙ୍କୁ ଘର ଭିତରକୁ ପ୍ରବେଶ କରିବାର ଦେଖି ଚିତ୍କାର କଲେ ଶ୍ରୀମତୀ।

ସନାତନ ବାବୁ ପତ୍ନୀଙ୍କୁ ହଲେଇ ଦେଲେ - ଅନୁ ! ଏତେ ରାତିରେ ଚିତ୍କାର କାହିଁକି କରୁଛ ? ଧଡ଼ପଡ଼ ହୋଇ ବିଛଣା ଉପରେ ବସି ପଡିଲେ ଶ୍ରୀମତୀ । ପାଟି ତାଙ୍କର ଖନିମାରି ଯାଉଥାଏ । ଡରି ଡରି ସନାତନଙ୍କର ହାତକୁ ଜାବୁଡି ଧରି କହିଲେ, “ଗୋଟେ ଦୁଃସ୍ୱପ୍ନ ଦେଖିଲି । ତୁମେ ଅଫିସରେ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରା ପଡିଯାଇଛ । ”ଏତକ କହିବା ବେଳକୁ ଦେହରୁ ତାଙ୍କର ବୋହି ଯାଉଥାଏ ଗମଗମ ଝାଳ ।

“ଏଇଟା ଗୋଟେ ସ୍ୱପ୍ନ ଅନୁ । ତୁମ ମନ ଭିତରେ କିଛି ଶଙ୍କା ରହି ଯାଇଛି । ସେଥିପାଇଁ ତୁମେ ଏପରି ସ୍ୱପ୍ନ ଦେଖିଲ । ରାତି ପାହିବାକୁ ଅନେକ ସମୟ ବାକି ଅଛି, ଏବେ ତୁମେ ନିଶ୍ଚିନ୍ତରେ ଶୋଇପଡ । ”ପିଠି ଥାପୁଡ଼େଇ କହିଲେ ସନାତନ ।

କଣ କହିଲ, ଶୋଇପଡ଼ିବି ! ଆଗେ ମୋ ମୁଣ୍ଡ ଉପରେ ହାତ ରଖି କୁହ, “କାହାଠାରୁ କବେ କିଛି ଲାଞ୍ଚ ନେବ ନାହିଁ । ଆମର ଯେତିକି ଅଛି ତାକୁ ନେଇ ଆମେ ଶାନ୍ତିରେ ଅଛେ। ଅନ୍ତଃତ ରାତିରେ ସୁଖ ନିଦ୍ରାରେ ଶୋଇପାରୁଛେ। ଆମର ନଅଟା ନୁହେଁ କି ଛଅଟା ନୁହେଁ ଗୋଟିଏ ବୋଲି ଝିଅ । ତାକୁ କଣ ଆମେ ମଣିଷ କରି ହାତକୁ ଦିହାତ କରି ପାରିବାନି । ବୁଝିଲ, ସେ ଉପୁରି ଆମର ଦରକାର ନାହିଁ। ସକାଳେ ତୁମକୁ କହିଥିବା କଥା ପାଇଁ ମୁଁ ଦୁଃଖିତ । ଏତକ କହୁ କହୁ ଆଖିରୁ ତାଙ୍କର ବୋହି ପଡିଲା ତୁଇଟୋପା ତତଲା ଲୁହ।

ସରଳ ନିଷ୍କପଟ ଶ୍ରୀମତୀଙ୍କ ମୁଣ୍ଡକୁ ଟିକେ ଆଉଁସି ଦେଇ ଝାଉଁଳି ପଡ଼ିଥିବା ମୁହଁକୁ ଚାହିଁ ସନାତନ କହିଲେ, “ମୁଁ କେବେ ମୋ ଆଦର୍ଶ ପଥରୁ ବାହାରି ଯାଇନାହିଁ। ସେଥିନେଇ ତୁମେ ନିଶ୍ଚିନ୍ତ ରୁହ।

ସଙ୍ଗେସଙ୍ଗେ ଶ୍ରୀମତୀ ଖୁସିରେ ବିଭୋର ହୋଇ ସନାତନଙ୍କୁ ଚାହିଁଥିଲେ ଲୁହଭରା ଆଖିରେ !!

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨



ପ୍ରଣତି ଆଚାର୍ଯ୍ୟ ମିଶ୍ର

# ମାଆର ପଣତ



ରମେଶ ଡ୍ରଇଂ ରୁମରୁ..

ସଞ୍ଜୁ, ସଞ୍ଜୁ, ଦେଖିବ ଆସ ତୁମର ଗେହ୍ଲା ପୁଅ ତୁମ ପାଇଁ କେତେ କାନ୍ଦୁଛି। ଓଃ, ତୁମେ ମଧ.... ମୁଁ ରୋଷେଇ ଘରେ ଥିଲି। ଶାନ୍ତିରେ କିଛି କରିବାକୁ ଦେବନି ।

ସଞ୍ଜୁ ରୋଷେଇ ଘରୁ ବାହାରି ଆସି ରୁମାଲରେ ହାତ ପୋଛି ପୋଛି ସରାଗରେ କହିଲେ, ନବାବଙ୍କୁ ଏବେ ମା ଦରକାର , ସେଥିପାଇଁ କାନ୍ଦୁଛି । ବଡ ହେଲେ ... ସେତେବେଳେ ମା କୁ କିଏ ପଚାରେ ?

ସଞ୍ଜୁର କଥା ଶୁଣି ରମେଶ ହଠାତ୍ ଗମ୍ଭୀର ହୋଇଗଲେ। ତାଙ୍କ ମାଆଙ୍କ ଅସହାୟ ମୁହଁ ହଠାତ୍ ତାଙ୍କ ଆଖି ଆଗକୁ ଆସିଲା । ତାଙ୍କ ବାପା, ମା ନିଶ୍ଚୟ ସମାନ କଷ୍ଟ ଭୋଗିଥିବେ। ବାପାଙ୍କର ପନ୍ଦର ହଜାର ଟଙ୍କା ଦରମାର ଏକ ପ୍ରାଇଭେଟ ଚାକିରି । ଓଭରଟାଇମ୍ ଯୋଗୁଁ କ୍ଲାନ୍ତ ବାପାଙ୍କ ମୁହଁ ତାଙ୍କ ଆଖି ଆଗରେ ଝଲସି ଉଠିଲା। କେବଳ ସେ ହିଁ ଜାଣିଥିବେ ଏତେ କମ ଦରମାରେ ଚାରି ଜଣଙ୍କ ପରିବାର ପୋଷିବା କେତେ କଷ୍ଟ । ବାପାଙ୍କ ମୃତ୍ୟୁ ପରେ ମାଆ ଏକାକୀ ଏବଂ ଅସହାୟ ହୋଇଯାଇଥିଲେ। ଏପରି ସ୍ଥିତିରେ, ଜଣେ ଅସହାୟ ମାଆଙ୍କୁ ପାଖରେ ନ ରଖିବା କେତେ ନିନ୍ଦନୀୟ ।

ମୁଁ ଯାଣେ , ବଡ଼ ଭାଇ ମାଆଙ୍କୁ ତାଙ୍କ ପାଖରେ ରଖିଛନ୍ତି କିନ୍ତୁ ମାଙ୍କୁ ପାଖରେ ରଖିବା କଣ ମୋର କର୍ତ୍ତବ୍ୟ ନୁହେଁ ? ମାଆଙ୍କୁ ମୋ ପାଖରେ ରଖିଲେ ମୋର କଣ ସମ୍ପତ୍ତି ସରି ଯାଉଛି। ଏହା ପ୍ରେମର କଥା, ଭକ୍ତିର କଥା। ତେବେ ମୋ ମନରେ ଏହି ଈର୍ଷା କେଉଁଠୁ ଆସିଲା.... ?

ରମେଶ ପୁରୁଣା ସ୍ମୃତିରେ ହଜି ଯାଇଥିଲେ। ବୋଉର ବଡ଼ ଭାଇ ଘରକୁ ଯିବାକୁ ଆଦୌ ଇଚ୍ଛା ନଥିଲା , ତଥାପି ସଞ୍ଜୁର ଚାପରେ ମୁଁ ତାଙ୍କୁ ଭାଇଙ୍କ ଘରକୁ ପଠାଇଦେଲି। ଥରେ ଫୋନ୍ କରି ବୋଉ କଥା ବୁଝିବାକୁ ଇଚ୍ଛା ହେଲା ତାଙ୍କର, ସେ ତାଙ୍କ ଭାଇଙ୍କୁ ଫୋନ୍ ଲଗାଇଲେ।

ତାଙ୍କୁ ଫୋନ୍ କରୁଥିବା ଦେଖି ସଞ୍ଜୁ କହିଲା, ‘ତୁମେ ପୁଣି ନିଜ ମାଙ୍କୁ ପାଖରେ ରଖିବାକୁ ଯୋଜନା କରୁଛ ନା କ ଣ ? ଦେଖ କହି ଦେଉଛି ମୁଁ ତୁମ ମାଆ ରହିଲେ ଏଠାରେ ରହିବିନି । କାମ ଦାମ କିଛି ନାହିଁ ତାପରେ ପୁଣି ଚା ଜଳଖିଆ ମୋ କାମ ବଢାଇ ଦିଅନ୍ତି। ସଞ୍ଜୁ ବିରକ୍ତ ସ୍ୱରରେ କହିଲା।

ସଞ୍ଜୁ, ଭୁଲିଯାଅ ନି ଆମେ ବି ଦିନେ ବୁଢା ବୁଢି ହେବା। ଯଦି ଆମର ପିଲାମାନେ ଆମ ସହିତ ଏପରି ବ୍ୟବହାର କରିବେ ତେବେ ଆମକୁ କେମିତି ଲାଗିବ, ରମେଶ କହିଲେ।

‘ଯାହା ହେଉନା କାହିଁକି, ମାଆଙ୍କ ଯତ୍ନ ନେବା କେବଳ ଆମ ଦାୟିତ୍ୱ କି ? ତାଙ୍କର ଆଉ ଗୋଟିଏ ପୁଅ ବୋହୂ ଅଛନ୍ତି। ଆମର ଏତେ ରୋଜଗାର ମଧ ନାହିଁ, ତା’ ଉପରେ, ଆମକୁ ପାଞ୍ଚ ଜଣଙ୍କ ଯତ୍ନ ନେବାକୁ ପଡିବ। ସେ ଏଠାରେ ରହିଲେ ଖର୍ଚ୍ଚ ବଢ଼ିଯାଉଛି। ପ୍ରତି ମାସରେ ଔଷଧ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି ।’ ସଞ୍ଜୁ ବିରକ୍ତ ହୋଇ କହିଲା।

ରମେଶ ରାଗି ଯାଇ କହିଲେ, ‘ସଞ୍ଜୁ ! ବନ୍ଦ କର। ବୋଉ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ ରଖିଛ। ମାଆ ହେବା ପରେ ମଧ.... ଜାଣିନ ଯେ ପିତାମାତା ସେମାନଙ୍କ ପିଲାମାନଙ୍କୁ କେତେ କଷ୍ଟରେ ବଢାଇଥାନ୍ତି ।

ବୋଉର କୋହଭରା କଥା ତାଙ୍କ କାନରେ ଗୁଞ୍ଜରିତ ହେଲା ।

‘ମୁଁ କେଉଁଆଡ଼େ ଯିବି ପୁଅ ? ଉମେଶର ସ୍ତ୍ରୀ ମୋତେ ଦେଖିବାକୁ ମଧ ଚାହେଁନି ।

ତୋ ବାପା ଚାଲିଗଲେ, ଯଦି ତୁମେ ଦୁହେଁ ମୋତେ ନପଚାରିବ , ତେବେ ମୁଁ ବୁଢ଼ୀ ମଣିଷ କଣ କରିବି ?

ମାଆ ଯିବା ସମୟରେ କେତେ ଅନୁରୋଧ କରୁଥିଲା ।

‘ମୁଁ କ’ଣ କରିବି, ବୋଉ ?’ ‘ତୁ ତ ଦେଖୁଛୁ ସଞ୍ଜୁ ଆଉ ତୁ ପରସ୍ପର ସହ ମିଶିପାରୁନ, ମୋର ରୋଜଗାରରେ ତୋ ଔଷଧ ଖର୍ଚ୍ଚ ପିଲାଙ୍କ ଖର୍ଚ୍ଚ....... ।’ ରମେଶ ଟିକିଏ ସଂକୋଚ କରି କହିଲେ।

‘ବାଃ, ପୁଅ ! ଆମେ ତୁମ ଦୁଇ ଭାଇଙ୍କୁ କେତେ କଷ୍ଟରେ ବଡ଼ କରିଛୁ। ଆମେ ନିଜେ କଷ୍ଟ ସହିଛୁ, କିନ୍ତୁ ତୁମ ଦୁହିଁଙ୍କୁ କେବେ କୌଣସିରେ ଅବହେଳା କରିନୁ । ଆଜି, ତୁମ ଦୁହିଁଙ୍କ ପାଇଁ ଏକା ମୋ ଖର୍ଚ୍ଚ ବହନ କରିବା ଶକ୍ତି ନାହିଁ। ଏବେ, ତୁମକୁ ମାଆ ନୁହେଁ, ସ୍ତ୍ରୀ ଆବଶ୍ୟକ।

ଏସବୁ ଭାବନାରେ...

ରମେଶଙ୍କ ହୃଦୟ ଅନୁତାପରେ ପୂର୍ଣ୍ଣ ହୋଇଗଲା। ସେ ତୁରନ୍ତ ତାଙ୍କ ଭାଇଙ୍କୁ ବୋଉ ବିଷୟରେ ପଚାରିବା ପାଇଁ ଫୋନ୍ କଲେ ,

ସେପଟେ ଭାଉଜ ଫୋନ୍ ଉଠାଇଲେ !

‘ନମସ୍କାର, ଭାଉଜ ମୁଁ ରମେଶ । ବୋଉ ପାଖରେ ଅଛନ୍ତି କି ?

ତାକୁ ଟିକେ ଫୋନ୍ ଦିଅ ମୁଁ କଥା ହେବି।

‘ଆରେ ବୋଉ ପରା ତୁମ ଘରେ ଥିଲେ, ? ସେ ଏଠାକୁ ଏକା କିପରି ଆସିବେ ?’ ସେ ଏଠାରେ ନାହାନ୍ତି।

ଯଦି ବୋଉ ସେଠାରେ ନାହିଁ , ତେବେ ସେ କୁଆଡ଼େ ଗଲା ? ରମେଶ ଭୟଭୀତ ସ୍ୱରରେ ପଚାରିଲେ।

‘ମୁଁ କିପରି ଜାଣିବି ? ଏହା କହି ଭାଉଜ ଫୋନ୍ କାଟି ଦେଲେ।

ଯଦି ବୋଉ ସେଠାକୁ ଯାଇନି, ତେବେ ସେ କୁଆଡ଼େ ଗଲା ? ହେ ଭଗବାନ, ମୁଁ ତାଙ୍କୁ ଏବେ କେଉଁଠି ଖୋଜିବି ? ରମେଶ ମୁଣ୍ଡରେ ହାତରଖି ସୋଫାରେ ଥକ୍ କି ବସିପଡିଲେ। ଏଇ ନିଅ, ଚା ପିଅ।

ସଞ୍ଜୁ ଚା କପ୍‌ଟି ରମେଶଙ୍କ ସାମ୍ନାରେ ଟେବୁଲ ଉପରେ ରଖିଲା।

‘ମୁଁ ଚା ଫା ପିଇ ପାରିବିନି । ତୁମେ ହିଁ ମୋ ବୋଉକୁ ଘରୁ ବାହାର କରିଦେଇଥିଲ। ଏବେ ସେ ଭାଇଙ୍କ ଘରେ ମଧ ନାହିଁ । ମୁଁ ଜାଣିନି ମୋ ବୋଉ କେଉଁଠି ଅଛି ? ତାଙ୍କର ଅବସ୍ଥା କ’ଣ ? ଯଦି ତାଙ୍କ ସହିତ କିଛି ଅଘଟଣ ଘଟିଥିବ...’ ରମେଶ ପିଲା ପରି କାନ୍ଦିବାକୁ ଲାଗିଲେ।

ସଞ୍ଜୁ ମଧ ଗଭୀର ଭାବରେ ଅନୁତାପ କରୁଥିଲା। ସେ ହୃଦୟରୁ ଏତେ ଖରାପ ନଥିଲେ। ସେ ଭାବୁଥିଲେ ଯେ ରମେଶଙ୍କ ବଡଭାଇ ଜଣେ ବ୍ୟାଙ୍କ ମ୍ୟାନେଜର ଏବଂ ଭଲ ଦରମା ପାଉଥିଲେ। ଯଦି ତାଙ୍କ ଶାଶୁ ସେଠାରେ ରହିବେ, ତେବେ ସେ ଆରାମରେ ରହିବେ ଏବଂ ତାଙ୍କର ଖର୍ଚ୍ଚ ମଧ ସଞ୍ଚୟ ହେବ। କିନ୍ତୁ ତାଙ୍କର ଧାରଣା ନଥିଲା ଯେ ଶାଶୁ ସେଠାକୁ ଯିବେନି । ଯଦି ତାଙ୍କ ସହିତ କିଛି ହୋଇଯାଏ, ତେବେ ସେ କେବେ ନିଜକୁ କ୍ଷମା କରିବେ ନାହିଁ।‘ସେ ବାରମ୍ବାର ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ।’ ହେ ଭଗବାନ, ମୋ ଭୁଲ ପାଇଁ ମାଆଙ୍କୁ ଦଣ୍ଡ ଦିଅନି।

ରମେଶ ଓ ସଂଜୁ ଉଭୟ ମାଆଙ୍କୁ ସବୁଠି ଖୋଜିଲେ, କିନ୍ତୁ ପାଇଲେନି । ସେମାନେ ପୋଲିସ ରିପୋର୍ଟ ଦାୟର କଲେ। କିଛି ଦିନ ପରେ ଜାଣିପାରିଲେ ଯେ ସେ ଏକ ବୃଦ୍ଧାଶ୍ରମରେ ଅଛନ୍ତି ।ରମେଶ ଓ ସଂଜୁ ସେଠାକୁ ଦୌଡ଼ିଲେ । ସେଠାରେ ପହଞ୍ଚିବା ପରେ, ସଞ୍ଜୁ ତାଙ୍କ ଶାଶୁଙ୍କ ପାଦ ଧରି କହିଲେ, ଦୟାକରି ମୋତେ କ୍ଷମା କରିଦିଅ ମା। ମୁଁ ଭୁଲ କରିଛି।

ହେଉ, ଅଧିକ ଅଭିନୟ କରେନା । ମୁଁ ତୁମ ସମସ୍ତଙ୍କ ଉପରେ ବୋଝ ଥିଲି, ସେଥିପାଇଁ ଏଠାକୁ ଆସିଛି। ଏବେ, ତୁମେ ଆରାମରେ ରୁହ । ମୋର ଆର୍ଶୀବାଦ ତୁମ ସମସ୍ତଙ୍କ ଉପରେ ଅଛି।

ପୁଅ ଭଗବାନ ନକରନ୍ତୁ ଯେ ତୁମ ପିଲାମାନେ ମଧ ତୁମ ପରି ହୋଇଯାଆନ୍ତୁ। ମୁଁ ଚାହୁଁନାହିଁ ଯେ ତୁମେବି ବୃଦ୍ଧାବସ୍ଥାରେ ଏପରି ଦିନ ଦେଖ। ଜୀବନର ସନ୍ଧ୍ୟା ସମୟରେ, ସମସ୍ତେ ଶେଷ ମୁହୂର୍ତ୍ତଗୁଡ଼ିକ ପ୍ରିୟଜନଙ୍କ ସହିତ ବିତାଇବାକୁ ଚାହାଁନ୍ତି। କିନ୍ତୁ ମୋର ସୌଭାଗ୍ୟ କାଇଁ ?

‘ବୋଉ ମୋତେ କ୍ଷମା କରିଦେ । ମୋତେ ଏବେ ବି ତୋର ଆଶୀର୍ବାଦ ଦରକାର । ଏବେବି ତୋ ପଣତ କାନିରେ ମୁହଁ ପୋଛିବାକୁ ଇଚ୍ଛା ବୋଉ ଘରକୁ ଯିବା, ଚାଲ୍ ।’ ଭାବପ୍ରବଣ ହୋଇ ରମେଶ କହିଲେ।

‘ହଁ, ମା। ଅତୀତକୁ ଭୁଲିଯାଅ। ସେଇଟା ତୁମ ଘର। ଆମେ ତୁମର । ସଞ୍ଜୁ ଅନୁତାପପୂର୍ଣ୍ଣ ସ୍ୱରରେ କହିଲା।

ମା’ଙ୍କ ଆଖି ଲୁହରେ ଭରିଗଲା, ସେ ଉଭୟଙ୍କୁ ଏକ ଭାବପ୍ରବଣ ଆଲିଙ୍ଗନ କଲେ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ବିଶ୍ୱ ଅକ୍ଷୟ ଶକ୍ତି ବୃଦ୍ଧିର ଭାରତ ଏକ ପ୍ରମୁଖ ବାହକ: କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ

ଭୁବନେଶ୍ୱର,୦୭/୧୨ (ନି.ପ୍ର): କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ପୁରୀଠାରେ ବିଶ୍ୱ ଶକ୍ତି ନେତୃତ୍ୱ ସମ୍ମିଳନୀକୁ ସମ୍ବୋଧିତ କରି ଭାରତର ଐତିହାସିକ ସ୍ୱଚ୍ଛ ଶକ୍ତି ବିସ୍ତାର ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ୩୧.୨୫ ଗିଗାୱାଟ୍ ଅଣଜୀବାଶ୍ମ ଶକ୍ତି ଉତ୍ପାଦନ କ୍ଷମତା ଯୋଡ଼ିପାରିଛି। ଏଥିରେ ୨୪.୨୮ ଗିଗାୱାଟ୍ ସୌର ଶକ୍ତି ଅନ୍ତର୍ଭୁକ୍ତ। ଓଡ଼ିଶାକୁ ନୂତନ ଉପଯୋଗିତା ଆଧାରିତ ଏକତ୍ରୀକରଣ (ୟୁଏଲଏ) ମଡେଲ ଅଧୀନରେ ୧.୫ ଲକ୍ଷ ଛାତ ଉପର ସୌର ଶକ୍ତି ବା ରୁଫ୍ ଟପ୍ ସୋଲାର୍ ୟୁନିଟ୍ ମିଳିବ ବୋଲି ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଘୋଷଣା କରିଛନ୍ତି । ଏହାଦ୍ୱାରା ରାଜ୍ୟର ୭ରୁ ୮ ଲକ୍ଷ ନାଗରିକ ଉପକୃତ ହେବେ ବୋଲି ସେ କହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ୨୦୨୨ରେ ୧ ଟେରାୱାଟ୍ ଶକ୍ତି କ୍ଷମତା ହାସଲ କରିବା ଲାଗି ପ୍ରାୟ ୭୦ ବର୍ଷ ଲାଗିଥିଲା। କିନ୍ତୁ ୨୦୨୪ରେ ବିଶ୍ୱ ୨ ଟେରାୱାଟ୍ କ୍ଷମତା ହାସଲ କରିଥିଲା, ଅର୍ଥାତ୍ ୨ ବର୍ଷରେ ଆଉ ଗୋଟିଏ ଟେରାୱାଟ୍ କ୍ଷମତା ହାସଲ କରିନିଆଯାଇଥିଲା। ଅକ୍ଷୟ ଶକ୍ତି କ୍ଷମତାରେ ଏଭଳି ଅପ୍ରତ୍ୟାଶିତ ବୃଦ୍ଧିରେ ଭାରତ ଏକ ପ୍ରମୁଖ ଯୋଗଦାନକାରୀ। ଗତ ୧୧ ବର୍ଷ ମଧ୍ୟରେ, ଦେଶର ସୌର କ୍ଷମତା ୨.୮ ଗିଗାୱାଟରୁ ପ୍ରାୟ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି, ଯାହା ୪,୫୦୦% ରୁ ଅଧିକ ବୃଦ୍ଧି। କେବଳ ୨୦୨୨ ରୁ ୨୦୨୪ ମଧ୍ୟରେ, ଭାରତ ବିଶ୍ୱ ସୌର ଶକ୍ତି ଯୋଗଦାନରେ ୪୬ ଗିଗାୱାଟ ଯୋଗଦାନ କରିଛି, ଯାହାଦ୍ୱାରା ଏହା ତୃତୀୟ ସର୍ବାଧିକ ଯୋଗଦାନକାରୀ ହୋଇପାରିଛି। ମନ୍ତ୍ରୀ କହିଥିଲେ, ଭାରତରେ ବିଶ୍ୱର ପଂଚମ ବୃହତ୍ତମ କୋଇଲା ଭଣ୍ଡାର ରହିଛି ଏବଂ ଆମ ଦେଶ କୋଇଲାର ଦ୍ୱିତୀୟ ସର୍ବବୃହତ ଗ୍ରାହକ। ଏହି ପ୍ରଚୁରତା ସତ୍ତ୍ୱେ, ପରିବର୍ତ୍ତନ ଦିଗରେ ଗତି କରୁଥିବାରୁ ଭାରତ କୋଇଲା ସହିତ ଅକ୍ଷୟ ଶକ୍ତିକୁ ସ୍ଥିର ଭାବରେ ସନ୍ତୁଳିତ କରୁଛି। ସେ କହିଛନ୍ତି, ବିଶ୍ୱସ୍ତରୀୟ ବ୍ୟବସ୍ଥା ଏବେ ଶିଳ୍ପ ପ୍ରତିଯୋଗିତାକୁ ଆକାର ଦେବା ସହିତ ଅକ୍ଷୟ ଶକ୍ତି ଆଡକୁ ଭାରତର ପରିବର୍ତ୍ତନ ଆହୁରି ଜରୁରୀ ଏବଂ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

ଅକ୍ଷୟ ଶକ୍ତି ଗ୍ରହଣୀୟତରେ ଓଡ଼ିଶାର ଅଗ୍ରଗତି

କେନ୍ଦ୍ର ମନ୍ତ୍ରୀ ଏହି ଅବସରରେ ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଘୋଷଣା କରିଥିଲେ। ସେ କହିଥିଲେ, ରାଜ୍ୟରେ ୧ କିଲୋୱାଟ୍ କ୍ଷମତାବିଶିଷ୍ଟ ୧.୫ ଲକ୍ଷ ରୁଫ ଟପ୍ ସୋଲାର୍ ୟୁନିଟ୍ ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଅନ୍ତର୍ଗତ ଉପଭୋକ୍ତାଙ୍କ ମାଲିକାନା ଅଧୀନରେ ଉପଯୋଗିତା ଆଧାରିତ ଏକତ୍ରୀକରଣ (ୟୁଏଲଏ) ମଡେଲରେ ଏସବୁ ୟୁନିଟ୍ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏହାଦ୍ୱାରା ରାଜ୍ୟର ୭ରୁ ୮ ଲକ୍ଷ ନାଗରିକ, ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରକୁ ଲାଭ ମିଳିବ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି, ଓଡ଼ିଶା ପୂର୍ବରୁ ସ୍ୱଚ୍ଛ ଶକ୍ତି ଗ୍ରହଣୀୟତା କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ କରୁଛି। ୩.୧ ଗିଗାୱାଟରୁ ଅଧିକ ସ୍ଥାପିତ ଅକ୍ଷୟ ଶକ୍ତି କ୍ଷମତା ସହିତ, ସ୍ୱଚ୍ଛ ଶକ୍ତି ବର୍ତ୍ତମାନ ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୩୪ ପ୍ରତିଶତରୁ ଅଧିକ ହୋଇପାରିଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଅଧୀନରେ, ୧.୬ ଲକ୍ଷ ପରିବାର ଛାତ ଉପରେ ସୌର ଶକ୍ତି ୟୁନିଟ୍ ସ୍ଥାପନ ପାଇଁ ଆବେଦନ କରିଛନ୍ତି । ୨୩,୦୦୦ ରୁ ଅଧିକ ୟୁନିଟ୍ ସଂଯୋଗ ହୋଇସାରିଛି ଏବଂ ୧୯,୨୦୦ ରୁ ଅଧିକ ପରିବାର ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ୧୪୭ କୋଟିରୁ ଅଧିକ ସବସିଡି ପାଇଛନ୍ତି।

ଶ୍ରୀ ଯୋଶୀ ଗୁରୁତ୍ୱାରୋପ କରି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସାମଗ୍ରିକ ଇକୋସିଷ୍ଟମ, ବ୍ୟବସାୟିକ ସୁଗମତା, ନିବେଶକଙ୍କ ବିଶ୍ୱାସ, ଭିତ୍ତିଭୂମି, ଚାହିଦା ଆଧାରିତ ଯୋଜନା ଏବଂ କେନ୍ଦ୍ର-ରାଜ୍ୟ ଦୃଢ଼ ସହଯୋଗ ଭାରତର ଅକ୍ଷୟ ଶକ୍ତି ସମ୍ପ୍ରସାରଣକୁ ଆଗେଇ ନେଉଛି । ଆଗାମୀ ବର୍ଷଗୁଡ଼ିକରେ ଓଡ଼ିଶା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଥିଲେ। ସେ ଅକ୍ଷୟ ଶକ୍ତି ଏବଂ ସବୁଜ ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ରାଜ୍ୟବାସୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରିଥିଲେ।

ବିଶ୍ୱ ଶକ୍ତି ନେତୃତ୍ୱ ସମ୍ମିଳନୀ(ଜିଇଏଲଏସ)ର ଉଦ୍ଦେଶ୍ୟ ହେଉଛି, ଏକ ସକ୍ରିୟ ଅଭ୍ୟାସ ଗୋଷ୍ଠୀ ଗଠନ କରିବା ଦିଗରେ ପ୍ରଥମ ପ୍ରୟାସ ଯାହା ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ନିର୍ଦ୍ଧାରକ, ଉଦ୍ଭାବକ ଏବଂ ଶିଳ୍ପ ନେତାମାନଙ୍କୁ ଏକତ୍ରିତ କରିଛି । ୫-୭ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଜିଇଏଲଏସ ୨୦୨୫ ଶକ୍ତି କ୍ଷେତ୍ରର ଭବିଷ୍ୟତ ଗଠନ ଉପରେ ଆଧାରିତ ଏକ ଶିଖର ସମ୍ମିଳନୀ। ଏଥିରେ ବିଶ୍ୱ ଶକ୍ତି କ୍ଷେତ୍ର ନେତୃବୃନ୍ଦ, ନବସୃଜନକାରୀ ଏବଂ ଏହି କ୍ଷେତ୍ରର ଅଗ୍ରଣୀ ଶିଳ୍ପପତିଙ୍କ ସହିତ କେନ୍ଦ୍ର ଏବଂ ରାଜ୍ୟର ଶକ୍ତି ମନ୍ତ୍ରୀମାନେ ଅଂଶଗ୍ରହଣ କରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଚାରବିର୍ଶ କରୁଛନ୍ତି ।

# ଜିଲ୍ଲାସ୍ତରୀୟ ପରବ ମଂଚ ନାଟକ ପ୍ରତିଯୋଗିତା ଶେଷ: ଶ୍ରେଷ୍ଠ କଳାକାର ଓ ନାଟକ ଘୋଷଣା

ଜୟପୁର,୦୭/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ସ୍ତରୀୟ ପରବ ମହୋତ୍ସବ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ନାଟକ ପ୍ରତିଯୋଗିତା ଗତକାଲି ରାତିରେ ସ୍ଥାନୀୟ ଗୀତାଞ୍ଜଳି ମଣ୍ଡପ ଠାରେ ଶେଷ ହୋଇଯାଇଛି। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଜୟପୁର ପ୍ରିୟା ଥିଏଟର ଗ୍ରୁପ ସହାୟତାରେ ଆୟୋଜିତ ଏହି ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ନାଟକ ଭାବେ ପ୍ରଥମ ସୁନାବେଢ଼ା ହାଲର ସତରଞ୍ଜର ଖେଳ, ଦ୍ୱିତୀୟ ଦାମନଯୋଡି ପଂଚମଟମାଲୀ ନାଟ୍ୟ ମହୋତ୍ସବ କଳାମଲ୍ଲୀ, ଶ୍ରେଷ୍ଠ ନାଟ୍ୟକାର ଭାବେ ପ୍ରଥମ ଜୟପୁର ବ୍ଲକ ଆହତ ପତଙ୍ଗର ସ୍ୱରର ମୁନା ମିଶ୍ର, ଦ୍ୱିତୀୟ ବୈପାରୀଗୁଡା ବ୍ଲକ ପୁଷପୁନେଇର ଦୁର୍ଯୋଧନ ମାଝି, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପ୍ରଥମ ଦାମନଯୋଡିର କଳାମଲ୍ଲୀର ଶେଷଦେବ ଶତପଥି, ଦ୍ୱିତୀୟ ବୈପାରୀଗୁଡା ବ୍ଲକ ପୁଷପୁନେଇର ଦୈତାରୀ ଦିଶାରୀ, ଶ୍ରେଷ୍ଠ କଳାକାର ଭାବେ ପ୍ରଥମ ଦାମନଯୋଡିର କଳାମଲ୍ଲୀର ଅଭିନେତା ମୂରଲୀଧର ଦାସ, ଦ୍ୱିତୀୟ ବୈପାରୀଗୁଡା ବ୍ଲକ ପୁଷପୁନେଇର ଅଭିନେତା କୁଞ୍ଜ ପୁଜାରୀ ଏବଂ ଜୟପୁର ପୌରାଂଚଳର କାଇଁମୋ ହିରୋଇନ ନାଟକର ଅଭିନେତା ନୃସିଂହ ପ୍ରସାଦ ଷଡଙ୍ଗୀ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପ୍ରଥମ ପଟାଙ୍ଗୀ ବ୍ଲକର ଶୋଲାନି ମାଣ୍ଡି, ଦ୍ୱିତୀୟ ଜୟପୁର ବ୍ଲକ ପ୍ରତ୍ୟୁଷା ମିଶ୍ର, ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ପ୍ରଥମ ଦାମନଯୋଡିର ଉତମ କୁମାର ପଟ୍ଟନାୟକ, ଦ୍ୱିତୀୟ, ସୁନାବେଢାର ଅମର ବାଡତିଆ, ଶ୍ରେଷ୍ଠ ଶିଶୁ କଳାକାର ପ୍ରଥମ ଜୟପୁର ପୌରାଂଚଳର ଲୋପାମୁଦ୍ରା ଜେନା, ଦ୍ୱିତୀୟ ଦାମନଯୋଡିର ଶ୍ରୀବିଦ୍ୟା ମିଶ୍ର, ଶ୍ରେଷ୍ଠ ସଂଗୀତ ଜୟପୁର ବ୍ଲକ ପ୍ରିୟଙ୍କା ମିଶ୍ର, ଶ୍ରେଷ୍ଠ ମଂଚ ସାଜସଜ୍ଜାରେ ଦାମନଯୋଡିର କେ.ନାଗେଶ୍ୱର ରାଓଙ୍କ ସମେତ ଅନ୍ୟାନ୍ୟ ବିଭାଗର ଶ୍ରେଷ୍ଠମାନଙ୍କ ନାମ ଘୋଷଣା କରାଯାଇଛି। ଆସନ୍ତା ଜିଲ୍ଲା ସ୍ତରୀୟ ପରବ ମହୋତ୍ସବ ଅବସରରେ ମଂଚରେ ଉକ୍ତ କଳାକାରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପ୍ରକାଶ ଯେ, ଜିଲ୍ଲାସ୍ତରୀୟ ପରବ ମଂଚ ନାଟକ ପ୍ରତିଯୋଗିତା ଗତ ମଙ୍ଗଳବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲେ। ଏହି ମଂଚ ନାଟକ ଉତ୍ସବରେ ବିଚାରକ ଭାବେ ବରିଷ୍ଠ କଳାକାର ଗୋପାଳ କୃଷ୍ଣ ସାମନ୍ତରାୟ, ମୂରଲୀ ପଟ୍ଟନାୟକ ଏବଂ ଶିବ ପ୍ରସାଦ ରଥ ଏବଂ ଆୟୋଜକ ଭାବେ ପ୍ରିୟା ଥିଏଟର ଗ୍ରୁପର ସଭାପତି ଲାଲଟୁ ମହାପାତ୍ର, ଅଶୋକ ଜେନା, ପିଙ୍କୁ ମହାପାତ୍ର, ଉତମ ନାୟକ, ସମୀର ପଟ୍ଟନାୟକ, ଜିଲ୍ଲା କମିଟିର କମଳାକାନ୍ତ ରଥ, ଗୁପ୍ତେଶ୍ୱର ପାଣିଗ୍ରାହୀ, ହୃଷିକେଶ ମିଶ୍ର, ମଧୁସ୍ମିତା ମିଶ୍ର ଆୟୋଜରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା

ପୁରୀ,୦୭/୧୨ (ନି.ପ୍ର): ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ୨୦୨୫ ଉପରେ ଆଧାରିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥି ଉପସ୍ଥିତ ସମସ୍ତଙ୍କୁ ଉଦବୋଧନ ଦେବା ସହିତ ଏହି କାର୍ଯ୍ୟକ୍ରମ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠି ମୁଖ୍ୟ ବକ୍ତା ଭାବରେ ଯୋଗଦେଇ କାର୍ଯ୍ୟସ୍ଥଳୀରେ ମହିଳା ମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ଆଇନ୍ ଏବଂ ଘରୋଇ ହିଂସା ଆଇନ୍ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ତ୍ରିପାଠୀ ବାଲ୍ୟ ବିବାହ ନିରୋଧ ଆଇନ୍ ଏବଂ ପୋକ୍ସୋ ଅଧିନିୟମ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଶ୍ରୀମତୀ ସୁହାଗି ହେମ୍ବ୍ରମ ପାରିବାରିକ ମହିଳା ହିଂସା ଓ ତାର ସମାଜ ଉପରେ ପଡୁଥିବା କୁପ୍ରଭାବ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ,ଡାକ୍ତର ରବୀନ୍ଦ୍ର ନାଥ ମିଶ୍ର,ଡାକ୍ତର ବିନୋଦ ବିହାରୀ ରଥ, ଡାକ୍ତର ଲଲାଟେନ୍ଦୁ ମିଶ୍ର, ଡାକ୍ତର ମାନସ ରଞ୍ଜନ ଦାଶ, ଶ୍ରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ, ସଖି କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ ଓ ମନୋଜ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଶ୍ରୀ ବେଣୁଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକ ଗୋବର୍ଦ୍ଧନ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୦୭/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାଲିଆ ସ୍ଥିତ ଗଛ ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଆଦର୍ଶ ଶିକ୍ଷକ ଗୋବର୍ଦ୍ଧନ ସ୍ୱାଇଁଙ୍କୁ ବିଦ୍ୟାଳୟ ପରିସରରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି ଏବଂ ବଡ଼ପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନ୍ମଥ ପାତ୍ର ମୁଖ୍ୟ ବକ୍ତା ଏବଂ ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସଦାନନ୍ଦ ନାୟକ, ପ୍ରଦୀପ ସାମନ୍ତରାୟ, ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଯୋଗଦାନ ପୂର୍ବକ ଗୋବର୍ଦ୍ଧନ ସ୍ୱାଇଁଙ୍କ ନିଷ୍ଠାପର ଶିକ୍ଷାଦାନ ଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଗାଇଥିଲେ। ପ୍ରଧାନ ଶିକ୍ଷକ ବିମଳ ପରିଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଧୀର ଜେନା ଏବଂ ପ୍ରତିଷ୍ଠାତାଙ୍କ ସୁପୁତ୍ର ସୁବାସ ସ୍ୱାଇଁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ରଥ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ମହେଶ୍ୱର ସ୍ୱାଇଁଙ୍କ ପ୍ରତିମୂର୍ତ୍ତୀକୁ ଉନ୍ମୋଚିତ କରିବା ପରେ ପରେ ଅତିଥିମାନଙ୍କ ସହିତ ମାନପତ୍ର, ଉତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଉର୍ମିଳା ସ୍ୱାଇଁ, ଅଧ୍ୟାପକ ଅରବିନ୍ଦ ସାମଲ, ସରୋଜ ପାଇଟାଲ, ପ୍ରଦୀପ ସାହୁ, ବିଚିତ୍ର ଦାସ, ନରହରି ଦାସ, ଚୈତନ୍ୟ ରାୟ, ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ରାଉତ, ତୁଷାର ସ୍ୱାଇଁ, ବସନ୍ତ ମହାରଣା, କବୀର ମଲିକ, ଜାନକୀ ମଲିକ, ଶରତ ଗାହାଣ, ମଧୁସ୍ମିତା ଲେଙ୍କା, ଛାତ୍ର ଜ୍ଞାନ ରଞ୍ଜନ, ଛାତ୍ରୀ ବିଶ୍ୱ କଲ୍ୟାଣୀ, ତ୍ରିନାଥ ସେଠୀ, ପପୁ ନାୟକ, ଦୀପକ ଦାସ, ବାସନ୍ତୀ ପାତ୍ର, ସାରଥୀ ସାମଲ, ସେବତୀ ସାମଲ, ଲକ୍ଷ୍ମୀ ପ୍ରୀୟା, ପ୍ରେମ ଲତା, ପରୀକ୍ଷିତ ଖଟୁଆ, ସଞ୍ଜୟ ମଲିକ, ପବିତ୍ର ସ୍ୱାଇଁ, ଅମ୍ବିକା ପାତ୍ର, ପ୍ରିୟଙ୍କା ପାତ୍ର, ସାବିତ୍ରୀ ରାଉତ, ମେଘନାଦ ରାଉତ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସଭା ଶେଷରେ ବିମଳ ପ୍ରସାଦ ପରିଡା, ନିରୁପମା ଜେନା, ଉପେନ୍ଦ୍ର ପାଢ଼ୀ, ରଞ୍ଜନ ବରାଳ, କୈଳାସ ପରିଡା, ବଳରାମ ମଲିକ ପ୍ରମୁଖ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ସଙ୍ଗୀତ ପରିବେଷଣ କରିଥିଲେ।

# କାଲିମେଲା ଡିଏଭି ଗୁରୁକୂଳରେ ବିଜ୍ଞାନ ମେଳା ଅନୁଷ୍ଠିତ

ମାଲକାନଗିରି,୦୭/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ସଦର ମହକୁମାରେ ଥିବା ଡିଏଭି ଗୁରୁକୂଳରେ ଆଜି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ଦେଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ମାଲକାନଗିରି ଜିଲ୍ଲା ଡିଏଭି ଗୁରୁକୂଳ ସମୂହର ପରିଚାଳକ ସୁଶାନ୍ତ ସାମଲ ଓ ଶିକ୍ଷକ ସୁରେନ୍ଦ୍ର ସାହୁ ଯୋଗଦେଇ ପ୍ରକଳ୍ପ ଗୁଡିକ ପରିଦର୍ଶନ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପ ଗୁଡିକ ମଧ୍ୟରୁ ଷ୍ଟାଣ୍ଡାର୍ଡ ୩ ର ସ୍ୱରୂପ ରଞ୍ଜନ ସରକାରଙ୍କ ସବୁଜ ଶକ୍ତି ଉତ୍ସ ପ୍ରକଳ୍ପ ପ୍ରଥମ ହୋଇଥିବା ବେଳେ ଷ୍ଟାଣ୍ଡାର୍ଡ ୩ ଶ୍ରେୟାଂଶୁ ଦାଶଙ୍କ ଜଳଚକ୍ର ପ୍ରକଳ୍ପ ଦ୍ୱିତୀୟ, ଷ୍ଟାଣ୍ଡାର୍ଡ ୨ର ସ୍ୱାଧୀନ ସ୍ୱରୂପ ଆଚାର୍ଯ୍ୟଙ୍କ ଆଗ୍ନେୟଗିରି ପ୍ରକଳ୍ପ ତୃତୀୟ ଓ ଷ୍ଟାଣ୍ଡାର୍ଡ ୩ ଚିଦାନନ୍ଦ ଦେହୁରୀଙ୍କ ପେରିସ୍କୋପ ପ୍ରକଳ୍ପକୁ ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରକଳ୍ପ ଭାବେ ଚୟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଏମଡି ଅନନ୍ତ ଦାଶ, ଭାଇସ ପ୍ରିନ୍ସପାଲ କ୍ରିଷ୍ଣା ପତ୍ରି, ଭାଇସ ପ୍ରିନ୍ସପାଲ ବିକାଶ ତାଣ୍ଡି, ବରିଷ୍ଠ ଶିକ୍ଷୟିତ୍ରୀ ଲତିକା ପତି ଉପସ୍ଥିତ ଥିଲେ। ବିଜ୍ଞାନ ମେଳା ଆୟୋଜନରେ ଅଭିଷେକ ମଲ୍ଲିକ, ରୋହିତ ମଣ୍ଡଳ, ଶୁଭଶ୍ରୀ ପରିଡା, ସୋମେ ମାଡକାମୀ, ମିତା ତାପାଲି, ପୁନମ ଜେନା, ମଇନା ଦାସ, ରାକ୍ଷୀ ହାଲଦାର, ଜ୍ୟୋତି ଦେବନାଥ, ସାନିୟା ମାଢି ଓ ମିନତୀ ସରଦାର ପ୍ରମୁଖ ଶିକ୍ଷକ / ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ମଣ୍ଡି ଖୋଲିବାରେ ବିଳମ୍ବ : ଅଧା ଦାମରେ ଧାନ ବିକୁଛନ୍ତି ଚାଷୀ

ଚମ୍ପୁଆ,୦୭/୧୨ (ନି.ପ୍ର): ସରକାରୀ ସ୍ତରରେ ଧାନ କିଣିବାପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ସୀମାନ୍ତ ଝାଡ଼ଖଣ୍ଡର ଜୟନ୍ତୀଗଡ଼ ଠାରେ ଅଧା ଦାମରେ ଧାନ ବିକୁଛନ୍ତି ଚମ୍ପୁଆ ଉପଖଣ୍ଡର ଚାଷୀ। ଚଳିତ ଖରିଫ ଋତୁରେ ନବେ ପ୍ରତିଶତ ଧାନ ଅମଳ କରି ସାରିଥିବାବେଳେ ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀମାନେ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବାଧ ହୋଇ ଝାଡ଼ଖଣ୍ଡରେ ବେପାରୀଙ୍କୁ ଅଧା ଦାମରେ ଧାନ ବିକ୍ରି କରୁଛନ୍ତି। ଚାଷୀଙ୍କ ଅସୁବିଧାର ସୁଯୋଗ ନେଇ ଏବେ ଗାଁ ଗାଁରେ ଦଲାଲ ମଧ ସକ୍ରୀୟ ହୋଇ ସାରିଛନ୍ତି। ଚଳିତ ବର୍ଷ ଆଶାନୁରୂପ ବର୍ଷା ହୋଇଥିବାରୁ ଅମଳ ମଧ ଭଲ ହୋଇଛି। ବହୁ ଚାଷୀ ଅମଳ ଧାନକୁ ରଖିବାରେ ସୁବିଧା ହେଉଥିବା ତଥା ଖରା, କାକରରେ ଖଳାରେ ଧାନ ପଡ଼ି ରହିବା ସହିତ ମୂଷା ଦାଉରୁ ଧାନକୁ ରକ୍ଷା କରି ଚାଷ କାର୍ଯ୍ୟରେ କରିଥିବା ଧାର କରଜରୁ ମୁକ୍ତ ହେବା ପାଇଁ ଧାନ ବିକିବାକୁ ବାଧ ହେଉଛନ୍ତି। ଏହାର ସୁଯୋଗ ନେଇ ଏବେ ଚମ୍ପୁଆ ନିକଟସ୍ଥ ଝାଡ଼ଖଣ୍ଡର ଜୟନ୍ତୀଗଡ଼ରେ ବହୁ ବ୍ୟବସାୟୀ ଚମ୍ପୁଆ ଅଂଚଳର ଚାଷୀଙ୍କ ଠାରୁ ଅଧା ଦାମରେ ଧାନ କିଣୁଥିବା ଦେଖାଯାଉଛି। ଏପରିକି ଝାଡ଼ଖଣ୍ଡର ବହୁ ଧାନ ବେପାରୀଙ୍କ ଦଲାଲ ଦୈନିକ ଗାଡ଼ି ଧରି ଚମ୍ପୁଆର ବିଭିନ୍ନ ଗାଁ ଗାଁରେ ବୁଲି ଚାଷୀଙ୍କ ଠାରୁ ଅଧା ଦାମରେ ଧାନ କିଣି ନେଉଥିବା ଦେଖିବାକୁ ମିଳୁଛି। ଆସନ୍ତା ୨୬ ତାରିଖରେ ଚମ୍ପୁଆରେ ମଣ୍ଡି ଖୋଲିବା ନେଇ ପ୍ରଶାସନ କହୁଥିବାବେଳେ ମଣ୍ଡି ଖୋଲିବାକୁ ବିଳମ୍ବ ହେଉଥିବାରୁ ଚାଷୀମାନେ ଝାଡ଼ଖଣ୍ଡ ବେପାରୀଙ୍କୁ ଧାନ ବିକିବାକୁ ବାଧ ହେଉଛନ୍ତି ବୋଲି ଚାଷୀ ମୁକୁନ୍ଦ ନାଏକ, ଆଶା ମହାକୁଡ଼, ପ୍ରଶାନ୍ତ ମହାନ୍ତ ପ୍ରମୁଖ ପ୍ରକାଶ କରିଛନ୍ତି।

# ୩୦ତମ ଜାତୀୟ ସଡ଼କ ଆର୍‌ଏସ୍‌ପିବି ଚାମ୍ପିଅନସିପ୍ ଉଦ୍‌ଯାପନ

ସମ୍ବଲପୁର,୦୭/୧୨ (ନି.ପ୍ର): ଡିସେମ୍ବର ୨ ତାରିଖରୁ ସମ୍ବଲପୁରରେ ଆରମ୍ଭ ହୋଇଥିବା ୩୦ ତମ ଜାତୀୟ ସଡକ ସାଇକ୍ଲିଙ୍ଗ ଚାମ୍ପିଅନସିପ୍-୨୦୨୫ ପ୍ରତିଯୋଗିତା ସଫଳତା ପୂର୍ବକ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂହ ଓଡିଶା ସାଇକ୍ଲିଙ୍ଗ ଆସୋସିଏସନର ଅଧ୍ୟକ୍ଷା ମିନତୀ ମହାପାତ୍ର, ଉତରାଂଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ଶତାଧିକ ଖେଳାଳିଙ୍କ ମଧ୍ୟରେ ଭାରତୀୟ ସାଇକ୍ଲିଙ୍ଗର ଉତ୍କୃଷ୍ଟ ପ୍ରଦର୍ଶନ ଓ କଠିନ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିଧାୟକ ଜୟନାରାୟଣ ମିଶ୍ର କ୍ରିଡାବିତ୍‌ମାନଙ୍କୁ ଆଗକୁ ଦୃଢ ମନୋଭାବ ନେଇ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରୋତ୍ସାହିତ କରିଥିଲେ। କହିଥିଲେ ଆଗାମୀଦିନରେ ଦିନରେ ଯେପରି ଆମେ ଅଲମ୍ପିକିସରେ ପଦକ ହାସଲ କରିବା, ସେଥିପାଇଁ ପ୍ରଚେଷ୍ଟା କରନ୍ତୁ। ଶେଷରେ ସମସ୍ତ ଖେଳାଳୀଙ୍କୁ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଚାମ୍ପିଅନସିପରେ ରାଜସ୍ଥାନ ଶ୍ରେଷ୍ଠ ପ୍ରଦର୍ଶନ କରି ସର୍ବାଧିକ ୨୧ଟି (ସ୍ୱର୍ଣ୍ଣ ୯, ରୌପ୍ୟ ୯, କାଂସ୍ୟ ୩) ପଦକ ଜିତି ପ୍ରଥମ ସ୍ଥାନ ହାସଲ କରିଛି। ହରିୟାଣା ସର୍ବମୋଟ ୧୧ ଟି (ସ୍ୱର୍ଣ୍ଣ ୪, ରୌପ୍ୟ ୪, କାଂସ୍ୟ ୩), ମହାରାଷ୍ଟ୍ର ସର୍ବମୋଟ ୧୨ ଟି (ସ୍ୱର୍ଣ୍ଣ ୪, ରୌପ୍ୟ ୨, କାଂସ୍ୟ ୬), ଆରଏସପିବି ସର୍ବମୋଟ ୫ ଟି (ସ୍ୱର୍ଣ୍ଣ ୩, ରୌପ୍ୟ ୧, କାଂସ୍ୟ ୧), କର୍ଣ୍ଣାଟକ ସର୍ବମୋଟ ୯ ଟି (ସ୍ୱର୍ଣ୍ଣ ୨, ରୌପ୍ୟ ୩, କାଂସ୍ୟ ୪), ଦିଲ୍ଲୀ ସର୍ବମୋଟ ୩ ଟି (ସ୍ୱର୍ଣ୍ଣ ୨, କାଂସ୍ୟ ୧), ତାମିଲନାଡୁ ସର୍ବମୋଟ ୭ ଟି (ସ୍ୱର୍ଣ୍ଣ ୧, ରୌପ୍ୟ ୨, କାଂସ୍ୟ ୪) ଓଡିଶା ସର୍ବମୋଟ ୩ ଟି (ରୌପ୍ୟ ୨, କାଂସ୍ୟ ୧), ପଞ୍ଜାବ ସର୍ବମୋଟ ୧ ଟି (ରୌପ୍ୟ ୧), ମଣିପୁର ସର୍ବମୋଟ ୨ ଟି (କାଂସ୍ୟ ୨) ଓ ବିହାର ସର୍ବମୋଟ ଗୋଟିଏ ରୌପ୍ୟ ପଦକ ହାସଲ କରିବାକୁ ସମର୍ଥ ହୋଇଥିଲା। ଏହି ଚାମ୍ପିଅନସିପରେ ପୁରୁଷ ଏଲିଟ, ମହିଳା ଏଲିଟ, କନିଷ୍ଠ, ଉପକନିଷ୍ଠ,, ୨୩ ବର୍ଷରୁ କମ ବିଭିନ୍ନ ବର୍ଗରେ ମୋଟ ୭୫ଟି ପଦକ ଦିଆଯାଇ ଥିବାବେଳେ, ସେଥିରୁ ୨୫ ଟି ସ୍ୱର୍ଣ୍ଣ, ୨୫ଟି ରୋପ୍ୟ ଓ ୨୫ଟି କାଂସ୍ୟ ପଦକ ବିଭିନ୍ନ ରାଜ୍ୟ ପାଇଛନ୍ତି। ସମ୍ବଲପୁରରେ ଆୟୋଜିତ ୩୦ ତମ ଜାତୀୟ ରୋଡ୍ ସାଇକ୍ଲିଙ୍ଗ ଚାମ୍ପିୟନସିପ୍‌ରେ ବିଭିନ୍ନ ବର୍ଗରେ ସର୍ବାଧିକ ପଦକ ହାସଲ କରି ସର୍ବୋପରି ରାଜସ୍ଥାନ ଶୀର୍ଷ ସ୍ଥାନରେ ରହିଥିବା ବେଳେ ହରିଆଣା ଦ୍ୱିତୀୟ ସ୍ଥାନ ହାସଲ କରିବାରେ ସମର୍ଥ ହୋଇଥିଲା। ପୁରୁଷ ବର୍ଗରେ ଆରଏସପିବି ର ବିଶ୍ୱଜିତ ସିଂହ ୨ ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ପୁରୁଷ ଖେଳାଳି, ସେହିପରି ମହିଳା ବର୍ଗରେ ରାଜସ୍ଥାନର ଅଞ୍ଜଳି ଜାଖର ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ମହିଳା ଖେଳାଳି ଏବଂ ଗୁଜରାଟ୍ ଦଳ ବେଷ୍ଟ ଫେୟର୍ ପ୍ଲେ ଟିମ୍ ଭାବେ ବିବେଚିତ ହୋଇଛନ୍ତି। ଇଲିଟ୍ ପୁରୁଷ ବର୍ଗରେ ଆରଏସପିବି -(ସ୍ୱର୍ଣ୍ଣ ୨ ରୌପ୍ୟ ୧, କାଂସ୍ୟ ୧)ପଦକ ପାଇ ବିଜେତା ହୋଇଥିଲା ବେଳେ କର୍ଣ୍ଣାଟକ ଓ ତାମିଲନାଡୁ (କାଂସ୍ୟ -୧)ପଦକ ପାଇ ମିଳିତ ଭାବେ ଉପବିଜେତା(ରନର୍-ଅପ୍) ହୋଇଛନ୍ତି।ଇଲିଟ୍ ମହିଳା ବର୍ଗରେ ଆରଏସପିବି -( ସ୍ୱର୍ଣ୍ଣ ୨)ପଦକ ପାଇ ବିଜେତା ହୋଇଥିଲା ବେଳେ ରାଜସ୍ଥାନ (ସ୍ୱର୍ଣ୍ଣ ୧, କାଂସ୍ୟ ୨) ପଦକ ପାଇ ମିଳିତ ଭାବେ ଉପବିଜେତା (ରନର୍-ଅପ୍) ହୋଇଛି।

# ନବଘନଙ୍କ ପରି ଶିକ୍ଷକ ଛାତ୍ର ସମାଜ ପାଇଁ ଆଲୋକ ବର୍ତ୍ତିକା

କେନ୍ଦ୍ରାପଡ଼ା,୦୭/୧୨ (ନି.ପ୍ର): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ହାଇସ୍କୁଲ ଶାସନିପଡା ଠାରେ ଆଦର୍ଶ ପ୍ରଧାନ ଶିକ୍ଷକ, ସଂଗଠକ ତଥା ସମାଜସେବୀ ନବଘନ ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନବଘନ ମହାରଣାଙ୍କ ପରି ଆଦର୍ଶ ଶିକ୍ଷକ ନିଜ ଜୀବନରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ଓ ପଥ ପଦର୍ଶକ ହେବା ସହ ଛାତ୍ର ସମାଜ ପାଇଁ ଆଲୋକ ବର୍ତିକା ସାଜିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଆଶୁତୋଷ ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ରାଜ୍ୟ ଶିକ୍ଷକ ମହାସଂଘର ପ୍ରାକ୍ତନ ରାଜ୍ୟ ସମ୍ପାଦକ ଅଜୟ କୁମାର ସାମଲ ମୁଖ୍ୟ ଅତିଥି, ରାଜ୍ୟ ଓଷ୍ଟା ଉପସଭାପତି ଅଧିକାରୀ ରାଧାକୃଷ୍ଣ ଦାସ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ଓଷ୍ଟା ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ଓଷ୍ଟା ବ୍ଲକ ସଭାପତି ବିଜୟ କୁମାର ସ୍ୱାଇଁ, ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ଅଲ ଓଷ୍ଟା ବ୍ଲକ ସଭାପତି ପ୍ରଦୀପ ଲେଙ୍କା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ, ଅବସରପ୍ରାପ୍ତ ଶିକ୍ଷକ ସତ୍ୟାନନ୍ଦ ସାହୁ, କ୍ଷୀରୋଦ କୁମାର ସେନାପତି, ପୂର୍ବତନ ସରପଂଚ ରଞ୍ଜିତ ପରିଡା ଓ ସୁରେନ୍ଦ୍ରନାଥ ବେହେରା, ଆଇନଜୀବୀ ଭଂଜକିଶୋର ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଶ୍ରୀ ମହାରଣକ୍ଷଙ୍କ ବିଜ୍ଞାନ ବିଷୟରେ ଶିକ୍ଷାଦାନ, ଛାତ୍ରବତ୍ସଳତା, ସ୍କୁଲର ଉନ୍ନତି ପାଇଁ ଥିବା ପ୍ରଚେଷ୍ଟା ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ବହୁ ପୁରାତନ ଛାତ୍ର ଯୋଗଦେଇ ନିଜ ସ୍କୁଲ ଜୀବନରେ ପ୍ରଧାନଶିକ୍ଷକ ଶ୍ରୀ ମହାରଣକ୍ଷଙ୍କ ଭୂମିକା ଓ ଅବଦାନ ସମ୍ପର୍କରେ ଆଲୋଚନାକରି ସ୍ମୃତିଚାରଣ କରିଥିଲେ। ଶେଷରେ ଏକ ଭାବପୂର୍ଣ୍ଣ ପରିବେଶରେ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ମହାରଣାଙ୍କୁ ବର୍ତମାନର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

# ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ନୂଆପଡା,୦୭/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀଙ୍କ ଅଧ୍ୟକ୍ଷତାରେ ଉଦଘାଟିତ ହୋଇଯାଇଛି । ସମାରୋହରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବରେ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ବଜରଙ୍ଗ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଡକ୍ଟର ସରୋଜ କୁମାର ପଣ୍ଡା, ଜିଲା ପ୍ରମୁଖ ଧ୍ରୁବ ଚରଣ ପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ପୂର୍ଣ୍ଣଚନ୍ଦ୍ର କର୍ମୀ, ଉପସଭାପତି ଆଦିତ୍ୟ ମହାଉତି, ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା ସୁସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସ୍ତରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବୀଣାପାଣି ଦର୍ଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ପୁଲିସ ପକ୍ଷରୁ ୬୩ ତମ ଗୃହରକ୍ଷୀ ଦିବସ ପାଳିତ

କୋରେଇ,୦୭/୧୨ (ନି.ପ୍ର): ପାଣିକୋଇଲିସ୍ଥିତ ଯାଜପୁର ଜିଲ୍ଲା ପୁଲିସ ରିର୍ଜଭ ପଡିଆରେ ୬୩ତମ ଗୃହରକ୍ଷୀ ଦିବସ ପାଳିତ ହୋଇଯାଇଛି । ଆୟୋଜିତ ଗୃହରକ୍ଷୀ ଦିବସରେ ଗୃହରକ୍ଷୀ ମାନଙ୍କ ଦାରା କରାଯାଇଥିବା ପ୍ୟାରେଡରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ୟସ ପ୍ରତାପ ଶ୍ରୀମାଲ ଯୋଗଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ପ୍ରେରିତ ଚିଠି ପଠନ କରିଥିଲେ । ପୁଲିସକୁ ସହାୟତା କରିବାକୁ ଗଢାଯାଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୃହ ରକ୍ଷୀ ବା ବେସାମରିକ ବାହିନୀ ପ୍ରତିଷ୍ଠା କରାଯାଇଥିଲା । ଦେଶ ସୁରକ୍ଷା ସହ ଗୃହରକ୍ଷୀ ମାନେ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା, ବାତ୍ୟା, ମରୁଡି ଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଭଳି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ କର୍ତବ୍ୟ ସମ୍ପାଦନା କରି ଆସୁଛନ୍ତି । ଏଣୁ ଗୃହରକ୍ଷୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଉପସ୍ଥିତ ଅତିଥିମାନେ ଦେଶ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଗୃହରକ୍ଷୀଙ୍କୁ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଂଠ କାନୁନୁଗୋ, ପୁଷ୍ପଲତା ବାରିକ, କଳିଂଗନଗର ଅତିରିକ୍ତ ଏସପି ସୁପ୍ରଶନ୍ନ ସ୍ୱାଇଁଙ୍କ ସମେତ ଜିଲ୍ଲାର ସମସ୍ତ ଥାନାଧିକାରୀ ଓ ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ । ପ୍ୟାରେଡ କମାଣ୍ଡର ଉମାକାନ୍ତ ରାଉତ, ନୃସିଂହ ସ୍ୱାଇଁ, ବ୍ରଜ କିଶୋର ସ୍ୱାଇଁ, ପ୍ରବୋଧ ଦାସ, ସୁନାକର ସାହୁ ପ୍ରମୁଖ ପ୍ୟାରେଡ ପରିଚାଳନା କରିଥିଲେ ।

## ସମାଜସେବୀ ମୂରଲୀ ଜେନାଙ୍କ ଦେହାନ୍ତ



ବାଲିଆପାଳ , ୦୭/୧୨ (ନି.ପ୍ର): ବାଲିଆପାଳ ରେ ବିଶିଷ୍ଟ ସମାଜସେବୀ ମୂରଲୀ ମୋହନ ଜେନାଙ୍କର ଶନିବାର ବିଳମ୍ବିତ ରାତିରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଛି। ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ବାଲେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଶ୍ରୀ ଜେନା ଏକାଧାରରେ ଜଣେ ଉତ୍ତମ ବ୍ୟବସାୟୀ, ରାଜନୈତିକ, ସାମାଜିକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବା ସହିତ ପୁରାତନ ବାଲିଆପାଳ ବଣିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ବିୟୋଗରେ ବାଲିଆପାଳରେ ଶୋକର ଛାୟା ଖେଳିଯାଇଛି। ରବିବାର ପୂର୍ବାହ୍ନରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି। ବହୁ ସମାଜସେବୀ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ବଡ଼ ପୁତ୍ର ମନୋଜ କୁମାର ଜେନା ମୁଖାଗ୍ନି ଦେଇଥିଲେ। ସାନପୁଅ ଦିନୋଜ , ଝିଅ ମମତା, ଜ୍ୱାଇଁ ଯୋଗେଶ୍ୱର ,ନାତି ସୈମ୍ୟ ସିଦ୍ଧାର୍ଥ ,ସୈମ୍ୟ ସ୍ୱରୁପ,ଅଙ୍କିତ ଅମନ, ପରିବାର, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ଧୂଳି – ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ



ବସ୍ତା , ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅମର୍ଦାରୋଡ,ବସ୍ତା ଓ ଜଳେଶ୍ୱର ରେଳବାଇର ତୃତୀୟ ଲାଇନ କାର୍ଯ୍ୟ ପ୍ରାୟ ୨ ବର୍ଷ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଛି ।ହେଲେ ରେଳବାଇ ପ୍ରାଧିକରଣ ଦାୟୀତ୍ୱରେ ଥିବା କମ୍ପାନୀ ଖାମଖିଆଲି ମନୋଭାବ ଯୋଗୁଁ ଏଠାରେ ଅସନ୍ତୋଷ ପ୍ରକାଶ ପାଉଛି ।ତେବେ ମୟୁରଭଞ୍ଜରୁ ମାଟି ମୋରମ ପରିବହନ କରି ତୃତୀୟ ଲାଇନ କାର୍ଯ୍ୟ ଚାଲୁଥିବା ବେଳେ ରାସ୍ତାରେ ପାଣି ନ ପକାଇବା, ରାସଗୋବିନ୍ଦପୁରରୁ ଅମର୍ଦାରୋଡ଼ ରାସ୍ତା ଦେଇ ପ୍ରତିଦିନ ଶହ ଶହ ମାଲବୋଝେଇ ଦମ୍ଫାର,ଟ୍ରାକ୍ଟରରେ (ବାଲି, ମୋରମ, ମେଟାଲ) ପାଲ କିମ୍ବା ଢାଙ୍କୁଣି ନପକାଇ ପରିବହନ କରୁଥିବାରୁ ପରିବେଶ ପ୍ରଦୂଷିତ ହେବା ସହ ଧୂଳିଧୂଆଁରେ ଲୋକଙ୍କ ଦୈନିନ୍ଦିନ ଜୀବନ ଦୁର୍ବିସହ ହୋଇପଡିଛି । ତେବେ ଅସ୍ତବ୍ୟସ୍ତ ଜନଜୀବନ ପ୍ରତି ପ୍ରଶାସନ ପକ୍ଷରୁ କୌଣସି ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଅମର୍ଦାରୋଡ ଇନ୍ଦିରାଛକ ଠାରୁ ବାରିପଦା ଯାଉଥିବା ଯାତ୍ରୀମାନେ ଓ ଜନସାଧାରଣ ଧୂଳିଧୂଆଁରେ ବେହାଲ ହୋଇ ପଡୁଥିବା ବେଳେ ପଥଚାରୀ ଠାରୁ ଆରମ୍ଭ କରି ଯାନବାହାନ ଚାଳକ ମାନେ ଉକ୍ତ ରାସ୍ତାଦେଇ ଯିବାକୁ ମଣୁନାହାଁନ୍ତି। ଏନେଇ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଉଛି ।ଧୂଳିଧୂଆଁ ଓ ମାଲ ପରିବହନ ଯୋଗୁଁ ସମୟ ସମୟରେ ଦୃଘଟାଣାମାନ ଘଟୁ ଥିବାରୁ ବୁଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଗତ ଦିନରେ ଏହି ରାସ୍ତାରେ ବହୁ ଜୀବନ ହାନି ହୋଇଥିଲା। ତେବେ ଜନସାଧାରଣ ସମସ୍ୟାର ସମାଧାନ (ରାସ୍ତାରେ ନିୟମିତ ପାଣି ସିଞ୍ଚନ) କରାନଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ କେତେବେଳେ ଯେ, ଅପ୍ରୀତିକର ପରିସ୍ଥିତି ଉପୁଜିବ ତାହା କହିବା ଅସମ୍ଭବ। ଏଥିପ୍ରତି ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାନଗଲେ ପରସ୍ଥିତି ଯାହା ହେବ ।ସେଥିପ୍ରତି ପ୍ରଶାସନ ଦାୟୀ ରହିବ ବୋଲି ଅଞ୍ଚଳବାସୀ ପକ୍ଷରୁ କୁହାଯାଇଛି।

## ନୀଳଗିରି କ୍ରିକେଟ ଲିଗ୍(ଏନସିଏଲ) ସିଜିନ୍- ୫ର ସାମ୍ବାଦିକ ସମ୍ମିଳନୀ




ନୀଳଗିରି , ୦୭/୧୨ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠିତ ହେବାକୁଥିବା ନୀଳଗିରି କ୍ରିକେଟ ଲିଗ୍ (ଏନସିଏଲ) ସିଜିନ -୫ର ଆଗାମୀ ସଂସ୍କରଣ ଡିସେମ୍ବର ୧୭ତାରିଖରୁ ଅନୁଷ୍ଠିତହୋଇ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଚଳିତମାସ ୧୦ତାରିଖ ମହାବୀର ୟୁନାଇଟେଡ, ହରପ୍ରିୟା ଚେଲେଞ୍ଜର, ବାବା ସର୍ବେଶ୍ୱର ଫାଇଟରସ, ମୁକ୍ତି ଇଲେଭେନ୍, ୫ଏସ ଫାଇଟର୍ସ, ଓମସାଇ ଷ୍ଟାରପାୱାର ଆଦି ୬ଟି ଫ୍ରାଞ୍ଚାଇଜକୁ ନେଇ ଖେଳାଳୀ ନିଲାମି (ବିଡିଂ) ହେବ। ନୀଳଗିରି, ବାଲେଶ୍ୱର, ସୋର ଏବଂ ରେମୁଣା ନିର୍ବାଚନମଣ୍ଡଳୀରୁ ୧୫୦ରୁ ଉର୍ଦ୍ଧ୍ୱ ଯୁବଖେଳାଳୀ ନାମ ପଞ୍ଜିକରଣ କରିଥିବା ଆଜି ନୀଳଗିରି ହାଟଛକ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ଆୟୋଜକ 'ମାହି ସ୍ପୋର୍ଟସ' ଆନୁକୁଲ୍ୟରେ ନୀଳଗିରି କ୍ରିକେଟ ଲିଗ୍ ସଭାପତି ସୁମନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ନୀଳଗିରି ଅଞ୍ଚଳ ଏବଂ ଆଖପାଖ ପୋଡ଼ଶୀ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମାନଙ୍କର ପ୍ରତିଭା ଖେଳାଳୀମାନେ ନିଜର ଖେଳପ୍ରଦର୍ଶନ କରି କ୍ରୀଡାକ୍ଷେତ୍ରରେ ଆଗକୁଯାଇ ନିଜର ତଥା ଅଞ୍ଚଳର ଗୌରବଅର୍ଜନ କରିବାର ପ୍ଲାଟଫର୍ମ ଦେଇଛି ନୀଳଗିରି କ୍ରିକେଟଲିଗ୍ ବୋଲି ଅନ୍ୟ ମଞ୍ଚାସିନ କର୍ମକର୍ତ୍ତା ମତ ରଖିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୨ଓଭର ବିଶିଷ୍ଟ ହେବାକୁ ଥିବାବେଳେ ବିଜୟୀଦଳକୁ ୧ଲକ୍ଷ ୧୧ହଜାର ୧ଶହ ୧୧ଟଙ୍କା ଏବଂ ଉପବିଜେତା ଦଳକୁ ୭୭ହଜାର ୭ଶହ ୭୭ଟଙ୍କା ଅର୍ଥରାଶି ପୁରସ୍କାରରେ ପୁରସ୍କୃତ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି – ସୁମନ ଦାସଙ୍କ ସହିତ ଜିତେନ୍ଦ୍ର ରାଉତ, ବିବେକ ସାହୁ, ଅଶ୍ୱିନୀ ପାତ୍ର, ଆଦର୍ଶ ଗୌରବ ଦାସ, ଗୟାଧର ବେହେରା, ନିଗମ ମହାପାତ୍ର, ସନ୍ତୋଷ ସାହୁ, ସୁଧାରଞ୍ଜନ ମହାପାତ୍ର, ଆନନ୍ଦ ମିଶ୍ରପ୍ରମୁଖ ସଦସ୍ୟଙ୍କ ସହିତ ସୁନୀଲ ମଢ଼େଇ, ଉମାଶଙ୍କର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସେନାକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ...

ଏହା ସହ ଯାତ୍ରୀ ସୁବିଧା କେନ୍ଦ୍ର, ଖାଦ୍ୟ ପ୍ରାଙ୍ଗଣ, ୱାଚ୍ ଟାୱାର ନିର୍ମାଣ ହେବ। ମା' ତାରିଣୀ ମନ୍ଦିର ସଂଲଗ୍ନ ଅଞ୍ଚଳର ବିକାଶ ସହ ଯାତ୍ରୀ ସୁବିଧା ପାଇଁ ପାଖାପାଖି ଅଞ୍ଚଳରେ ଅନେକ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ସୁଦୀର୍ଘ ପାର୍କିଂ ବ୍ୟବସ୍ଥା, ଅହରହ ଜଳଯୋଗାଣ, ବିଦ୍ୟୁତ୍ ଓ ଆଲୋକୀକରଣ, ଡ୍ରେନେଜ୍ ସୁବିଧା, ମନ୍ଦିର ସୀମା ପ୍ରାଚୀର ନିର୍ମାଣ, ଆଲୋକ ଓ ଧ୍ୱନି ବ୍ୟବସ୍ଥା ସହ ମନ୍ଦିର ଭିତରେ ଯାତ୍ରୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ଧାଡ଼ି ପରିଚାଳନା ଯୋଜନା ହୋଇଛି। ବୃହତ୍ ପୁଷ୍କରିଣୀର ବିକାଶ, ଛୋଟ ପୁଷ୍କରିଣୀ ତଥା ମନ୍ଦିର ପଛ ପାର୍ଶ୍ୱରେ ପୁଷ୍କରିଣୀ ଏବଂ ଶିଶୁ ଖେଳପଡ଼ିଆ ନିକଟ ପୁଷ୍କରିଣୀକୁ ସୁଦୃଶ୍ୟ କରିବାକୁ ଯୋଜନା ହୋଇଛି। ଜାତୀୟ ରାଜପଥ ତଥା ହରିଚନ୍ଦନପୁରକୁ ସଂଯୋଗ କରୁଥିବା ରାସ୍ତା ୧୨ ମିଟର ପ୍ରଶସ୍ତ କରାଯିବ। ମନ୍ଦିର ଆଭ୍ୟନ୍ତରୀଣ ସଂଯୋଗକାରୀ ରାସ୍ତାର ନବୀକରଣ ତଥା ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଐତିହାସିକ ହେବ ବୋଲି ସ୍ଥାନୀୟ ଲୋକମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶାର ଅର୍ଥନୀତି ବିକାଶରେ କେନ୍ଦୁଝର ଦୀର୍ଘ ଦଶନ୍ଧି ଧରି ବଡ଼ ଭୂମିକା ନେଇ ଆସିଛି। କେନ୍ଦୁଝର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବାରୁ ଲୋକଙ୍କ ମଧ୍ୟରେ ଅନେକ ଆଶା ଓ ଉତ୍ସାହ ରହିଛି।

### ପୁଲିସ ଏସ୍ଆଇ...

ସୂଚନାଯୋଗ୍ୟ, ଏହି ମାମଲାରେ ସିବିଆଇ ତଦନ୍ତ ଦାୟିତ୍ୱ ନେବା ପରେ ଚତୁର୍ଥ ଗିରଫଦାରି। ପୁଲିସ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏପର୍ଯ୍ୟନ୍ତ ଅନେକ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମାରାଥନ୍ ଜେରା କରିଛି। ସୂଚନାଯୋଗ୍ୟ, ପୁଲିସ ଏସ୍ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ୍ ଟେକ୍ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ୍ ଏହାକୁ ସବ୍ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା। ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି କେଲେଙ୍କାରୀ ଯୋଜନା କରିଥିଲେ। ଏହି ଅପରାଧ ସିଣ୍ଡିକେଟ୍‌ରେ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲା। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏଁ ଏଜେଣ୍ଟ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲା। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା। ଯୋଜନା ମୁତାବକ ଆଶାୟୀମାନେ ପ୍ରଥମେ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହିଥିଲେ। ଗତ ଅକ୍ଟୋବର ୨୯ ତାରିଖରେ ଖଣ୍ଡଗିରିରୁ ୧୧୪ ଆଶାୟୀଙ୍କୁ ବସ୍‌ରେ ବିଜୟନଗରମ୍‌କୁ ନିଆଯାଇଥିଲା। ୩୦ ତାରିଖରେ ବ୍ରହ୍ମପୁର ପୁଲିସ ଏହି ବସ୍‌ଗୁଡ଼ିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା। ଏହା ପରେ ଆହୁରି ୧୧୦ ଆଶାୟୀ ପ୍ରାର୍ଥୀ ଫେରାର ହୋଇ ଯାଇଥିଲେ।

### ନାଇଟ୍ କ୍ଲବ୍ ପାଲଟିଗଲା...

କରି ଧାଁଦୌଡ଼ କରିଥିଲେ। ବାହାରକୁ ଆସିବା ପରେ ଆମେ ଦେଖିଲୁ ଯେ ପୂରା ନାଇଟ୍ କ୍ଲବ୍‌ଟିକୁ ନିଆଁ ନିଜ କବଳକୁ ନେଇ ଯାଇଛି। ସେ କହିଛନ୍ତି ଯେ ନିଆଁ ଲାଗିଥିବା ଦେଖି କିଛି ଲୋକ ନାଇଟ୍ କ୍ଲବ୍‌ର ତଳ ମହଲାକୁ ଧାଇଁ ପଳାଇଥିଲେ। ସେମାନେ ସେଠାରେ ଫସି ଗଲେ। ସେଠାରେ ଥିବା ନାଇଟ୍ କ୍ଲବ୍‌ର କର୍ମଚାରୀମାନେ ମଧ୍ୟ ବାହାରି ପାରି ନଥିଲେ। ବହୁ ଲୋକେ ନାଇଟ୍ କ୍ଲବ୍ ବାହାରକୁ ଚାଲିଆସିବାରେ ସଫଳ ହୋଇଥିଲେ। ଫାତିମା କହିଛନ୍ତି ଯେ ନାଇଟ୍ କ୍ଲବ୍ ଭିତରେ ଶୁଖିଲା ତାଳପତ୍ରରେ ତିଆରି ଅନେକ ସ୍ଥାନାନ୍ତର ହୋଇପାରୁଥିବା ଜିନିଷ ରହିଥିଲା। ସେଗୁଡ଼ିକ ସହଜରେ ନିଆଁ ଧରିଥିଲା। ଏଣୁ ଅତି ଅଳ୍ପ ସମୟ ମଧ୍ୟରେ ସ୍ଥିତି ଭୟଙ୍କର ରୂପ ଧାରଣ କରିଥିଲା। ଇସବ୍ରମଷ ଇଛ ଜକ୍ଟଙ୍କରକ୍ଟ ଖବଭର ନାଇଟ୍ କ୍ଲବ୍‌କୁ ଏକ ଆଇଲ୍ୟାଣ୍ଡ କ୍ଲବ୍ ଭାବେ ଉପସ୍ଥାପିତ କରାଯାଏ। କାରଣ ଏହାକୁ ଅରପୋରା ନଦୀର ବ୍ୟାକ୍‌ୱାଟର ବା ପଛୁଆ ପାଣିରେ ନିର୍ମାଣ କରାଯାଇଛି। ତେବେ ସେଠାକୁ ଯା'ଆସ କରିବାକୁ ରହିଛି ସଂକୀର୍ଣ୍ଣ ପଥ। ଫଳରେ ଅଗ୍ନିଶମ ବାହିନୀର ପାଣି ଭର୍ତ୍ତି ଗାଡ଼ି କ୍ଲବ୍ ନିକଟକୁ ଯାଇପାରି ନଥିଲା।

# ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଜବତ ଘଟଣା : ଅଭିଯୁକ୍ତ ଦୋଷ ସ୍ୱୀକାର କଲା

ବେତନଟୀ, ୦୭/୧୨ (ନି.ପ୍ର): ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ମସିଣାକାଟି ଜଙ୍ଗଲରୁ ଜନୈକା ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଜବତ ମାମଲାରେ ହତ୍ୟାକାଣ୍ଡଜନିତ ମାମଲା ରୁଜୁକରି ହତ୍ୟାକାଣ୍ଡରେ ଜଡିତ ସନ୍ଦୀଗ୍ଧ ଜନୈକ ମେକାନିକକୁ ଅଟକ ରଖି ପଚରା ଉଚରା କରୁଥିବା ବେଳେ ଶେଷରେ ତଦନ୍ତ କରୁଥିବା ବେତନଟୀ ପୁଲିସ ଆଗରେ ହତ୍ୟାକାଣ୍ଡ ବାବଦରେ ସ୍ୱୀକାର କରିବା ସହିତ କେବେ କିଭଳି ଏବଂ କେଉଁ ପରିସ୍ଥିତିରେ କାହିଁକି ହତ୍ୟାକଲା ସେନେଇ ଶନିବାର ଅପରାହ୍ନରେ ଜଙ୍ଗଲକୁ ନେଇ କ୍ରାଇମ ରିକ୍ରିଏସନ କରାଯାଇଛି । ଗିରଫ ହତ୍ୟାକାରୀ ଅଭିଯୁକ୍ତ ଜଣକ ହେଉଛି ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମର ସ୍ୱର୍ଗତ ବଂଶୀଧର ଜେନାଙ୍କ ପୁଅ କାହ୍ନା ଓରଫ ସୁରେନ୍ଦ୍ର ଜେନା(୫୬)। ଏତଲାକାରୀ ମୃତା ମହିଳା ତୁଙ୍ଗାଧୁଆ ଗ୍ରାମର ସ୍ୱର୍ଗତଲୁସା ମୁର୍ମୁର ସ୍ତ୍ରୀ ପାନୀ ମୁର୍ମୁଙ୍କ ପୁତୁରା ରେଣ୍ଡା ମୁର୍ମୁଙ୍କ ଅଭିଯୋଗ ମୁତାବକ ଅଭିଯୁକ୍ତ କାହ୍ନା ଓରଫ ସୁରେନ୍ଦ୍ର ଜେନା ଅଧିକାଂଶ ସମୟରେ ଖୁଡି ପାନୀ ମୁର୍ମୁଙ୍କ ଘରକୁ ଯିବା ଆସିବା କରିବା ସହିତ ମିଳାମିଶା କରୁଥିଲା । ଘଟଣାଦିନ ଅର୍ଥାତ ୩୦ତାରିଖ ଅପରାହ୍ନ ରବିବାର କାହ୍ନା ଓରଫ ସୁରେନ୍ଦ୍ର ଜେନା ଫୋନକରି ପାନୀକୁ ମସିଣାକାଟି ଜଙ୍ଗଲୁ ଡାକିଥିଲା। ସେଠାରେ ଉଭୟ ମଦ୍ୟପାନ କରିବାପରେ ଉଭୟଙ୍କ ମଧ୍ୟରେ ନିଶାଗ୍ରସ୍ତ ଅବସ୍ଥାରେ ବିଭିନ୍ନ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଶେଷରେ କାହ୍ନା ଓରଫ ସୁରେନ୍ଦ୍ର ଜେନା ପାନୀଙ୍କୁ ଆକ୍ରମଣ କରି ପାନୀ ପିନ୍ଧିଥ?ବା ଶାଢ଼ୀରେ ମୁହଁ ଏବଂ ବେକକୁ ଯାକି ଧରିଥିଲା କିଛିସମୟ ପରେ ପାନୀ ନିଷ୍ପଳ ହୋଇପଡିବାପରେ ସେଠାରେ ତାକୁ ଏକୁଟିଆ ଛାଡିଦେଇ କାହ୍ନା ଓରଫ ସୁରେନ୍ଦ୍ର ପଳାଇ ଆସିଥିଲା। ଜଙ୍ଗଲରେ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡିରହିଥିବା ପାନୀଙ୍କର ଆପତ୍ତିଜନକ ଭିଡିଓ ଉତ୍ତୋଳନ କରିଥିବା ବେଳେ ପରବର୍ତ୍ତୀ ସମୟରେ ଭୟରେ ଡିଲିଟ କରିଦେଇଥିବା ବେଳେ ତଦନ୍ତ ସମୟରେ ଅଭିଯୁକ୍ତ ମୋବାଇଲରୁ ଉକ୍ତ ଆପତ୍ତିଜନକ ଭିଡିଓକୁ ରିକୋଭରି କରିଛି ପୁଲିସ । ଏପଟେ ଶନିବାର ଅପରାହ୍ନରେ ବେତନଟୀ ଥାନା ଅଧୀନ ଦାଣ୍ଡିଆମୁହାଁ ଉପକଣ୍ଠ କରଞ୍ଜିଆ ଗ୍ରାମରେ ଥ?ବା ଭଡାଘର, କୃଷ୍ଣଚନ୍ଦ୍ରପୁର ସେଣ୍ଟ୍ରାଲନର୍ସରୀ ପଛପାର୍ଶ୍ୱରେ ଅଭିଯୁକ୍ତ ଜମିକିଣି ନିର୍ମାଣ କରୁଥିବା ଘର ସମେତ ହତ୍ୟାକାଣ୍ଡ ଭିଆଇଥିବା ମସିଣାକାଟି ଜଙ୍ଗଲକୁ ନେଇ କ୍ରାଇମ ରିକ୍ରିଏସନ କରାଇଛି ପୁଲିସ ।

# ବାଲିଆପାଳର ଆଜାଦ ହିନ୍ଦ୍ ଫାଉଣ୍ଡେସନ ପକ୍ଷରୁ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲିଆପାଳ , ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳର ଆଜାଦ ହିନ୍ଦ୍ ଫାଉଣ୍ଡେସନ ପକ୍ଷରୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସି ଏଚ୍ ସି) ପରିସରରେ ଡିସେମ୍ବର ୭ ତାରିଖ ରବିବାର ଦିନ ସଫେଇ କାର୍ଯ୍ୟ ସହ ବ୍ୟାପକ ବୃକ୍ଷ ରୋପଣ କରା ଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ଅଧ୍ୟକ୍ଷ ସନାତନ ଗଙ୍ଗେଇ ସମ୍ପାଦକ ବିଶ୍ୱ ରଞ୍ଜନ ସେଠୀ ଉପ ସମ୍ପାଦକ ପ୍ରଭାତ ରଞ୍ଜନ ଦାସ ସମେତ ଚନ୍ଦ୍ରକାନ୍ତ ଦାସ, ସଞ୍ଜୟ କୁମାର ଦାସ, କାଞ୍ଚନ ବାଳା ଦାସ, ସଞ୍ଜିତା ଜେନା, ସୁମିତ୍ରା ସାହୁ, ମଦନମୋହନ ଦାସ, ବିକ୍ରମ ଦେ, ମଦନମୋହନ ଧଳ ଓ ଅନ୍ୟାନ୍ୟ ସଦସ୍ୟ ଗଣ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଭାଇଜର ରମାନାଥ କର ଆବଶ୍ୟକ ସ୍ଥଳେ ସଦସ୍ୟ ମାନଙ୍କୁ ସହଯୋଗ କରିଥିଲେ। ପ୍ରାପ୍ତ ସୂଚନା ଅନୁସାରେ ଏହି ସଂଗଠନ ୨୦୨୩ ମସିହା ଜାନୁୟାରୀ ୨୩ ତାରିଖ ଭାରତ ମାତାଙ୍କ ଅଜେୟ ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମହାମନା ପ୍ରଦ୍ୟୁମ୍ନ ମହାଲିକଙ୍କ ନିର୍ଦ୍ଦେଶନାରେ ବାଲିଆପାଳ ଶାରିରୀକ ପ୍ରଶିକ୍ଷଣ ମହାବିଦ୍ୟାଳୟ ନିକଟସ୍ଥ ଚକବ୍ରହ୍ମ ଗାଁ ଠାରେ ପ୍ରତିଷ୍ଠା କରା ଯାଇଥିଲା। ସେହି ଦିନରୁ ପରିବେଶ ସୁରକ୍ଷା ସହ ସମାଜର ଗରିବ ଶ୍ରେଣୀର ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟ ନେଇ ଏହି ସଂସ୍ଥା ଆଗେଇ ଚାଲିଛି । ଶୀତ ଦିନରେ ଗରିବ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ ହେଉ ବା ବନ୍ୟା ପ୍ରପୀଡ଼ିତଙ୍କୁ ଆବଶ୍ୟକୀୟ ସହଯୋଗ ଯୋଗେଇବାରେ ହେଉ ଫାଉଣ୍ଡେସନ ଅଗ୍ରଣୀ ଭୂମିକା ନିର୍ବାହ କରିଛି । ସୂଚନା ଅନୁଯାୟୀ ସଂଗଠନ ଦ୍ୱାରା ଚଳିତ ବର୍ଷ ଦୁର୍ଗା ପୂଜା ସମୟରେ ପ୍ରାୟ ୧୨୦୦ ଟି ଚାରା ବୃକ୍ଷ ବଣ୍ଟନ କରା ଯାଇଥିଲା। ଚଳିତ ଶୀତ ଋତୁରେ ଗରିବ ଅସହାୟ ବୁଢ଼ା ବୁଢ଼ୀଙ୍କୁ କମ୍ବଳ ପ୍ରଦାନ କରା ଯାଇଛି । ଆଜାଦ ହିନ୍ଦ୍ ଫାଉଣ୍ଡେସନର ଏତାଦୃଶ ସମାଜୋପଯୋଗୀ କାର୍ଯ୍ୟ ଯୋଗୁଁ ଏହା ବାଲିଆପାଳ ବାସୀଙ୍କ ମଧ୍ୟରେ ଉଚ୍ଚ ପ୍ରଶଂସିତ ହୋଇ ପାରିଛି।

# ବାରିପଦାକୁ ସମୃଦ୍ଧ ସହର କେନ୍ଦ୍ରୀୟ ଯୋଜନାରେ ସାମିଲ ପାଇଁ ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସାଂସଦ ମମତା ମହାନ୍ତ



ବାରିପଦା , ୦୭/୧୨ (ନି.ପ୍ର): ଓଡିଶାରେ ସମୃଦ୍ଧ ସହର କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ରାଜ୍ୟସଭା ସାଂସଦ ମମତା ମହାନ୍ତ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହିତ ସମୃଦ୍ଧ ସହର ଯୋଜନରେ ଓଡିଶାର ଝାରସୁଗୁଡା, ସମ୍ବଲପୁର, ବରଗଡ଼, ଜୟପୁର, କୋରାପୁଟ, ସୁନାବେଢା, ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ପୁରୀ ଭୁବନେଶ୍ୱର, ପାରାଦ୍ୱୀପ, କଟକ ଆଦି ସହର କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଓଡିଶାର ସବୁଠାରୁ ବଡ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରକୁ ଏଥିରେ ସ୍ଥାନ ଦିଆଯାଇ ନଥିବାରୁ ଶ୍ରୀମତୀ ମହାନ୍ତ ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପତ୍ର ସଂଖ୍ୟା ୩୫ ତା ୫.୧୨.୨୫ ରିଖ ପତ୍ରରେ ବାରିପଦା ସହରକୁ ସମୃଦ୍ଧ ସହର କେନ୍ଦ୍ରୀୟ ଯୋଜନରେ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରର ନକଲ ଓଡିଶା ସରକାରଙ୍କ ଗୃହ, ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର ଙ୍କୁ ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅନୁରୋଧ କରିଛନ୍ତି। ସାଂସଦ ମମତା ମହାନ୍ତ ଙ୍କର ଏଭଳି ପ୍ରସ୍ତାବକୁ ଆଇନଜୀବୀ କମଳାକାନ୍ତ ଦାସ, ଶିକ୍ଷାବିତ ଡ଼ ଶ୍ୟାମସୁନ୍ଦର ଦାସ, ଡ଼ ପୁଷ୍ପା ପାତ୍ର, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଓ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ର ବରିଷ୍ଠ ସଦସ୍ୟ ତଥା ଓଡିଶା ଓକିଲ ସଙ୍ଘ ର କୋ - ଚେୟାରମ୍ୟାନ ଜୀବନ କୁମାର ସାହୁ ପ୍ରମୁଖ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମୃଦ୍ଧ ସହର କେନ୍ଦ୍ରୀୟ ଯୋଜନାରେ ବାରିପଦା ସହରକୁ ଅନ୍ତର୍ଭୁକ୍ତ କରିବାକୁ ଦୃଢ଼ ଦାବି କରିଛନ୍ତି।

## ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭଦ୍ରକ କ୍ଲଷ୍ଟରସ୍ତରୀୟ ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ

ଭଦ୍ରକ , ୦୭/୧୨ (ନି.ପ୍ର): ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ ରେ କ୍ଲଷ୍ଟର ସ୍ତରୀୟ ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଅବସରରେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ , କ୍ଲଷ୍ଟର ସ୍ତରୀୟ କ୍ଷୁଦ୍ର ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ଏବଂ ସମ୍ବର୍ଦ୍ଧିତ ବକ୍ତବ୍ୟ ପ୍ରଦାନ ପୂର୍ବକ ଛାତ୍ର ଛାତ୍ରୀ ମାନଙ୍କର ଉତ୍ସାହ ବୃଦ୍ଧି କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ ଙ୍କ ଦ୍ୱାରା ଅତିଥି ପରିଚୟ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ନୃତ୍ୟ, ଗୀତ, ଇଂରାଜୀ କାହାଣୀ କଥନ ଓ କବିତା ଆବୃତ୍ତି , ହିନ୍ଦୀ କାହାଣୀ କଥନ ଓ କବିତା ଆବୃତ୍ତି ପରି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ କେ.ଭି ଆନନ୍ଦପୁର, କେ.ଭି ବାଲେଶ୍ୱର ୧ , କେ.ଭି ବାଲେଶ୍ୱର ୨ , କେ.ଭି ଭଦ୍ରକ, କେ.ଭି ଯାଜପୁର, କେ.ଭି ବ୍ୟାସନଗର, କେ.ଭି କେଉଁଝର, କେ.ଭି ରାଇରଙ୍ଗପୁର, କେ.ଭି ଚମ୍ପୁଆ, କେ.ଭି ବାରିପଦା, କେ.ଭି ମୁର୍ଗାବାଡି ର ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।

# ପରମ ପ୍ରଭୁ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠାନର ମହାମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର, ୦୭/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ବର୍ତ୍ତନା ଶ୍ରୀ ଅରବିନ୍ଦ ଭବନ ପକ୍ଷରୁ ଚଳିତ ମାସ ୧୪ ତାରିଖ ରବିବାର ହେବାକୁ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ପରମ ପ୍ରଭୁ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠାର ମହା ମହୋତ୍ସବ ଉତ୍ସବ ପାଇଁ ଦିନ ୧୦ ଘଟିକା ସମୟରେ ଅନୁଷ୍ଠାନର ସଂପାଦକ ସନ୍ଦିବ କୁମାର ସାମଲ ଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।୧୪ ତାରିଖ ସକାଳ ୬ ଘଟିକା ସମୟରେ ଭାରତର ଆଧାତ୍ମିକ ପତାକା ଉତ୍ତୋଳନ, ବନ୍ଦେ ମାତରଂ ଏବଂ ମାତୃ ପ୍ରକୋଷ୍ଠରେ ନାମଜପ ଶୁଭାରମ୍ଭ କରାଯିବ ।୮.୩୦ ମିନିଟ ସମୟରେ ଭେଲୋରା ଶ୍ରୀଅରବିନ୍ଦ ସାହିତ୍ୟ ମନ୍ଦିର ଠାରୁ ବର୍ତ୍ତନା ଶ୍ରୀଅରବିନ୍ଦ ସାଧନ ମନ୍ଦିର ପର୍ଯ୍ୟନ୍ତ ବନ୍ଦେମାତରଂ ସଙ୍ଗୀତ ସହ ଶୋଭାଯାତ୍ରା ଅନୁଷ୍ଠିତ ହେବ ।୧୧.୩୦ ମିନିଟ ସମୟରେ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ଆଶ୍ରମ ପରିସରକୁ ଆସିଲା ପରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରେ ପରମ ପ୍ରଭୁ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତୀ ସମ୍ମାନ ପ୍ରଦର୍ଶନ କରାଯିବ। ତା ପରେ ସର୍ବସଧାରଣ ଦର୍ଶନ କରିପାରିବେ ।୩ ଘଟିକା ସମୟରେ ସର୍ବସଧାରଣ ଦର୍ଶନ ମଣ୍ଡପରୁ ଧ୍ୟାନ ମନ୍ଦିରକୁ ପ୍ରଭୁଙ୍କ ଶ୍ରୀତନୁ ପ୍ରବେଶ କରିବେ ।ସମବେତ ଧ୍ୟାନ ପରେ ଭାରତର ଆଧାତ୍ମିକ ପତାକା ଅବତରଣ କରାଯିବ ବୋଲି ସମ୍ପାଦିକା ଅର୍ଚ୍ଚନା ସାମଲ, ସଭ୍ୟ ବୈଦ୍ୟନାଥ ବେହେରା ଓ ନରେନ୍ କୁମାର ବାରିକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଟେକ୍ ଇନ୍ ଟୁରିଜିମ କନକ୍ଲେଭ ଆୟୋଜିତ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ ଠାରେ ରେଟ୍ରୋଡ ଟେକନୋଲୋଜି ପ୍ରାଇଭେଟ ଲିମିଟେଡ ପକ୍ଷରୁ ଟେକ ଇନ ଟୁରିଜିମ କନକ୍ଲେଭ ଆୟୋଜିତ ହୋଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଦ କ୍ରାଉନ ଓ ଡାଲମା ହୋଟେଲ ମୁଖ୍ୟ ଶ୍ରୀ ଦେବାଶିଷ ପଟନାୟକ, ମଲ ଆଇକ୍ୟୁ ମୁଖ୍ୟ ଶ୍ରୀ ନଚିକେତା ଦାସ,ତତ୍ତ୍ୱ ଟେକନୋଲୋଜି ମୁଖ୍ୟ ଶ୍ରୀ ଏ କେ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ପର୍ଯ୍ୟଟନ କ୍ଷେତ୍ରକୁ କିଭଳି ଭାବେ ଆହୁରି ଅଧିକ ବିକାଶ କରାଯିବା ସହ କିଭଳି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରିବ ସେନେଇ ଏହି କନକ୍ଲେଭରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ସୋମବାର, ଡିସେମ୍ବର ୦୮, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସୁବର୍ଣ୍ଣରେଖା ଏବଂ ରାଇବଣିଆ ମଣ୍ଡଳ ସ୍ତରୀୟ ସାଂଗଠନିକ ବୈଠକ

ଜଳେଶ୍ୱର, ୦୭/୧୨ (ନି.ପ୍ର): ଜଳେଶ୍ୱର ଭାରତୀୟ ଜନତା ପାର୍ଟି ପକ୍ଷରୁ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତ ଗହିରାଖାଲ ଠାରେ ଥିବା ଡାକ ବଙ୍ଗଳା ପରିସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ସ୍ୱାଭିମାନ ମାଟି ସୁବର୍ଣ୍ଣରେଖା ମଣ୍ଡଳ ଏବଂ ରାଇବଣିଆ ମଣ୍ଡଳ ସ୍ତରୀୟ ସାଂଗଠନିକ ବୈଠକ ଯୁବ ନେତା କାଳୀଚରଣ ଦାସଙ୍କ ପରିଚାଳନାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଙ୍କ ନେତୃତ୍ୱରେ ରାଇବଣିଆ ମଣ୍ଡଳ ଏବଂ ସୁବର୍ଣ୍ଣ ରେଖା ମଣ୍ଡଳର ଭାରତୀୟ ଜନତା ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତା କର୍ମକର୍ତ୍ତା ମାନଙ୍କୁ ନେଇ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବାଲେଶ୍ୱରର ଲୋକ ପ୍ରିୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଜିଲ୍ଲା ପ୍ରତିନିଧି ଶ୍ରୀଯୁକ୍ତ ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲାର ବରିଷ୍ଠ ନେତା ଶ୍ରୀଯୁକ୍ତ ଉମାକାନ୍ତ ମହାପାତ୍ର, ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ।ସମସ୍ତ ମଣ୍ଡଳ ସଭାପତି ସରପଞ୍ଚ ଓ ସମିତିସଭ୍ୟ ନାରୀନେତ୍ରୀ ଯଥା ସଞ୍ଜୀବ ଜେନା,ଅନୁପ ପ୍ରଧାନ,ସୁମତୀ ଦେ,ଫାଲଗୁନୀ ପାଣିଗ୍ରାହୀ,ନଗର ସଭାପତି ଶିବ ନାରାୟଣ ମହାପାତ୍ର,ଶ୍ରୀକଣ୍ଠ ମହାନ୍ତି,ରାଜେଶ ଖଟୁଆ,ଅନିଲ ସାହୁ,ସରପଞ୍ଚ ଜୟକୃଷ୍ଣ ଅଣ୍ଡିଆ,ରାଜେଶ ଜେନା,ସମ୍ଭୁନାଥ ଜେନା,ରଞ୍ଜନ ମହାନ୍ତି,ସୁଶାନ୍ତ ପ୍ରଧାନ,ରାଧାକୃଷ୍ଣ ବେହେରା,ସରପଞ୍ଚ ବିପିନ ବିଶ୍ୱାଳ,ସମିତି ସଭ୍ୟ ତ୍ରିଲୋଚନ ଦାସ,ଗଣେଶ ସୋରେନ,ମୁକୁନ୍ଦ ଜେନା,ଲକ୍ଷ୍ମୀଧର ବେହେରା,ବରିଷ୍ଠ ନେତା ଭୁପତି ମିର୍ଦ୍ଧା,ରାସ ବିହାରି ରଣା,ବିଶ୍ୱରୂପ ଦାସ,ରାଜେନ୍ଦ୍ର ନାରାୟଣ ପାତ୍ର,ବିଜୟ ସାମଲ,ସଞ୍ଜୀବ ସେନାପତି,ତରୁଣ ପଟ୍ଟନାୟକ ଉପସ୍ଥିତ ହୋଇ କାର୍ଯ୍ୟକର୍ତ୍ତା ମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଲୋକଙ୍କ ପାଖରେ ପହଞ୍ଚେଇବା ଓ ସଂଗଠନ କୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ।

# ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ ଉତ୍ସବ



ବସ୍ତା ୭।୧୨(ନିପ୍ର): ବସ୍ତା ବ୍ଲକ୍ ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଭୁପାଳ ଚନ୍ଦ୍ର ମହାପାତ୍ର ଉଚ୍ଚ ବିଦ୍ୟାଳୟର ୧୯୯୬ ମସିହା ବ୍ୟାଚ୍ ଛାତ୍ର ଓ ଶିକ୍ଷକଙ୍କୁ ନେଇ ରବିବାର ବିଦ୍ୟାଳୟ ପରିସରରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିବାସ ଦାସ ୨୯ ବର୍ଷ ପୂର୍ବେ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ସରକାରୀ/ ବେସରକାରୀ ଅନୁଷ୍ଠାନ ମାନଙ୍କରେ ନିୟୋଜିତ ଥିବା ଜାଣି ସେମାନଙ୍କ ଉଦ୍ଦେଶ୍ୟରେ ସଫଳ ଛାତ୍ରଛାତ୍ରୀ ବିଦ୍ୟାଳୟର ଅମୂଲ୍ୟ ସମ୍ପତ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କମଳାକାନ୍ତ ଆଚାର୍ଯ୍ୟ, ସନ୍ତୋଷ ବେହେରା, ବାଳକୃଷ୍ଣ ପ୍ରଧାନ, ନରେନ୍ଦ୍ର ସାମଲ, ଆଶିଷ କୁମାର ଦାସ, ସନ୍ଧ୍ୟାରାଣୀ ଦାସଙ୍କ ସମେତ ପିଅନ ରମେଶ ବେହେରା, ରବୀନ୍ଦ୍ର ବେହେରା, ନିତ୍ୟାନନ୍ଦ ବେହେରା ଓ କ୍ଲାର୍କ ତପନ କୁମାର ଭକ୍ତା ପ୍ରମୁଖ ମଂଚାସିନ ଥିଲେ। ପୁରାତନ ଛାତ୍ର ଆଷୁତୋଷ ବେହେରା ସଭା ପରିଚାଳନା କରିଥିଲେ। ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁଶାନ୍ତ ରାଉଳ,ସରୋଜ ବେହେରା, ସୁରେଶ ବେହେରା, ସୁଷମା ବେହେରା, ଗୀତାରାଣୀ ବେହେରା, ଅମିତା ବେହେରା, ରଞ୍ଜିତା ବେହେରା, ରତ୍ନଶ୍ରୀ ପରିଡ଼ା, ମଞ୍ଜୁଲତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସ୍ତାବକ ବିଦ୍ୟାଧର ବେହେରା ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ପୁରାତନ ଛାତ୍ର ସଂସଦର ସହଯୋଗରେ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ପାଳନ କରାଯିବା ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପ୍ରସ୍ତାବ ଆଗତ କରିଥିଲେ।

# ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ ଭଦ୍ରକ ଶାଖା ସାଧାରଣ ବୈଠକ

ବାସୁଦେବପୁର, ୦୭/୧୨ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ ଭଦ୍ରକ ଶାଖା ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ଅମର ଯୁମର ପ୍ରତାପ ସିଂହ, ସହ ସମ୍ପାଦକ ପ୍ରିୟବ୍ରତ ନାୟକ, ଟି ପି ଏନ ଓ ଡି ଏଲ ଜୋନାଲ ସମ୍ପାଦକ ହରିଶ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ନିଗମାନନ୍ଦ ରାଉତ, ଭଦ୍ରକ ସର୍କଲ ସମ୍ପାଦକ ପ୍ରିୟବ୍ରତ ନାୟକ, ଭଦ୍ରକ ସର୍କଲର ଅର୍ଗା। ନାଇଜର ଆଲୋକ କୁମାର ସାହୁ, ପ୍ରଦିପ ଦାସ, ବିପ୍ଳବ କେଶରୀ ସାମନ୍ତରାୟ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ମହାସଂଘ ପକ୍ଷରୁ ସରକାରଙ୍କ ପାଖରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ଉପସ୍ଥାପନ କରାଯିବ ବୋଲି ସଭାପତି ଓ ସମ୍ପାଦକ ମତ ପ୍ରକାଶ କରିଥିଲେ। ସାତଟି ଜୋନକୁ ନେଇ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭାଗର ଅନେକ କର୍ମଚାରୀ ଯୋଗ ଦେଇଥିଲେ। ବିଭିନ୍ନ କର୍ମଚାରୀ ମାନଙ୍କୁ ଏହି ବୈଠକରେ ଉତ୍ତରୀୟ ଓ ଫୁଲତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ବୈଠକରେ ନିଗମାନନ୍ଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ହରିଶ ଦାସ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବପୁରାତନ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ




ନୀଳଗିରି , ୦୭/୧୨ (ନି.ପ୍ର): ନୀଳଗିରି ମହାବୀର କ୍ଲବପକ୍ଷରୁ ଆୟୋଜିତ ୨୦୨୫/୨୬ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡା ଏବଂ ମୁଖ୍ୟବକ୍ତା ଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ ଉପସ୍ଥିତ ଥିଲେ। କ୍ରୀଡା ହିଁ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିଥାଏ ବୋଲି ନିଜ ଅଭିଭାଷଣରେ ଅତିଥିମାନେ ପ୍ରକାଶ କରିଥିଲେ। କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଖେଳାଳି ଆସୁଛନ୍ତି ବୋଲି ସଭାପତି ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ୱର୍ଗତ କୌଶିକ ରାୟଙ୍କ ସ୍ମୃତିରେ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଭାସ୍କର ବିଶ୍ୱାଳ। ଏହି ଟୁର୍ଣ୍ଣାମେଣ୍ଟ ଆଠ ଦିନ ଧରି ଚାଲିବ ବୋଲି ସମ୍ପାଦକ ପ୍ରକାଶ କରିଥିବା ବେଳେ ଏହି ଅବସରରେ ନୀଳଗିରି ଅଞ୍ଚଳର ବିଭିନ୍ନକ୍ରୀଡା କ୍ଷେତ୍ରରେ ଜିଲ୍ଲା ଏବଂ ରାଜ୍ୟସ୍ତରରେ ଉନ୍ନତଖେଳ ପ୍ରଦର୍ଶନ କରିଥିବା ଖେଳାଳୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟଦେଇ ପୁରସ୍କୃତ କରାଯାଇଥିଲା।

# ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ - ୨୦୨୫ 'ସମ୍ଭବ' ପାଳିତ




ବାରିପଦା , ୦୭/୧୨ (ନି.ପ୍ର): ମୁର୍ଗାବାଡି ସ୍ଥିତ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ ସାଧନାର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ - ୨୦୨୫ 'ସମ୍ଭବ' ପାଳିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଦିବ୍ୟାଙ୍ଗ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କ ମିଳୁଥିବା ସରକାରୀ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିବା ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଶିକ୍ଷକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ସାମାଜିକ ପ୍ରଗତିରେ ଦିବ୍ୟାଙ୍ଗ ସମବେଶୀ ସମାଜକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ୧୧୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କର ଅଭିଭାବକ ଯୋଗଦେଇଥିଲେ ଓ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଆଳି ଚାମୁଚ ପ୍ରତିଯୋଗିତାରେ ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟର ସଞ୍ଜୟ ପାତ୍ର ୧ମ, ଅରବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଓମ ବେହେରା ୨ୟ, ବିର୍ସାମୁଣ୍ଡା ଉଚ୍ଚ ବିଦ୍ୟାଳୟର ଶିବୁ ସିଂହ ୩ୟ, ମ୍ୟୁଜିକ ଚେୟାରରେ ରାଗଧା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁଭଦ୍ରା ମହାନ୍ତ ୧ମ, ବନସ୍ଥଳୀ ବିଦ୍ୟାପୀଠର ଯଶୋଦା ମହାକୁଡ଼ ୨ୟ, ଚେତନା ସେବାଶ୍ରମର ଲକ୍ଷ୍ମୀପ୍ରିୟା ସିଂ ୩ୟ, ବଲ ପାସିଙ୍ଗରେ ତଳସାହି ପ୍ରାଥମିକ ବିଦ୍ୟାଳୟର ମେଘରାଇ ହେମ୍ବ୍ରମ ୧ମ, କେନ୍ଦ୍ରୀୟ ବିଦ୍ୟାଳୟର ୟାଶ ବିଶ୍ୱାଳ ୨ୟ, ବିର୍ସାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପବିତ୍ର କୁମାର ମୁର୍ମୁ ୩ୟ, ବଲିଂ ଥ୍ରୋ ରେ ତଳସାହି ପ୍ରାଥମିକ ବିଦ୍ୟାଳୟର ମେଘରାଇ ହେମ୍ବ୍ରମ ୧ମ, ଶରତ ଚନ୍ଦ୍ର ବିଦ୍ୟାପୀଠର ଶିବ ପ୍ରସାଦ ସିଂ ୨ୟ, ଅରବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭମ ବେହେରା ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଓ ପୁରୁଣାହାଟସାହି ପ୍ରାଥମିକ ବିଦ୍ୟାଳୟର ପରିତୋଷ ପ୍ରଧାନଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିବା ବେଳେ ଅଧିକ ଭିନ୍ନକ୍ଷମତା ଯୋଗୁଁ ସ୍କୁଲକୁ ଆସିପାରୁନଥିବା ଭଞ୍ଜଭୂମି ଉଚ୍ଚ ବିଦ୍ୟାଳୟର ଅଭିଜିତ ମଲ୍ଲିକ ଓ ଅଙ୍କିତା ପଲେଇଙ୍କୁ ଗୃହଭିତ୍ତିକ ଶିକ୍ଷା ନିମନ୍ତେ ଟାବଲେଟ ପ୍ରଦାନ କରାଯାଇଥିଲା ଓ ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ ଓ ଗୋଷ୍ଠୀ ସାଧନ କର୍ମୀ ଦିଲ୍ଲୀପ କୁମାର ଦାସ ଓ ରେଖାରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ଓ ଉକ୍ତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସାଧନାର ସମସ୍ତ କର୍ମୀ, ସମସ୍ତ ସି ଆର ସି ସି ତଥା ଡାଏଟ, ବାରିପଦା ଓ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖଇରା ବ୍ଲକର ୩ ପ୍ରମୁଖ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ



ଖଇରା, ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ମୁଖ୍ୟମନ୍ତ୍ରୀ ସଡକ ଯୋଜାନରେ ଅନ୍ତର୍ଭୁକ୍ତ ହୋଇଥିବା ୩ ପ୍ରମୁଖ ସଡକ ପଥର ଶିଳାନ୍ୟାସ ରବିବାର ଦିନବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ୨କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଧୋବାଗଡିଆ ତାରିଣୀ ଛକ ଠାରୁ ଭାୟା କୁମ୍ଭକା ଦେଇ ନହଙ୍ଗଛକ ପର୍ଯ୍ୟନ୍ତ ସାଢେ ୩କିମି ରାସ୍ତାର ଭୁମି ପୂଜନ କରାଯାଇଥିଲା । ବ୍ରଜ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ରବିନ୍ଦ୍ର ନାୟକ,ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର,ସମିତି ସଭ୍ୟ ଅଜିତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁ, କନିଷ୍ଠ ଯନ୍ତ୍ରୀ ମନୋଜ ସାମନ୍ତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ୨କୋଟି ୪୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନଟାପଡା ଆରଡି ରାସ୍ତାରୁ ଜିଆଣିପଦା କଣ୍ଟିଗଡିଆ ଦେଇ ଫତେପୁର ପର୍ଯ୍ୟନ୍ତ ଲମ୍ବିଥିବା ୩କିମି ରାସ୍ତାର ଶିଳାନ୍ୟାସ କରାଯାଇଥିଲା । ବିଧାୟକ, ଅଧ୍ୟକ୍ଷାଙ୍କ ସମେତ ଜିଆଣିପଦା ଗ୍ରାମର କ୍ୟାପଟେନ ରଘୁନାଥ ପାତ୍ର, ପ୍ରହଲ୍ଲାଦ ଗାହଣ ପ୍ରମୁଖ ଆୟୋଜିତ ସଭାରେ ଉପସ୍ଥିତ ଥିଲେ । ସେହିଭଳି ୪କୋଟି ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଔପଦା ପୂର୍ତ୍ତ ବିଭାଗ ରାସ୍ତାରୁ ଭାୟା ଜୟୀପୁର ଦେଇ ଶ୍ରୀରାମପୁର ପର୍ଯ୍ୟନ୍ତ ୪କିମି ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବା ପରେ ଆଇନଜିବୀ ଉପେନ୍ଦ୍ର ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସୁଦର୍ଶନ ମହାରଥା, ମନୋଜ ପାତ୍ର, ସୌମ୍ୟରଞ୍ଜନ ନାୟକ, ଶିତିକଣ୍ଠ ପଣ୍ଡା ପ୍ରମୁଖ ଉକ୍ତ ଶିଳାନ୍ୟାସ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା-ଜିଆଣିପଦା ଓ ଶ୍ରୀରାମପୁର ରାସ୍ତା ପାଇଁ ଲଗାଯାଇଥିବା ଫଳକରେ ସରପଞ୍ଚ ଓ ସମିତି ସଭ୍ୟାଙ୍କ ନାମ ରଖାନଯିବା କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ବିଜେଡି ସରକାର ସମୟରେ ରାସ୍ତା ଚିଠା ଯାଇଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା କରାଯିବା ଦୁର୍ଭାଗ୍ୟର ବିଷୟ ବୋଲି ଖଇରା ସରପଞ୍ଚ ମାଳତୀ ଲତା ସେଠୀ ପ୍ରତିକ୍ରିୟାରେ କହିଛନ୍ତି ।

# କୃଷି ଋଣ କରାଇବା ନାମରେ ଲାଂଚ : ବ୍ୟାଙ୍କ ପରିଚାଳକ ଓ କର୍ମଚାରୀ ଗିରଫ

ନୂଆଦିଲ୍ଲୀ, ୦୭/୧୨ (ନି.ପ୍ର): କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଉତର ପ୍ରଦେଶର ଆଜମଗଡ଼ ଜିଲ୍ଲାରେ ଥିବା ଉତର ପ୍ରଦେଶ ଗ୍ରାମୀଣ ବ୍ୟାଙ୍କର ଦୁର୍ବାଶା ଶାଖାର ଶାଖା ପରିଚାଳକ ଏବଂ ଜଣେ ଚୁକ୍ତିଭିତିକ କର୍ମଚାରୀଙ୍କୁ ୨୦ ହଜାର ଟଙ୍କା ଲାଂଚ ନେବାବେଳେ ଗିରଫ କରିଛି। ଉଭୟଙ୍କ ବିରୁଦ୍ଧରେ କିଷାନ କ୍ରେଡିଟ୍ କାର୍ଡ (କେସିସି) ଋଣ ମଞ୍ଜୁର କରିବା ପାଇଁ ଲାଂଚ ଦାବି କରିବାର ଅଭିଯୋଗ ରହିଛି। ଗିରଫ ଅଭିଯୁକ୍ତ ଶ୍ରବଣ ଟଣ୍ଡନଙ୍କୁ (ଶାଖା ପରିଚାଳକ) ଏବଂ ବିଶ୍ୱରାମଙ୍କୁ (ଠିକା କର୍ମଚାରୀ) ଭାବରେ ଚିହ୍ନଟ କରାଯାଇଛି। ଉଭୟ ଆଜମଗଡ଼ରେ ଉତର ପ୍ରଦେଶ ଗ୍ରାମୀଣ ବ୍ୟାଙ୍କର ଦୁର୍ବାଶା ଶାଖାରେ ନିଯୁକ୍ତ ଥିଲେ।

# ଗୋଆ ଅଘଟଣକୁ ନେଇ ଦୁଃଖ ପ୍ରକାଶ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଗୋଆ ଅଘଟଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଗୋଆରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡରେ ଏତେ ଅଧିକ ଲୋକଙ୍କ ମୃତ୍ୟୁ ସମ୍ବନ୍ଧିତ ଖବର ଶୁଣି ଗଭୀର ଭାବେ ଦୁଃଖିତ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି, ସେହି ଶୋକାକୁଳ ପରିବାରମାନଙ୍କ ସହିତ ମୋର ସମବେଦନା ଏବଂ ପ୍ରାର୍ଥନା ରହିଛି । ଆହତମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ପ୍ରାର୍ଥନା କରୁଛି।

# "ବାରୁଣୀ" ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଦାବି ଜଣାଇଲେ ସରପଂଚ ସୀତାମଣି



ଉଦଳା , ୦୭/୧୨ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ୍ ଅନ୍ତର୍ଗତ ଟିଟିଆ ପଞ୍ଚାୟତ ମଧ୍ୟରେ ରହିଛି ଢୁଢ଼େଶ୍ୱର ମହାଦେବଙ୍କ ପୀଠ । ପାହାଡ଼ ଓ ଝରଣାର ସୁନ୍ଦର ମନୋରମ ପରିବେଶକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ବିଶେଷ କରି ଶିବରାତ୍ରୀ ଦିନ ଉକ୍ତ ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଦେଖିବାକୁ ମିଳିଥାଏ । ଦୀର୍ଘ ବର୍ଷ ତଳୁ ଢୁଢ଼େଶ୍ୱର ମହାଦେବ ଏଠାରେ ପୂଜା ପାଇଁ ଆସୁଥିଲେ ମଧ୍ୟ ମନ୍ଦିର ନିର୍ମାଣ କାମ ଏପର୍ଯ୍ୟନ୍ତ ସରିନାହିଁ । ଏଥିପାଇଁ ସ୍ଥାନୀୟସରପଞ୍ଚ ସୀତାମଣି ହେମ୍ବ୍ରମ କ୍ଷୋଭ ପ୍ରକାଶ କରିବା ସହ ମନ୍ଦିର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି । ବର୍ଷ ସାରା ଗଙ୍ଗାହାର ନଦୀ ଜଳରେ ବୁଡ଼ି ରହିଥିବା ଏହି ମହାଦେବ ଗ୍ରୀଷ୍ମ ଋତୁରେ ନଦୀରେ ପାଣି କମିଗଲେ ଆଖିକୁ ଦେଖାଯାନ୍ତି । ସେ ସମୟରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ । ଏହାକୁ ବାରୁଣୀ କୁହାଯାଏ । ଏହା ମୁଖ୍ୟତଃ ଦୋଳ ପୂର୍ଣ୍ଣିମାର ୧୧ ଦିନ ପରେ ପଡ଼ିଥାଏ । ସେ ସମୟରେ ଏଠାରେ ମେଳା ବସେ । ଏହା ବାରୁଣୀ ମେଳା ନାମରେ ଖ୍ୟାତ । ତାହାଛଡ଼ା ଆଦିବାସୀ ଲୋକେ ଏଠାରେ ଅସ୍ଥି ବିସର୍ଜନ ମଧ୍ୟ କରିଥାନ୍ତି । ଏହି ଭଳି ଏଠାରେ ବର୍ଷ ସାରା ଲୋକଙ୍କ ଭିଡ଼ ଲାଗିରହିଥାଏ । ତେବେ ପଂଚଲିଙ୍ଗେଶ୍ୱରକୁ ସରକାର ଟଙ୍କା ଖର୍ଚ୍ଚ କରି ଯେଉଁଭଳି ଆକର୍ଷଣୀୟ କରିଛନ୍ତି ସେହିଭଳି ଢ଼ୋଢ଼େଶ୍ୱର ମହାଦେବଙ୍କ ପୀଠକୁ ମଧ୍ୟ କରନ୍ତୁବୋଲି ସରପଞ୍ଚ ସୀତାମଣି ଦାବି ଜଣାଇଛନ୍ତି । ସୀତାମଣି ନଳଗଜା କଲେଜରେ କଳାରେ +୨ ପାସ କରିବା ପରେ ବିବାହ କରି ଟିଟିଆ ଗ୍ରାମକୁ ଆସିଥିଲେ । ଏଠାରେ ସେ ସିଲେଇ ତାଲିମ ନେବା ପରେ ଘରେ ଏକ ଦୋକାନ ଖୋଲି ପଇସା ରୋଜଗାର କରିଥିଲେ । ଏହି ଦୋକାନରୁ ତାଙ୍କର ଲୋକପ୍ରିୟତା ଆରମ୍ଭ ହୋଇଥିଲା । ଏପରିକି ତାଙ୍କୁ ସରପଞ୍ଚ ପଦରେ ବସାଇବା ପାଇଁ ଏହି ଲୋକପ୍ରିୟ ପାଇଁ ସୁନ୍ଦର ପରିବେଶ ସୃଷ୍ଟି କରିଥିଲା । ଜନଜାଗୃତି ମଞ୍ଚ ତରଫରୁ ପ୍ରଦାନ କରାଯାଇଥିବା ଡ଼ିଜିଟାଲ ସାକ୍ଷରତା ତାଲିମ ସୀତାମଣି ନେଇଛନ୍ତି । ଏହା ତାଙ୍କର କର୍ମ କ୍ଷେତ୍ରରେ ବେଶ୍ ସୁନ୍ଦର କାମରେ ଆସୁଛି ବୋଲି ସେ ଜଣାଇଛନ୍ତି । ଆଗାମୀ ଦିନରେ ସେ ପୁଣି ଥରେ ସରପଞ୍ଚ ନିର୍ବାଚନ ଲଢ଼ିବେ ଓ ନିଶ୍ଚୟ ଜିତିବେ ବୋଲି ଆଶା ବାନ୍ଧିଛନ୍ତି । ସେ ପୁଣି ଥରେ ସରପଞ୍ଚ ହେଲେ ଅଧୁରା ରହିଯାଇଥିବା କାମ ଗୁଡ଼ିକ ପୂରଣ କରିବେ ବୋଲି କହିଛନ୍ତି ।

# ବିଧାନସଭାରେ ଶିକ୍ଷକ ଆନ୍ଦୋଳନ କଥା ଉଠାଇବ କଂଗ୍ରେସ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ବିଧାନସଭାରେ ଶିକ୍ଷକ ଆନ୍ଦୋଳନ କଥା ଉଠାଇବ କଂଗ୍ରେସ । ଏ ନେଇ ସୂଚନା ଦେଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ । ସେ କହିଛନ୍ତି ଆଗକୁ ପରୀକ୍ଷା ଅଛି । ଶିକ୍ଷକ ଭୋକ ଉପାସରେ ରହିଲେ ସମାଜ କେମିତି ଗଢିହେବ । ଶିକ୍ଷକଙ୍କ ଦାବି ସରକାର ଶୁଣିବା ଦରକାର । ଶିକ୍ଷକଙ୍କୁ ତାଙ୍କ ସଠିକ ପ୍ରାପ୍ୟ ଦିଆଯିବା କଥା ବୋଲି ସେ କହିଛନ୍ତି ।

## ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତାଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

# ବେଙ୍ଗାଲୁରୁ ଏୟାରପୋର୍ଟରେ ଇଣ୍ଡିଗୋର ୬୧ ଉଡାଣ ରଦ୍ଦ

ବେଙ୍ଗାଲୁରୁ, ୦୭/୧୨ (ନି.ପ୍ର): ଗତ କିଛି ଦିନ ଧରି ଇଣ୍ଡିଗୋ ଉଡାଣରେ ଅଚଳାବସ୍ଥା ଜାରି ରହିଛି । ଆଜି ବେଙ୍ଗାଲୁରୁର କେମ୍ପେଗାଉଡା ଇଂଟରନ୍ୟାସନାଲ୍ ଏୟାରପୋର୍ଟରୁ ବାହାରୁଥିବା ୬୧ଟି ଇଣ୍ଡିଗୋ ଫ୍ଲାଇଟ୍‌ରେ ରଦ୍ଦ ଘୋଷଣା କରାଯାଇଛି। ଇଣ୍ଡିଗୋ ତାର ଯାତ୍ରୀଙ୍କୁ ବାର୍ତ୍ତା ପଠାଇ ସୂଚନା ଦେଇଛି ଯେ ଆଜି ତାର ଫ୍ଲାଇଟ୍‌ଗୁଡିକ ସଂଚାଳିତ ହେବ ନାହିଁ, ଏବଂ ଦିଲ୍ଲୀ, ହାଇଦ୍ରାବାଦ, ଇନ୍ଦୋର, ରାୟପୁର, କୋଲକାତା, ମଙ୍ଗଲୋର, କୋଚି, ଶ୍ରୀନଗର, ଭୋପାଲ ସହିତ ଅନେକ ମାର୍ଗରେ ଫ୍ଲାଇଟ୍‌ଗୁଡିକ ରଦ୍ଦ ହୋଇଛି। ଏୟାରପୋର୍ଟରେ ଇଣ୍ଡିଗୋ କାଉଂଟରରେ ଯାତ୍ରୀଙ୍କ ଭିଡ଼ କମିଛି କାରଣ କମ୍ପାନୀ ଆଗରୁ ଫ୍ଲାଇଟ୍ ରଦ୍ଦ ହେବା ସୂଚନା ଦେଉଛି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida